

ପୁଣ୍ୟ ଜନ୍ମତିଥିରେ
ଜାତିର ପିତା ମହାତ୍ମା ଗାନ୍ଧୀ
ଏବଂ ଲାଲବାହାଦୁର
ଶାସ୍ତ୍ରୀଜୀଙ୍କୁ
'ସକାଳ' ପରିବାର ପକ୍ଷରୁ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-99 ♦FRIDAY ♦02 OCTOBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୯୯ ♦ଶୁକ୍ରବାର ♦୦୨ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଧାମନଗରରେ ବିଏଲ୍ଓଙ୍କ ଆଇଡି, ଓଟିପିରେ ୩ ହଜାର ଫର୍ମ-୭

# କାହା ଚାପରେ ଏସ୍ଆଇଆର୍ ଜାଲିଆତି !

■ ଭୁବନେଶ୍ୱର/ଭଦ୍ରକ, ୧।୧୦ (ସମିସ): ଏସ୍ଆଇଆର୍‌ରେ ଓଡ଼ିଶାର ୨୦ ଲକ୍ଷ ୫୭ ହଜାରରୁ ଅଧିକ ଭୋଟରଙ୍କ ସମେତ ଦେଶରେ ୧୩ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ ମତଦାତା ସୂଚୀରୁ ବାଦ୍ ପଡ଼ିଛି। ଓଡ଼ିଶାରେ ଅନେକ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ସାରା ଦେଶରେ ଏସ୍ଆଇଆର୍‌କୁ ନେଇ ବିବାଦୀୟ ହୋଇ ପଡ଼ିଥିବା ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ପାଇଁ ଚାପ ବଢ଼ୁଛି। ଏହି କ୍ରମରେ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ଏସ୍ଆଇଆର୍‌ରେ ତଞ୍ଚକତା କରି ଭୋଟରମାନଙ୍କୁ ବାଦ୍ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ଅଜାଣତରେ ସେମାନଙ୍କ ଲଗ୍ଇନ୍ ଆଇଡି ଏବଂ ଓଟିପି ବ୍ୟବହାର କରି ଭୋଟରଙ୍କ ନାମ ବାଦ୍ ପାଇଁ ୩ ହଜାରରୁ ଅଧିକ ଫର୍ମ-୭ ଦାଖଲ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଜଣେ ବିଏଲ୍ଓଙ୍କ ଅଜାଣତରେ ତାଙ୍କ ଆଇଡି ଲଗ୍ଇନ୍ କରାଯାଇ ଭୋଟରଙ୍କ ନାମ ବାଦ୍ ନିମନ୍ତେ ୨୨୭ଟି ଫର୍ମ-୭ ଦାଖଲ ଘଟଣା ଡିଜିଟାଲ୍ ଭୋଟର ତାଲିକା ପ୍ରକ୍ରିୟାର ସୁରକ୍ଷାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ତେବେ ଏହିସବୁ ଜାଲିଆତି ପଛରେ କିଏ ରହିଛି; କାହା ଚାପରେ ଓ କେଉଁ ଉଦ୍ଦେଶ୍ୟରେ ଏହା କରାଯାଉଛି, ତାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି।



**ଗୋଟିଏ ଲଗ୍ଇନ୍‌ରେ ୨୨୭ ଥର ଆବେଦନ**

**ବାଦ୍ ମତଦାତାଙ୍କ ମଧ୍ୟରେ ୯୦% ସଂଖ୍ୟାଲଘୁ ବର୍ଗ**

**ନିଲମ୍ବିତ ଏଆର୍ଓଙ୍କ ବିରୋଧରେ ହେବ ଚାର୍ଜସିଟ୍**

ଅଭିଯୋଗ ଅନୁସାରେ, ବିଏଲ୍ଓ ନିରୂପମା ତ୍ରିପାଠୀଙ୍କ ଅଜାଣତରେ ୨୨୭ଟି ଫର୍ମ-୭ ଦାଖଲ ହୋଇଛି। ସେହିପରି ଅନ୍ୟ ବିଏଲ୍ଓଙ୍କ ଲଗ୍ଇନ୍‌ରେ ମଧ୍ୟ ଭୋଟର ସୂଚୀରୁ ମତଦାତାଙ୍କ ନାମ ବାଦ୍ ଦେବା ପାଇଁ ଶତାଧିକ ଆବେଦନ ହୋଇଛି। କେବଳ ଧାମନଗର ବିଧାନସଭା କ୍ଷେତ୍ରରେ ଏଭଳି ୩ ହଜାରରୁ ଅଧିକ ଫର୍ମ-୭ ଦାଖଲ ହୋଇଥିବା ରିପୋର୍ଟ ସାମ୍ନାକୁ ଆସିବା ପରେ ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକରେ ମଧ୍ୟ ଅନୁରୂପ ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ଅନ୍ୟପକ୍ଷରେ ଧାମନଗରରେ ମତଦାତା ସୂଚୀରୁ ଫର୍ମ ୭ରେ ନାମ ବାଦ୍ ଦେବା ପାଇଁ ଆବେଦନ ମଧ୍ୟରେ ୯୦%ରୁ ଉର୍ଦ୍ଧ୍ୱ ଭୋଟର ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ସୂଚନା ମିଳିଛି। ଯାଞ୍ଚ ସମୟରେ ଏହି ଭୋଟରଙ୍କ ନାମ ବୈଧ ଥିବା ଓ ଅନେକଙ୍କ ନାମ ୨୦୦୨ ମସିହା ପୁରୁଣା ଭୋଟର ତାଲିକାରେ ଥିଲେ ମଧ୍ୟ ସେମାନଙ୍କ ନାମକୁ ମତଦାତା ସୂଚୀରୁ ହଟାଇବାକୁ ଫର୍ମ-୭ରେ ଆବେଦନ ହୋଇଛି।

ପୂର୍ବରୁ ଧାମନଗରର ପ୍ରାୟ ୧୦ ଜଣ ବିଏଲ୍ଓ ସେମାନଙ୍କର ଲଗ୍ଇନ୍ ଓ ପାସୱାର୍ଡର ଅପବ୍ୟବହାର କରାଯାଇଥିବା ଅଭିଯୋଗ ▶ପୃଷ୍ଠା-୭

### ଏକାଠି ହେଲେ ବିରୋଧୀ ଦଳ ଓ ସାମାଜିକ ସଂଗଠନ

# ଆଜିଠୁ ଜ୍ଞାନେଶ ହଟାଅ ଅଭିଯାନ

■ ନୂଆଦିଲ୍ଲୀ, ୧।୧୦ (ଏଜେନ୍ସି): ଏସ୍ଆଇଆର୍‌କୁ ନେଇ ବିବାଦ ଘେରରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆସନ୍ତାକାଲି ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଯାଉଛି ବଡ଼ ଧରଣର ଆନ୍ଦୋଳନ। ରାସ୍ତାକୁ ଓହ୍ଲାଇବେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ନାମରେ ୧୩ କୋଟି ଭୋଟରଙ୍କ ନାମ କାଟିଥିବା ଜ୍ଞାନେଶଙ୍କ ବିରୋଧରେ କମ୍ପିବ ରାଜରାସ୍ତା। ଏହି ଆନ୍ଦୋଳନରେ ସାମିଲ ହେବେ ବିଭିନ୍ନ ବିରୋଧୀ



**ମୁମ୍ବଇରେ ସିଜେପି, ଦିଲ୍ଲୀରେ ଗର୍ଜିବେ ଆପ୍-କଂଗ୍ରେସ**

**ଅନୁମତି ଦେଉନି ପୁଲିସ, ବ୍ୟାପକ ନିରାପତ୍ତା ବ୍ୟବସ୍ଥା**

ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ଏବଂ କକ୍ରୋଚ ଜନତା ପାର୍ଟି। ତେବେ ଏଥିପାଇଁ ପ୍ରତିବାଦ ସଭାକୁ ଅନୁମତି ଦେବା ଲାଗି ପୁଲିସ ମନା କରିଦେଇଥିବାରୁ ଦିଲ୍ଲୀ ଏବଂ ମୁମ୍ବାଇରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଅନୁମତି ନଦେଲେ ମଧ୍ୟ ସେମାନେ ଆନ୍ଦୋଳନ କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ଆନ୍ଦୋଳନକାରୀ ଘୋଷଣା କରିବା ପରେ ଉଭୟ ଦିଲ୍ଲୀ ଓ ମୁମ୍ବଇରେ ବ୍ୟାପକ ସଂଖ୍ୟାରେ ସଶସ୍ତ୍ର ପୁଲିସ ମୁତୟନ କରାଯାଇଛି। ଜ୍ଞାନେଶଙ୍କୁ ହଟାଇବା ଦାବିରେ ଆସନ୍ତାକାଲି ଠାରୁ କକ୍ରୋଚ ଜନତା ▶ପୃଷ୍ଠା-୭

### ଫର୍ମ-୬ ପରିବର୍ତ୍ତନ ନେଇ କମିସନଙ୍କୁ ରାହୁଲଙ୍କ ପ୍ରଶ୍ନ

## ଟିସିଏସ୍‌କୁ ନିର୍ଦ୍ଦେଶ ଦେଲା କିଏ



■ ନୂଆଦିଲ୍ଲୀ, ୧।୧୦ (ଏଜେନ୍ସି): ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ବ୍ୟବହୃତ ଅନଲାଇନ୍ ଫର୍ମ-୬ରେ ହୋଇଥିବା ପରିବର୍ତ୍ତନକୁ ନେଇ ନିର୍ବାଚନ କମିସନଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଫର୍ମ-୬ରେ ବେଆଇନ ଭାବେ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ କରି ସେ ପଚାରିଛନ୍ତି ଯେ, ଟାଟା କନସଲଟାନ୍ସି ସର୍ଭିସେସ୍ ▶ପୃଷ୍ଠା-୭

## ଇସିଙ୍କ ଅଫିସ ଆଗରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଧାରଣା

■ ବେଙ୍ଗାଲୁରୁ, ୧।୧୦(ଏଜେନ୍ସି): କର୍ଣ୍ଣାଟକରେ ଚାଲିଥିବା ଏସଆଇଆର ବେଳେ ଭୋଟରଙ୍କୁ କାଟିବା ଲାଗି ବ୍ୟାପକ ଜାଲିଆତି ହୋଇଛି। ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଫର୍ମ-୭ର ବ୍ୟାପକ ଦୁରୁପଯୋଗ ହେଉଛି। ଏଭଳି ଜାଲିଆତିର ପ୍ରତିବାଦ କରିବା ସହିତ ଏଥିରେ ସଂପୃକ୍ତ ଲୋକମାନଙ୍କ ବିରୋଧରେ ଅପରାଧିକ ▶ପୃଷ୍ଠା-୭

## ଜ୍ଞାନେଶଙ୍କୁ 'ଭାନିସ୍' କହିଲେ ମମତା

■ ନୂଆଦିଲ୍ଲୀ, ୧।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ 'ଭାନିଶ କୁମାର' ବୋଲି ସମ୍ବୋଧନ କରି ତୀବ୍ର ମନ୍ତବ୍ୟ ଦେଇଛନ୍ତି ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ। ଭୋଟ ଅଧିକାର ଛଡ଼ାଇ ନେବା ପାଇଁ ଦାୟୀ ବ୍ୟକ୍ତିଙ୍କୁ ଦେଶବାସୀ କ୍ଷମା କରିବେ ନାହିଁ ବୋଲି ▶ପୃଷ୍ଠା-୭

## ଓଲଟ ପାଲଟ



ବିନା ହେଲମେଟ୍ ନାହିଁ ଡିଏଲ୍
ନାହିଁ ଗାଡ଼ି ପଞ୍ଜୀକରଣ,
ପଲ୍ୟୁସନ ସାର୍ଟିଫିକେଟ ନଥାଇ
କଟା ହେଲା ଯଦି ଚାଲାଣ।
କରି ପାରିବନି ବାରଣ,
ବିଜୁଳି ଟିକସ ମିଶିକି ଆସିବ
ହେବ ଦୁର୍ଦ୍ଦିନର କାରଣ।
ଲାଇନ ଟା ଯିବ କଟିଣ
ବଞ୍ଚି ଥାଉଁ ଥାଉଁ ମରଣ,
ଅମାନିଆ ଗାଡି ଚାଳକ ଏଣିକି
ସବୁ ସର୍ତ୍ତ କର ପୂରଣ ॥

- ଯାଯାବର

### ଦିଲ୍ଲୀରେ ଶାହାଙ୍କ ଅଧ୍ୟକ୍ଷତାରେ ମହାନଦୀ ବିବାଦ ବୈଠକ

# ସମାଧାନ ନିକଟତର: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୧୦ (ସମିସ): ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବୈଠକ। ବୈଠକରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଷ୍ଣୁଦେବ ସାଏଙ୍କ ସହ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲ, ଦୁଇ ରାଜ୍ୟର ମୁଖ୍ୟ ସଚିବ ଉପସ୍ଥିତ ଥିଲେ। ଏହି ବୈଠକରେ ମହାନଦୀ ଜଳ ବିବାଦ ସଂକ୍ରାନ୍ତରେ ଦୁଇ ରାଜ୍ୟ ମଧ୍ୟରେ ବିସ୍ତୃତ ଆଲୋଚନା ସକାରାତ୍ମକ ଭାବରେ ଶେଷ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ଯେ ଦୁଇ ରାଜ୍ୟ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ



ସକାରାତ୍ମକ ଆଲୋଚନା ହୋଇଛି। ଆମେ ସମାଧାନର ନିକଟତର ହେଉଛୁ, ଖୁବ୍ ଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ। ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ।

ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ରାଜ୍ୟମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ପଥ ଉନ୍ମୁକ୍ତ ହେଉଛି। ସବୁ ରାଜ୍ୟମାନଙ୍କ ପାଇଁ ମହାନଦୀ ଜଳ ବିବାଦ ସମାଧାନ ଏକ ମଡେଲ ଡିସ୍‌ପ୍ୟୁଟ ରିଜୋଲ୍ୟୁସନ୍ ହେବ। ଓଡ଼ିଶାର କୋଟି ▶ପୃଷ୍ଠା-୭

### ଦଶହରାରେ ଲଘୁଚାପ

## ପୂଜା ଭିଜାଇବ ବର୍ଷା

ଭୁବନେଶ୍ୱର, ୧।୧୦ (ସମିସ): ସାଧାରଣତଃ ଅକ୍ଟୋବର ପରେ ବାତ୍ୟା ଋତୁ ଆରମ୍ଭ ହୋଇଥାଏ। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଗୁଡ଼ିକ ଅନେକ ସମୟରେ ବାତ୍ୟାରେ ପରିଣତ ହୋଇଥାଏ। ପୂର୍ବରୁ ଦୁର୍ଗା ପୂଜା ସମୟରେ ବାତ୍ୟା ଆସିବାର ମଧ୍ୟ ନଜିର ରହିଛି। ଏହି କ୍ରମରେ ଆସନ୍ତା ଦୁର୍ଗା ପୂଜା ସମୟରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନାକୁ ନେଇ ଯାବତୀୟ ଆଶଙ୍କା ସୃଷ୍ଟି ହୋଇଛି।

**ଅକ୍ଟୋବର ୧ରୁ ଆରମ୍ଭ ହୋଇଛି ବାତ୍ୟା ଋତୁ**

ଗୁରୁବାର ଆଇଏମ୍‌ଡି ପକ୍ଷରୁ ଜାରି ବିସ୍ତାରିତ ପରିସର ଆକଳନରେ ଆସନ୍ତା ୧୨ ଅକ୍ଟୋବର ବେଳକୁ ଆଣ୍ଡାମାନ ସାଗରକୁ ଦକ୍ଷିଣ ଚାଇନା ସାଗର ପଟୁ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ ବୋଲି କୁହାଯାଇଛି। ଏହା ପ୍ରଭାବରେ ଅର୍ଥାତ ୧୩ ତାରିଖ ▶ପୃଷ୍ଠା-୭

### ରାଜଧାନୀରେ ଚାଞ୍ଚଲ୍ୟ

# ବନ୍ଧୁକ ମୁନରେ ଦୁଷ୍କର୍ମ

■ ଭୁବନେଶ୍ୱର, ୧।୧୦ (ସମିସ): ରାଜଧାନୀରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଭିଆଇଛି ଅମାନବୀୟ କାଣ୍ଡ। ଦୁର୍ବୃତ୍ତ ଜଣଙ୍କ ଏକ ଟେଲିକମ୍ କମ୍ପାନୀରେ ଚାକିରି କରୁଥିବା ଜଣେ ଯୁବତୀଙ୍କ ଭଡ଼ା ଘରେ ପଶି ତାଙ୍କୁ ବନ୍ଧୁକ ମୁନରେ ଦୁଷ୍କର୍ମ କରିବା ପରେ ଫେରାର୍ ହୋଇଯାଇଛି। ଘଟଣାକୁ ଚ୍ୟାଲେଞ୍ଜ ହୋଇଛି। ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।



**ମୁଖା ପିନ୍ଧି ଆସି ଘରେ ପଶିଥିବା ଅଭିଯୋଗ**

**ପୀଡ଼ିତାଙ୍କ ଡାକ୍ତରୀ ମାଇନା, ବୟାନ ରେକର୍ଡ**

**୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି**

ଏହାମଧ୍ୟରେ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୁଲିସ ହାତ ସମ୍ପୂର୍ଣ୍ଣ ଭାବେ ଖାଲି। ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରି ପାରିନାହିଁ କି ଅଭିଯୁକ୍ତ ପାଖରେ ପହଞ୍ଚି ପାରିନି; ଯାହା କମିସନରେଟ୍ ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ଅପରାଧୀଙ୍କ ଖୋଲା

ମିଳିଥିବା ସୂଚନା ମୁତାବକ, ପୀଡ଼ିତାଙ୍କ ବୟସ ୨୬। ସେ ତାଙ୍କ ବଡ଼ ଭଉଣୀ ସହ ନୟାପଲ୍ଲୀ ଅଞ୍ଚଳରେ ଏକ ଘରେ ଭଡ଼ା ରୁହନ୍ତି। ଉକ୍ତ ଘରର ମାଲିକ ସେହି ବିଲ୍ଡିଂର ଦ୍ୱିତୀୟ ମହଲାରେ ରହୁଥିଲା ବେଳେ ପୀଡ଼ିତା ▶ପୃଷ୍ଠା-୭


15001/103/2627





**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

(ହରି ବାବୁ କମ୍ଭମପାଟି)





**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ। ନିଜର ନୀତି ଓ ନୈତିକତା, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ। ତାଙ୍କ ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ଯୁଗେ ଯୁଗେ ବିଶ୍ୱ ପାଇଁ ପ୍ରାସଙ୍ଗିକ।

ଆସନ୍ତୁ, ତାଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତାର ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ନିଜ ନିଜର ଯୋଗଦାନ ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0103

## ବିଶେଷ ଟିପ୍ପଣୀ



ସିଇସି ଜ୍ଞାନେଶ କୁମାରଙ୍କୁ ଭାରତ ରତ୍ନ ଦେଇଦିଅ, ଦୁଇବର୍ଷ ପରେ ତାଙ୍କୁ ଦେଶର ରାଷ୍ଟ୍ରପତି କରିଦିଅ।

- ଓମାର ଅବଦୁଲ୍ଲା



ମୁଖ୍ୟ ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ହେବା ଉଚିତ, ଏଥିରେ ନାଗରିକ ସମାଜର ମଧ୍ୟ ଭୂମିକା ରହିବା ଦରକାର ।

- ଅଭିଜିତ ଦୀପକେ

## ଜେନ୍ Z

ଗତ ୧୨ ବର୍ଷରେ ସବୁଠାରୁ ଯେଉଁ ଖରାପ ଘଟଣା ଘଟିଛି, ସେଥିମଧ୍ୟରୁ ଗୋଟିଏ ହେଉଛି- ଏକ ବର୍ଗର ଲୋକ ଭାବିବାକୁ ଲାଗିଥିଲେ ଯେ, ଦେଶର ଠିକା କେବଳ ସେମାନଙ୍କ ହାତରେ ଅଛି। ଯୁବପିଢ଼ି ଏହି ଧାରଣାକୁ ବଦଳାଇ ଦେଇଛି। ଏହି ଦେଶରେ ପ୍ରତ୍ୟେକଙ୍କର ଅଧିକାର ଅଛି। ତେଣୁ ଆମ ବ୍ୟବସ୍ଥାକୁ ବଦଳାଇବା ପାଇଁ ପ୍ରତ୍ୟେକଙ୍କ ପ୍ରୟାସ ଆବଶ୍ୟକ।

- ସୌରଭ ଦାସ

# ମଝି ଆକାଶର ହିରୋ

## ଛୁରାମାଡ଼ ସତ୍ତ୍ୱେ ୧୮୦ ଜୀବନ ବଞ୍ଚାଇଲେ



ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଦୁବାଇରୁ ଇସ୍ରାଏଲ ଯାଉଥିବା ବିମାନକୁ ଅପହରଣ କରିବା ଲାଗି କୋ ପାଇଲଟଙ୍କ ଉଦ୍ୟମକୁ ବ୍ୟର୍ଥ କରିବା ସହିତ ୧୮୦ ଜଣ ଯାତ୍ରୀ ଓ କର୍ମଚାରୀଙ୍କ ଜବୀନ ବଞ୍ଚାଇଥିବା ଭାରତୀୟ ପାଇଲଟ ସ୍ମିତ ମଛର ଏବେ ଚର୍ଚ୍ଚାରେ । ଏହି ଉଦ୍ୟମକୁ ବ୍ୟର୍ଥ କରିବା ସମୟରେ କୋପାଇଲଟ ତାଙ୍କୁ ଛୁରାମାଡ଼ କରିଥିଲେ । ଏଥିରେ ଗୁରୁତର ହୋଇଥିଲେ ମଧ୍ୟ ତାଙ୍କର ସାହାସ ମଝି ଆକାଶରେ ଏକ ବଡ଼ ଦୁର୍ଘଟଣାରୁ ଫ୍ଲାଏଦୁବାଇ ବିମାନକୁ ରକ୍ଷା କରିପାରିଛି । ସହ-ପାଇଲଟ୍‌ଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଛରଙ୍କ ଗୋଟିଏ ନିର୍ଣ୍ଣାୟକ ପଦକ୍ଷେପ ଯୋଗୁଁ ଫ୍ଲାଇଦୁବାଇ ବିମାନରେ ଥିବା ୧୮୦ ଯାତ୍ରୀ ଓ କର୍ମଚାରୀଙ୍କ ଜୀବନ ରକ୍ଷା ପାଇଛି । ପ୍ରବଳ ରକ୍ତସ୍ରାବ ସତ୍ତ୍ୱେ ସ୍ମିତ ନିଜର ଶେଷ ଶକ୍ତି ବ୍ୟବହାର କରି କକ୍‌ପିଟ୍ ଦ୍ୱାର ଖୋଲିଦେଇଥିଲେ । ଫଳରେ କିଛି ଯାତ୍ରୀ କକ୍‌ପିଟ୍ ଭିତରକୁ ପ୍ରବେଶ କରି ଆକ୍ରମଣକାରୀ ସହ-ପାଇଲଟ୍‌ଙ୍କୁ କାବୁ କରିପାରିଥିଲେ ।

ଇସ୍ରାଏଲୀ ଅଧିକାରୀଙ୍କ କହିବା ଅନୁସାରେ, ଓମାନର ନାଗରିକ ଏହି ସହ-ପାଇଲଟ୍ ବିମାନର ନିୟନ୍ତ୍ରଣ ନେଇ ଏହାକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଚାହୁଁଥିଲେ । ବିରୋଧ ସମୟରେ ସ୍ମିତଙ୍କୁ କୋପାଇଲଟ ଅନେକ ଥର ଛୁରାମାଡ଼ କରିଥିଲେ । ଆକ୍ରମଣ ବେଳେ ବିମାନଟି ହଠାତ୍ ତଳକୁ ଖସିବା ସହ ନିୟନ୍ତ୍ରଣ ହରାଇଥିବା କୁହାଯାଉଛି । ରକ୍ତାକ୍ତ ହୋଇ କକ୍‌ପିଟ୍ ତଳେ ପଡ଼ିଥିବା ସ୍ମିତ ଦ୍ୱାର ଖୋଲିବା ପରେ ଯାତ୍ରୀମାନେ ଭିତରକୁ ପ୍ରବେଶ କରିଥିଲେ। ସେମାନେ ସହ-ପାଇଲଟ୍‌ଙ୍କୁ କାବୁ କରିବା ସହ ବିମାନର ନିୟନ୍ତ୍ରଣ ପୁନଃ ସୁରକ୍ଷିତ କରିବାରେ ସହାୟତା କରିଥିଲେ । ବିମାନରେ ଥିବା ଦାନ୍ତ ଚିକିତ୍ସକ ଡାକ୍ତର ଶୋଟା ମୁସାଏଭ୍ ମଧ୍ୟ ସ୍ମିତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଥିଲେ। ଅଧିକ ରକ୍ତସ୍ରାବ ହୋଇଥିବାରୁ ତାଙ୍କ ଅବସ୍ଥା ଗୁରୁତର ଥିଲା। ପରେ ଯାତ୍ରୀ ଭାବେ ବିମାନରେ ଥିବା ଫ୍ଲାଇଦୁବାଇର ଦୁଇ ଅଫ୍-ଡ୍ୟୁଟି ପାଇଲଟ୍ ବିମାନର ନିୟନ୍ତ୍ରଣ ନେଇଥିଲେ। ସେମାନେ ସାଉଦି ଆରବର ତାବୁକ୍‌ରେ ବିମାନର ଜରୁରୀ ଅବତରଣ କରାଇଥିଲେ। ପରେ ସ୍ମିତଙ୍କୁ ହସ୍ପିଟାଲ୍ ନିଆଯାଇଥିଲା ଏବଂ ତାଙ୍କ ସ୍ଥିତି ଏବେ ସ୍ଥିର ଥିବା ଜଣାପଡ଼ିଛି । କ୍ୟାପଟେନ୍ ସ୍ମିତଙ୍କୁ ଅଧିକ ଓ ଉନ୍ନତ ଚିକିତ୍ସା ପାଇଁ ଦୁବାଇ ଏୟାରଲିଫ୍ଟ କରାଯାଇଛି । ତାଙ୍କ ପରିବାର ପୂର୍ବରୁ ୟୁଏଇରେ ପହଞ୍ଚିଥିବା ସୂଚନା ମିଳିଛି ।ତେବେ କକପିଟରେ ହୋଇଥିବା ଏଭଳି ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏହାପଛରେ କୌଣସି ଆତଙ୍କବାଦୀ ଷଡ଼ଯନ୍ତ୍ର ଥିଲା କି ନାହିଁ, ତାହା ଜାଣିବା ଲାଗି ୟୁନାଇଟେଡ ଆରବ ଏମିରେଟସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

- ରକ୍ତାକ୍ତ ଅବସ୍ଥାରେ କକ୍‌ପିଟ୍ ଦ୍ୱାର ଖୋଲିଥିଲେ ସ୍ମିତ
- ଆତଙ୍କବାଦ ନା ଆଉ କ'ଣ, ତଦନ୍ତ କରୁଛି ୟୁଏଇ

### 'ଭାରତ ଆପଣଙ୍କ ପାଇଁ ଗର୍ବିତ'

## ସ୍ମିତଙ୍କ ପାଇଁ ମୋଦୀ, ନେତନ୍ୟାହୁ, ଟ୍ରମ୍ପଙ୍କ ପ୍ରଶଂସାର ସୁଅ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଫ୍ଲାଇଦୁବାଇ ବିମାନରେ ଗୁରୁତର ବିପଦ ସତ୍ତ୍ୱେ ସାହସିକ ପଦକ୍ଷେପ ନେଇ ବଡ଼ ଦୁର୍ଘଟଣାକୁ ଏଡ଼ାଇଥିବା ଭାରତୀୟ ପାଇଲଟ୍ ସ୍ମିତ ମଛରଙ୍କ ପ୍ରଶଂସାରେ ଏବେ ବିଶ୍ୱର ବଡ଼ ବଡ଼ ନେତାଙ୍କ ସହ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ପାଇଲଟ୍‌ଙ୍କ ସାହସକୁ ପ୍ରଶଂସା କରିଛନ୍ତି। ଗୁରୁତର ଆହତ ହୋଇଥିଲେ ମଧ୍ୟ ବିପଦ ସମୟରେ ତାଙ୍କ ସାହସ



ଓ ଦାୟିତ୍ୱବୋଧ ପ୍ରଶଂସନୀୟ ବୋଲି ମୋଦୀ କହିଛନ୍ତି। ମୋଦୀ ପାଇଲଟ୍‌ଙ୍କ ସାହସକୁ ପ୍ରଶଂସା କରି କହିଛନ୍ତି, 'ଭାରତ ଆପଣଙ୍କ ପାଇଁ ଗର୍ବିତ।' ଜୀବନ ପ୍ରତି ଗୁରୁତର ବିପଦ ଥିବା ସମୟରେ ମଧ୍ୟ ସ୍ମିତ ମଛର ଯେପରି ସାହସ ପ୍ରଦର୍ଶନ କରିଥିଲେ, ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ ଉଲ୍ଲେଖ କରିଛନ୍ତି। ଫ୍ଲାଇଦୁବାଇ ବିମାନରେ ସହପାଇଲଟ୍‌ଙ୍କ ଆକ୍ରମଣରେ କ୍ୟାପ୍ଟେନ୍ ସ୍ମିତ ମଛର ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ମଧ୍ୟ ସେ କକ୍‌ପିଟ୍‌ର ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ। ଏହା ଫଳରେ ବିମାନର ନିୟନ୍ତ୍ରଣ ସମ୍ଭାଳିବା ଓ ସମ୍ଭାବ୍ୟ ବଡ଼ ବିପଦକୁ ଏଡ଼ାଇବା ସମ୍ଭବ ହୋଇଥିଲା ବୋଲି ରିପୋର୍ଟରେ କୁହାଯାଇଛି।

## ଶୀଘ୍ର ଶୁଣାଣି ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ପଶ୍ଚିମବଙ୍ଗ ପୁଲିସ ଫ୍ରିଜ୍ କରିଥିବା ତୃଣମୂଳ କଂଗ୍ରେସର ୪ଟି ବ୍ୟାଙ୍କ ଖାତା ଖୋଲିବା ନେଇ ଦଳ ପକ୍ଷରୁ ଦାଏର ଆବେଦନରେ ଗୁରୁବାର ସୁପ୍ରିମକୋର୍ଟ କୌଣସି ଆଶ୍ୱସ୍ତି ଦେଇନାହାନ୍ତି । ମାମଲାର ଶୀଘ୍ର ଶୁଣାଣି ପାଇଁ କୋଲକାତା ହାଇକୋର୍ଟଙ୍କୁ କହିଛନ୍ତି ସର୍ବୋଚ୍ଚ ଅଦାଲତ । ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ, ଏହି ପର୍ଯ୍ୟାୟରେ ମାମଲାର ମେରିଟ୍‌କୁ ଯିବାକୁ ଚାହୁଁନାହାନ୍ତି। ନିର୍ବାଚନ ଆୟୋଗଙ୍କ ଅନ୍ତରୀଣ ଆଦେଶରେ ଦଳୀୟ ଚିହ୍ନ ସମ୍ପର୍କିତ ବିବାଦ ଥିବାରୁ ଖାତାରେ ଥିବା ଅର୍ଥ କେଉଁ ଗୋଷ୍ଠୀ ବ୍ୟବହାର କରିବ, ସେ ପ୍ରଶ୍ନ ମଧ୍ୟ ବିଚାରାଧୀନ ରହିଛି । ଟିଏମ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ ଯେ, ଖାତାଗୁଡ଼ିକ ଫ୍ରିଜ୍ ହେବା ଫଳରେ ଦଳର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି। ଦଳର ଦାବି ଅନୁସାରେ, ଦୈନନ୍ଦିନ କାର୍ଯ୍ୟ ପାଇଁ ମାସକୁ ପ୍ରାୟ ୧୨.୧୫ କୋଟି ଟଙ୍କା ଆବଶ୍ୟକ।

## ସୋରେନଙ୍କ ବିରୋଧରେ ଚାର୍ଜଫ୍ରେମ୍

ରାଞ୍ଚି,୧।୧୦(ଏଜେନ୍ସି): ଝାଡ଼ଖଣ୍ଡ ରାଞ୍ଚିର ବରଗାଇ ଅଞ୍ଚଳର ୮.୮୬ ଏକର ଜମି ସଂପର୍କିତ ଅର୍ଥ ହେରଫେର ମାମଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିରୋଧରେ ବୁଧବାର ଚାର୍ଜ ଫ୍ରେମ୍ କରିଛନ୍ତି ସ୍ଥାନୀୟ ପିଏମ୍ଏଲ୍ଏ ଅଦାଲତ। ସୋରେନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅଦାଲତରେ ହାଜର ହୋଇଥିଲେ। ପରବର୍ତ୍ତୀ ଶୁଣାଣି ନଭେମ୍ବର ୩୦ରେ ହେବ। ସୋରେନ ଅଭିଯୋଗକୁ ଖଣ୍ଡନ କରି ଏହା ଭିତ୍ତିହୀନ ଓ ଭୁଲ୍ ବୋଲି କହିଛନ୍ତି। ତାଙ୍କ ଓକିଲ ସଞ୍ଜୀବ ସାହାୟଙ୍କ ଅନୁସାରେ, ଅଦାଲତରେ ସୋରେନ ନିଜକୁ ଦୋଷୀ ନୁହେଁ ବୋଲି ଜଣାଇଛନ୍ତି। ତଦନ୍ତକାରୀ ସଂସ୍ଥାର ଅଭିଯୋଗ ଅନୁସାରେ, ଜାଲ୍ ଜମି ରେକର୍ଡ ଓ ଦଲିଲ ବ୍ୟବହାର କରି ଉକ୍ତ ଜମି ହାତେଇବା ଉଦ୍ୟମ ହୋଇଥିଲା। ଏହି ମାମଲାରେ ସୋରେନ ୧୭ତମ ଅଭିଯୁକ୍ତ। ଅନ୍ୟ ୧୬ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଚାର୍ଜ ଗଠନ ହୋଇଛି। ୨୦୨୪ ଜାନୁଆରୀ ୩୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋରେନଙ୍କୁ ଗିରଫ କରିଥିଲା। ପରେ ଜୁନ୍‌ରେ ତାଙ୍କୁ ଜାମିନ ମିଳିଥିଲା।

## କଂଗ୍ରେସକୁ ଫେରିବେ ବାଘେଲା!

ଗାନ୍ଧୀନଗର,୧।୧୦(ଏଜେନ୍ସି): ପୂର୍ବତନ ଗୁଜରାଟ ମୁଖ୍ୟମନ୍ତ୍ରୀ ଶଙ୍କରସିଂହ ବାଘେଲା ପୁଣିଥରେ କଂଗ୍ରେସରେ ଯୋଗ ଦେଇପାରନ୍ତି। ଦଳୀୟ ସୂତ୍ର ଅନୁସାରେ, ୮୬ ବର୍ଷୀୟ ବାଘେଲା କଂଗ୍ରେସକୁ ଫେରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଗୁଜରାଟ କଂଗ୍ରେସ ତାଙ୍କ ପ୍ରତ୍ୟାବର୍ତ୍ତନକୁ ଅନୁମୋଦନ କରିସାରିଥିବା ବେଳେ କେନ୍ଦ୍ରୀୟ ନେତୃତ୍ୱର ଶେଷ ଅନୁମୋଦନ ବାକି ରହିଛି। ଆଗାମୀ ଗାନ୍ଧୀନଗର ମହାନଗର ନିଗମ ନିର୍ବାଚନରେ ବାଘେଲାଙ୍କୁ ପ୍ରମୁଖ ପ୍ରଚାରକ ଭାବେ ବ୍ୟବହାର କରିବାକୁ ରାଜ୍ୟ କଂଗ୍ରେସ ଚାହୁଁଥିବା ସୂଚନା ମିଳିଛି। ଦଳର ବରିଷ୍ଠ ନେତା ଶକ୍ତିସିଂହ ଗୋହିଲ କହିଛନ୍ତି, ଠିକ୍ ସମୟରେ ଏନେଇ ଉତ୍ତର ମିଳିବ। ବାଘେଲା ଜନସଂଘରୁ ରାଜନୈତିକ ଜୀବନ ଆରମ୍ଭ କରି ପରେ ଗୁଜରାଟରେ ବିଜେପି ଗଠନରେ ଭୂମିକା ନେଇଥିଲେ। ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲେ।

# ବିବାଦରେ ଫର୍ମ-୬, ଫର୍ମ-୭

### ଜାଲିଆତି ପଛରେ କିଏ ?

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଯୋଗ୍ୟ ବିବେଚିତ ଭାରତୀୟ ନାକରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ଲାଗି ଗୋଟିଏ ଫର୍ମ ବ୍ୟବହାର କରାଯାଉଛି। ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବାଲାଗି ଆଉ ଏକ ଫର୍ମର ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ଲାଗି ଏହି ଦୁଇଟି ଫର୍ମ ମୁଖ୍ୟ ଭୂମିକା ଗ୍ରହଣ କରୁଛି। କିନ୍ତୁ ଚଳିତ ଏସଆଇଆରରେ ଏହି ଦୁଇଟି ଫର୍ମ ସବୁଠାରୁ ବଡ଼ ବିବାଦ ସୃଷ୍ଟି କରିଛି। ଏହି ଦୁଇଟି ଫର୍ମ ଯୋଗୁଁ କୋଟି କୋଟି ଭୋଟର ମତଦାନ ଅଧିକାର ହରାଇଛନ୍ତି। ଚଳିତ ଏସଆଇଆର ବେଳେ ଏହି ଦୁଇଟି ଫର୍ମରେ ଏପରି ପରିବର୍ତ୍ତନ କରାଯାଇଛି, ଯାହାକି ଭୋଟରଙ୍କୁ ଯୋଡ଼ିବା ଅପେକ୍ଷା କାଟିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ସଂଶୋଧନକୁ ଦୁଇ ଜଣ କମିସନର ବିରୋଧ କରିଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଖାତିର ନକରି ଏହାକୁ କାର୍ଯ୍ୟକାରୀ କରିଥିଲେ।

ନୂଆ ଭୋଟର ବା ବାଦ୍ ପଡ଼ିଥିବା ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ଫର୍ମ୬ ରହିଛି। କିନ୍ତୁ ଏଥର ଏଥିରେ ଏମିତି ଜଟିଳ ସର୍ତ୍ତ ଯୋଡ଼ାଗଲା ଯେ, ତାଲିକାରେ ସ୍ଥାନ ପାଇବା ଲାଗି ଭୋଟରଙ୍କୁ ସଂଘର୍ଷ କରିବାକୁ ପଡ଼ିଛି। ଯେମିତିକି ପୂର୍ବ ଏସଆଇଆରରେ ସେମାନଙ୍କର ପିତାମାତାଙ୍କ ନାମ ଥିଲା କି ନାହିଁ। ଏହାକୁ ନ ମେଳାଇଲେ ଅନଲାଇନରେ ଫର୍ମ ୬ ପୂରଣ ସମ୍ଭବ ହେଉନଥିଲା। ଫଳରେ ଲକ୍ଷ ଲକ୍ଷ ଯୋଗ୍ୟ ଭୋଟରଙ୍କୁ ନିରାଶ ହେବାକୁ ପଡ଼ିଲା। କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଜୁଲାଇ ୨୦୨୬ରେ ଫର୍ମ-୬ରେ ସାମ୍ବିଧାନିକ ବ୍ୟବସ୍ଥା ବିରୋଧୀ ପରିବର୍ତ୍ତନ କରାଇଥିଲେ ଏବଂ ଏହାର ଉଦ୍ଦେଶ୍ୟ ଜେନ୍-ଜେଡ୍ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦେବା ଲାଗି ରହିଛି। ଏହାକୁ ନେଇ ପ୍ରତିବାଦ ବଢ଼ିବା ପରେ କମିସନ ଫର୍ମ-୬ରେ ଲାଗିଥିବା ଅତିରିକ୍ତ ସର୍ତ୍ତକୁ ହଟାଇ ଦେଇଛନ୍ତି।

ଚଳିତ ଏସଆଇଆରରେ ସବୁଠାରୁ ବଡ଼ ଖଳନାୟକ ହୋଇଛି ଫର୍ମ -୭। ମୃତ ବା ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତରିତ ଭୋଟରଙ୍କ ନାମ କାଟିବା ଲାଗି ଏହି ଫର୍ମ-୭ ରହିଛି। ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ କାଟିବା ଲାଗି ମଧ୍ୟ ଏହାର ବ୍ୟବହାର କରାଯାଇପାରିବ। ନିଜ ନାମ କାଟିବା ଲାଗି ଜଣେ ଭୋଟର ଏହି ଫର୍ମ ପୂରଣ କରେ। ଅନ୍ୟମାନଙ୍କ ନାମ କାଟିବା ଲାଗି ମଧ୍ୟ ଜଣେ ଭୋଟର ଏହି ଫର୍ମ ଜରିଆରେ ଆବେଦନ କରିପାରିବ। ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି ବା ଅନ୍ୟ କୌଣସି କାରଣରୁ ସେମାନେ ଅଯୋଗ୍ୟ ବୋଲି ଭାବିଲେ ନାମ କାଟିବା ଲାଗି ଅନ୍ୟମାନେ ଏହି ଫର୍ମ ଯୋଗେ ଆବେଦନ କରିପାରିବେ। ତେବେ ଯେଉଁମାନଙ୍କୁ ଅଯୋଗ୍ୟ କୁହାଯାଉଛି, ତାହାର ପ୍ରମାଣ ଉପସ୍ଥାପିତ କରିବାକୁ ପଡ଼ିବ। ଏହାପରେ କମିସନ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବେ। କିନ୍ତୁ ଏଥର ଏହି ଫର୍ମ-୭ର ବ୍ୟାପକ ଦୁରୁପଯୋଗ କରାଯାଇଛି। ବିଶେଷ କରି ମୁସଲିମ ଭୋଟରଙ୍କ ନାମ କାଟିବା ଲାଗି ବିଜେପି କର୍ମୀମାନେ ଏହି ଫର୍ମ ଦାଖଲ କରିଛନ୍ତି। ଫଳରେ କେବଳ କର୍ଣ୍ଣାଟକ ୪୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କଟିଯାଇଛି। ବିହାର ଓ ପଶ୍ଚିମ ବଙ୍ଗରେ ମଧ୍ୟ ଲକ୍ଷ ଲକ୍ଷ ଭୋଟରଙ୍କୁ ବିନା ଯାଞ୍ଚରେ କମିସନ କାଟି ଦେଇଛନ୍ତି। ଏହାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବକୁମାର ଆଜି ନିର୍ବାଚନ କମିସନ ଅଫିସରେ ଧାରଣା ଦେଇଥିଲେ। ଫର୍ମ-୭ ଜାଲିଆତି ମାମଲାରେ ସଂପୃକ୍ତ ଲୋକଙ୍କ ବିରୋଧରେ ଅପରାଧିକ ମାମଲା ଦାଏର କରିବାକୁ ସେ ଦାବି କରିଛନ୍ତି।



ନିର୍ବାଚନ ଅଫିସ ସାମନାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଧାରଣା

## ପାକିସ୍ତାନରୁ ମିଳିଛି ୯ କୋଟି ଟଙ୍କା!

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଆତଙ୍କବାଦୀ ପାଣ୍ଠି ମାମଲାରେ ବିଚ୍ଛିନ୍ନତାବାଦୀ ନେତା ୟାସିନ ମଲିକଙ୍କ ସମେତ ୭ ଜଣଙ୍କ ବିରୋଧରେ 'ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ' ଅଧୀନରେ ଚାର୍ଜ ଫ୍ରେମକ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ନୂଆଦିଲ୍ଲୀର ସ୍ୱତନ୍ତ୍ର ଏନ୍ଆଇଏ କୋର୍ଟ। ଅଭିଯୁକ୍ତଙ୍କ ସଂପୃକ୍ତି ନେଇ ଦୃଢ଼ ସନ୍ଦେହ ସୃଷ୍ଟି କରିବା ଭଳି ପର୍ଯ୍ୟାପ୍ତ ତଥ୍ୟ ରହିଥିବା କୋର୍ଟ କହିଛନ୍ତି। ଇଡିର ଅଭିଯୋଗ ଅନୁସାରେ, ପାକିସ୍ତାନ ଓ ଅନ୍ୟ ଆତଙ୍କବାଦୀ ସଂଗଠନରୁ ହାୱାଲା ସମେତ ବିଭିନ୍ନ ମାଧ୍ୟମରେ ପ୍ରାୟ ୮.୯୪ କୋଟି ଟଙ୍କା ଭାରତକୁ ଆସିଥିଲା ଏବଂ ଏହି ଅର୍ଥ ଅଭିଯୁକ୍ତମାନଙ୍କ ନିକଟକୁ ପଠାଯାଇଥିଲା। ମଲିକଙ୍କ ବ୍ୟତୀତ ଜାହୁର ଅହମଦ ଶାହ ୱାଟାଲି, ଅବଦୁଲ ରଶିଦ ଶେଖ, ଶବିର ଅହମଦ ଶାହ, ନୱାଲ କିଶୋର କପୁର, ଟ୍ରିସନ ଫାର୍ମସ ଆଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମସରତ ଆଲମ ଭଟଙ୍କ ନାମ ରହିଛି। ଇଡି ୨୦୧୭ ଜୁନ୍ ୧୪ରେ ଅପରାଧରୁ ମିଳିଥିବା ଅର୍ଥର ତଦନ୍ତ ପାଇଁ ଅଭିଯୋଗ ଦାଖଲ କରିଥିଲା। ଏନ୍ଆଇଏର ଦ୍ୱିତୀୟ ପୂରକ ଚାର୍ଜସିଟ୍‌କୁ ଉଦ୍ଧୃତ କରି କୋର୍ଟ କହିଛନ୍ତି ଯେ, ୟାସିନ ମଲିକ ସାଉଦି ଆରବରୁ ୧୫.୭୫ ଲକ୍ଷ ଟଙ୍କା ପାଇଥିବା ତଥ୍ୟ ମଧ୍ୟ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦ରେ ହେବ। ୟାସିନ ମଲିକ ୧୯୮୦ ଦଶକର ଶେଷଭାଗରେ ଜେକେଏଲ୍ଏଫ୍‌ରେ ଯୋଗ ଦେଇଥିଲେ।

**ୟାସିନ ମଲିକଙ୍କ ସମେତ ୭ ଜଣ ଅଭିଯୁକ୍ତ**

## ରାଜ୍ୟସଭା ନିର୍ବାଚନ: ୟୁପିରେ କ୍ରସଭୋଟିଂ ଭୟ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଆସନ୍ତା ୧୬ ତାରିଖରେ ଉତ୍ତର ପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ହେବାକୁ ଯାଉଛି ନିର୍ବାଚନ। ଆସନ୍ତା ବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ରାଜ୍ୟସଭା ନିର୍ବାଚନରେ ବଳକଷାକଷି ହେବାକୁ ଯାଉଛନ୍ତି ବିଜେପି ଏବଂ ସମାଜବାଦୀ ପାର୍ଟି। ୧୦ଟି ଆସନ ମଧ୍ୟରୁ ବିଜେପି ୭ଟି ଏବଂ ସମାଜବାଦୀ ପାର୍ଟି ଦୁଇଟି ଆସନ ପାଇବା ନିଶ୍ଚିତ। ତେବେ ୧୦ମ ଆସନ ପାଇଁ ଦୁଇ ଦଳ ମଧ୍ୟରେ ଟକ୍କର ଦେଖିବାକୁ ମିଳିବ। ଆବଶ୍ୟକ ସଂଖ୍ୟା ନଥାଇ ଏମାନେ ଅଧିକ ଜଣେ ପ୍ରାର୍ଥୀ ଦେବାକୁ ଯାଉଥିବା ବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଉଭୟ ଦଳ ମଧ୍ୟରେ କ୍ରସଭୋଟିଂ ଚିନ୍ତା ମଧ୍ୟ ଘାରିଛି।

୪୦୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୭ଟି ଆସନ ଖାଲି ପଡ଼ିଥିବାରୁ ଏବେ ୩୯୬ ସଭ୍ୟ ଅଛନ୍ତି। ରାଜ୍ୟସଭାର ୧୦ଟି ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବାକୁ ହେଲେ ଅତିକମରେ ୩୭ଟି ପ୍ରଥମ ପସନ୍ଦର ଭୋଟ ଦରକାର। ସଂଖ୍ୟା ଦୃଷ୍ଟିରୁ ବିଜେପିକୁ ୭ଟି ଆସନରେ ସହଜରେ ବିଜୟ ମିଳିବାକୁ ଥିବା ବେଳେ ସମାଜବାଦୀ ପାର୍ଟିକୁ ୨ଟିରେ ବିଜୟ ହେବା ନିଶ୍ଚିତ। ତେବେ ୧୦ମ ଆସନ ପାଇଁ ନିଜ ପକ୍ଷରେ ଆବଶ୍ୟକ ସଂଖ୍ୟା ନଥିଲେ ମଧ୍ୟ ସେମାନେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି। ସମାଜବାଦୀ ପାର୍ଟି ପାଖରେ ୧୦୨ ବିଧାୟକଙ୍କ ସମର୍ଥନ ରହିଛି ଏବଂ ତୃତୀୟ ପ୍ରାର୍ଥୀ ପାଇଁ ଏହାକୁ ଆଉ ୯ଟି ଭୋଟ ଦରକାର। ସେହିଭଳି ବିଜେପି ପାଖରେ ୨୯୪ ସଭ୍ୟଙ୍କ ସମର୍ତନ ରହିଛି। ଅଷ୍ଟମ ପ୍ରାର୍ଥୀ ପାଇଁ ବିଜେପିକୁ ଆହୁରି ଦୁଇ ବିଧାୟକଙ୍କ ସମର୍ଥନ ଦରକାର। ତେବେ ଉଭୟ ପଟେ ଦଳ ଭିତରେ ଅସନ୍ତୋଷ ରହିଥିବାରୁ କ୍ରସଭୋଟିଂ ଅପେକ୍ଷାରେ ରହିଛନ୍ତି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ। ସେମାନେ ପରସ୍ପରର ଅସନ୍ତୁଷ୍ଟ ବିଧାୟକମାନଙ୍କ ଉପରେ ନଜର ପକାଇଛନ୍ତି। ଇତିମଧ୍ୟରେ ସମାଜବାଦୀ ପାର୍ଟି ରାମଗୋପାଳ ଯାଦବ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏକଜିକ୍ୟୁଟିଭ୍ ଧନରାଜ ନଥାୱନିଙ୍କୁ ପ୍ରାର୍ଥୀ ଘୋଷଣା କରିଛି।



# ୧୧ ରାଜ୍ୟକୁ ନିରାଶ କଲା ମୌସୁମୀ, ୨୮୨ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

- ୧୩ ବର୍ଷରେ ଭାରତର ସବୁଠୁ ଶୁଷ୍କ ମୌସୁମୀ ବର୍ଷା
- ୧୦ ସୁଦ୍ଧା ସାରା ଦେଶରୁ ଫେରିଯିବ ମୌସୁମୀ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଚଳିତ ବର୍ଷ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ୧୨.୬ ପ୍ରତିଶତ କମ୍ ରେକର୍ଡ ହୋଇଛି। ଫଳରେ ୨୦୨୬ର ମୌସୁମୀ ଋତୁ ଗତ ୧୩ ବର୍ଷ ମଧ୍ୟରେ ଦେଶର ସବୁଠୁ ଶୁଷ୍କ ମୌସୁମୀ ଋତୁ ଭାବେ ପରିଗଣିତ ହୋଇଛି। ଦେଶର ପ୍ରାୟ ୪୩ ପ୍ରତିଶତ ଜିଲ୍ଲାରେ ୨୦ରୁ ୭୨ ପ୍ରତିଶତ ପର୍ଯ୍ୟନ୍ତ ବର୍ଷା ନିଅଣ୍ଟ ରହିଛି। ପଞ୍ଜାବରେ ସ୍ୱାଭାବିକ ଠାରୁ ପ୍ରାୟ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ରାଜସ୍ଥାନରେ ପ୍ରାୟ ୨୨ ପ୍ରତିଶତ ନିଅଣ୍ଟ ରହିଛି। ଏହାବ୍ୟତୀତ ଆଉ ୯ଟି ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ତେବେ ଓଡ଼ିଶାରେ ଚିତ୍ର ଭିନ୍ନ ରହିଛି। ରାଜ୍ୟରେ ସ୍ୱାଭାବିକ ଠାରୁ ୩୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅନ୍ୟପକ୍ଷରେ, ଅଧିକ ବର୍ଷା ପାଇଁ ପରିଚିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୧୯୦୧ ପରଠାରୁ ଚଳିତ ବର୍ଷର ମୌସୁମୀ ବର୍ଷା ସବୁଠୁ କମ୍ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ରାଜସ୍ଥାନ ଓ ଉତ୍ତରପ୍ରଦେଶର ଅବଶିଷ୍ଟ ଅଞ୍ଚଳ ସମେତ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଗୁଜରାଟ ଓ ମଧ୍ୟପ୍ରଦେଶର ଅଧିକାଂଶ ଅଞ୍ଚଳରୁ ମୌସୁମୀ ବାୟୁ ଫେରିଯିବା ସମ୍ଭାବନା ରହିଛି। ଏହାସହ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମହାରାଷ୍ଟ୍ରର କିଛି ଅଞ୍ଚଳରୁ ମଧ୍ୟ ମୌସୁମୀ ବାୟୁ ଫେରିବ। ପାଣିପାଗ ବିଭାଗର ଆକଳନ ଅନୁସାରେ, ଅକ୍ଟୋବର ୧୦ ସୁଦ୍ଧା ସମଗ୍ର ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିପାରେ। ତେବେ ଦକ୍ଷିଣ ଓ ଉତ୍ତର-ପୂର୍ବ ଭାରତର କେତେକ ଅଞ୍ଚଳରେ ଆଗକୁ ମଧ୍ୟ ପ୍ରବଳ ବର୍ଷା ଜାରି ରହିପାରେ। ଅକ୍ଟୋବର ୧୫ ପରେ ଦକ୍ଷିଣ ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉତ୍ତର-ପୂର୍ବ ମୌସୁମୀ ବାୟୁ ପହଞ୍ଚିବା ସମ୍ଭାବନା ରହିଛି। ମୌସୁମୀ ଋତୁର ଶେଷ ପର୍ଯ୍ୟାୟରେ ହୋଇଥିବା ଭଲ ବର୍ଷା ଦେଶର ମୋଟ ବର୍ଷା ନିଅଣ୍ଟକୁ କିଛି ମାତ୍ରାରେ କମାଇଛି। ସେପ୍ଟେମ୍ବରର ଶେଷ ସପ୍ତାହରେ ସ୍ୱାଭାବିକଠାରୁ ୫୦ ପ୍ରତିଶତ ଅଧିକ ବର୍ଷା ହୋଇଥିଲା। ଏହାର ପୂର୍ବ ସପ୍ତାହରେ ବର୍ଷା ନିଅଣ୍ଟ ୧୫ ପ୍ରତିଶତ ଥିଲା। ୧୨୨ ଦିନିଆ ମୌସୁମୀ ଋତୁରେ ପାଣିପାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଣାଳୀ ୭୭ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ଏହା ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ଆଣିଥିଲା। ଏଲ୍ ନିନୋ ପ୍ରଭାବ ଯୋଗୁଁ ମୌସୁମୀ ଋତୁ ପୂର୍ବରୁ ମରୁଡ଼ି ଆଶଙ୍କା ପ୍ରକାଶ ପାଇଥିଲା। ତେବେ ଗୋଟିଏ-ଦୁଇଟି ରାଜ୍ୟକୁ ଛାଡ଼ିଦେଲେ ପରିସ୍ଥିତି ପ୍ରାରମ୍ଭିକ ଆଶଙ୍କା ଅନୁସାରେ ଅତି ଗମ୍ଭୀର ହୋଇନାହିଁ। ଦେଶର ମୋଟ ୨୮୨ଟି ଜିଲ୍ଲା, ଅର୍ଥାତ୍ ପ୍ରାୟ ୩୮ ପ୍ରତିଶତ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହୋଇଛି। ଏପରିକି ଦେଶର ସର୍ବାଧିକ ବର୍ଷାପ୍ରବଣ ଅଞ୍ଚଳ ମଧ୍ୟରୁ ଅନ୍ୟତମ ମେଘାଳୟରେ ମଧ୍ୟ ପ୍ରାୟ ୬୦ ପ୍ରତିଶତ ବର୍ଷା ନିଅଣ୍ଟ ଦେଖାଦେଇଛି। ସେପ୍ଟେମ୍ବର ୨୪ ସୁଦ୍ଧା ଦେଶର ୧୫୦ଟି ପ୍ରମୁଖ ଜଳଭଣ୍ଡାରରେ ପ୍ରାୟ ୧୩୦ ବିଲିୟନ ଘନମିଟର (ବିସିଏମ୍) ଜଳ ମହଜୁଦ ଥିଲା। ଏହି ଜଳଭଣ୍ଡାରଗୁଡ଼ିକର ମୋଟ କ୍ଷମତା ୧୮୨.୪ ବିସିଏମ୍। ଅର୍ଥାତ୍ ଜଳଭଣ୍ଡାରଗୁଡ଼ିକ ପ୍ରାୟ ୭୧ ପ୍ରତିଶତ ପୂର୍ଣ୍ଣ ରହିଥିଲେ ମଧ୍ୟ ଗତବର୍ଷ ତୁଳନାରେ ଜଳସଂରକ୍ଷଣ କମ୍ ରହିଛି। ଆଇସିଆଇସିଆଇ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ (ଆଇଓଡି) ସୂଚକାଙ୍କ ୦.୭୬ ରହିଛି, ଯାହା ସକାରାତ୍ମକ ସ୍ଥିତିକୁ ଦର୍ଶାଉଛି। ସକାରାତ୍ମକ ଆଇଓଡି ଶକ୍ତିଶାଳୀ ହେଉଥିବା ଏଲ୍ ନିନୋର ପ୍ରତିକୂଳ ପ୍ରଭାବକୁ କିଛି ମାତ୍ରାରେ ସନ୍ତୁଳିତ କରିପାରେ। ତଥାପି, ଆଗାମୀ ସମୟରେ ବର୍ଷା ପରିସ୍ଥିତି ପାଇଁ ଏଲ୍ ନିନୋକୁ ଏକ ପ୍ରମୁଖ କାରଣ ଭାବେ ରିପୋର୍ଟରେ ଚିହ୍ନଟ କରାଯାଇଛି।



## ସାମାଜିକ ଓ ଧାର୍ମିକ ଅଧିକାର ସୁରକ୍ଷା ଦାବିରେ ଗାନ୍ଧୀ ମାର୍ଗରେ ଗଣଧାରଣା

# ନବୀନଙ୍କୁ ଭେଟିଲେ ଖ୍ରୀଷ୍ଟିୟାନ ସମୁଦାୟ





ଭୁବନେଶ୍ୱର,୧।୧୦(ସମିସ): ରାଜ୍ୟରେ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନଙ୍କ ସାମାଜିକ ଏବଂ ଧାର୍ମିକ ଅଧିକାରକୁ ସୁନିଶ୍ଚିତ କରିବା ଦାବିରେ ଆଜି ରାଜଧାନୀସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ 'ଶାନ୍ତି ସମାରୋହ ମଞ୍ଚ, ଓଡ଼ିଶା' ପକ୍ଷରୁ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ତଥା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଏବଂ ସମ୍ପାଦକ ମନୋଜ ବାନ୍ଧିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୬ ହଜାରରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗ ଦେଇଥିଲେ।

ଖ୍ରୀଷ୍ଟିୟାନ ସମୁଦାୟଙ୍କୁ ସାମାଜିକ ବାସନ୍ଦ, ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ଓ ପରିହାସ, ବଳପୂର୍ବକ ପୂଜା ଚାନ୍ଦା ଆଦାୟ, ଆଦିବାସୀମାନଙ୍କ ଉପରେ ମିଥ୍ୟା ଧର୍ମାନ୍ତରୀକରଣ ଅଭିଯୋଗ, ଗ୍ରାମାଞ୍ଚଳରେ ନଳକୂପରୁ ପାଣି ନେବାକୁ ବାରଣ ତଥା ଶବ ସତ୍କାରରେ ବାଧା ସୃଷ୍ଟି ଭଳି ଘଟଣାକୁ ନେଇ ମଞ୍ଚ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଆକ୍ରମଣ କ୍ଷେତ୍ରରେ ପୁଲିସ ପ୍ରଶାସନ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଏଥିସହ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଶବ ସତ୍କାର ନିମନ୍ତେ ସ୍ୱତନ୍ତ୍ର ସରକାରୀ ଜମି ପ୍ରଦାନ କରିବାକୁ ମଞ୍ଚ ଦାବି କରିଛି।

### ଆନ୍ଦୋଳନକୁ ବିଜେଡିର ସମର୍ଥନ

ଏହି ଆନ୍ଦୋଳନକୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଦଳର ବରିଷ୍ଠ ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ସାହୁ, ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ, ଶ୍ରୀମତୀ ପରୱାନା ପରବିନ୍ ଏବଂ ସଂଖ୍ୟାଲଘୁ ସେଲ୍ ସଭାପତି ଶେଖ ନିଜାମ ଉଦ୍ଦିନ ଧାରଣାସ୍ଥଳରେ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

କାର୍ଯ୍ୟକ୍ରମ ପରେ ମଞ୍ଚର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟପାଳଙ୍କ ସହ ଆଲୋଚନା କରି ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସଭାପତି ପ୍ରକାଶ କରିଛନ୍ତି। ସମାବେଶକୁ ତ୍ରିଲୋଚନ ଦଙ୍ଗ, ରୁବେନ ବାନ୍ଦିଆ, ଗଣେଶରାମ ସିଂକୁ, ଜାମାଦାର ବାଲମୁଚୁ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଯଶୀପୁର ବ୍ଲକ ଅସ୍ତକୁମାର ସରପଞ୍ଚ ପ୍ୟାରୀ ଟୁଟୀ, କୁସୁନୁ ଗିଲୁଆ, ଭୁବନ ହେମ୍ବ୍ରମ, ମୁରଲୀ ବାନାରା, ଲମ୍ବୋଦର ଗୋଇପାଇ ଓ ସାଧୁଚରଣ ବିରୁଆ ପ୍ରମୁଖ ପରିଚାଳନା କରିଥିଲେ।

## ମହାନଦୀ ଜଳ ବିବାଦ ସମାଧାନ ପାଇଁ ଦିଲ୍ଲୀରେ ବୈଠକ ପ୍ରସଙ୍ଗ

# ନିଷ୍ପତ୍ତି ସାର୍ବଜନୀନ କରାଯାଉ: ବିଜେଡି

ଭୁବନେଶ୍ୱର,୧।୧୦(ସମିସ): ମହାନଦୀ ଜଳ ବିବାଦର ସମାଧାନ ଖୋଜିବା ପାଇଁ ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଯୋଗ ଦେଉଛନ୍ତି। ତେବେ ଏହି ବୈଠକର ସଫଳତାକୁ ନେଇ ବିଜେଡି ସନ୍ଦେହ ପ୍ରକଟ କରିଛି। ଏହାସହ ବୈଠକରେ ନିଆଯାଉଥିବା ନିଷ୍ପତ୍ତିକୁ ସାର୍ବଜନୀନ କରିବାକୁ ବିଜେଡି ଦାବି କରିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ମହାନଦୀ ଜଳ ବିବାଦ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହି ବୈଠକର ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଜଣାଇବା ଜରୁରୀ। ତେଣୁ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ସାର୍ବଜନୀନ କରିବା ପାଇଁ ବିଜେଡି ଦାବି ରଖୁଛି । ଓଡ଼ିଶାରେ ପଞ୍ଚାୟତ ଓ ପୌର ନିର୍ବାଚନ ନିକଟତର ହୋଇଥିବାରୁ କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ଏହି ବୈଠକକୁ ଆୟୋଜିତ କରି ବିବାଦର ସମାଧାନ ହୋଇଗଲା ବୋଲି କୁହା ନ ଯାଉ । ଦୀର୍ଘ ୧୨ ବର୍ଷ ହେଲାଣି କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ଥିବାବେଳେ, ୨୦୨୪ ନିର୍ବାଚନରେ ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ହୋଇଥିଲା। ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦର ସମାଧାନର ସମ୍ଭାବନା ବୃଦ୍ଧି ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ସମାଧାନ ଦିଗରେ କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିଲା। ଟ୍ରିବ୍ୟୁନାଲ ମାଧ୍ୟମରେ ବା ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ସେନେଇ କୌଣସି ସ୍ପଷ୍ଟତା ଆସିପାରି ନାହିଁ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ଅଢେଇ ବର୍ଷ ବିତିଯିବା ପରେ ମଧ୍ୟ ବିବାଦ ଯେଉଁଠାରେ ଥିଲା ସେଇଠାରେ ରହିଛି। ଡ. ସାହୁ ଆହୁରି କହିଥିଲେ ଯେ ଛତିଶଗଡ଼ ଦ୍ୱାରା ବେଆଇନ ଭାବେ ବ୍ୟାରେଜ, ଆନିକଟ ଓ ବାଲିବନ୍ଧ ଇତ୍ୟାଦି ଉପରମୁଣ୍ଡରେ ନିର୍ମାଣ କରାଯିବାରୁ, ମହାନଦୀ ଜଳ ବିବାଦ ସୃଷ୍ଟି ହୋଇଥିଲା । ଅଣମୌସୁମୀ ସମୟରେ ମହାନଦୀ ଓ ଏହାର ଶାଖା ନଦୀଗୁଡିକରେ ଜଳ ଶୁଖି ଯାଉଛି। ଚଳିତବର୍ଷ ମୌସୁମୀ ସମୟରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ, ଛତିଶଗଡ଼ ଦ୍ୱାରା ଓଡ଼ିଶାକୁ କୌଣସି ସୂଚନା ନ ଦେଇ ଗେଟ୍ ଖୋଲିଦେବାରୁ ଓଡ଼ିଶାରେ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆସିଥିଲା। ଏଥିରୁ ସ୍ପଷ୍ଟ ହେଉଛି ଯେ ଛତିଶଗଡ଼ ଓ ଓଡ଼ିଶା ସରକାର ମଧ୍ୟରେ ସମନ୍ୱୟ ରହୁନାହିଁ। ଏହି ପ୍ରସଙ୍ଗରେ ସ୍ୱାଭାବିକ ଭାବେ କେତେ ଗୁଡିଏ ପ୍ରଶ୍ନ ସାମ୍ନାକୁ ଆସୁଛି, ଯାହାର ଉତ୍ତର ଆସିବା ଦରକାର। ଅଣମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକ ହେଉଥିବା ଜଳ ମିଳିବ କି ନାହିଁ। ବେଆଇନ ଭାବେ ନିର୍ମିତ ହୋଇଥିବା ବ୍ୟାରେଜଗୁଡିକର ସ୍ଥିତି କ'ଣ ରହିବ। ମହାନଦୀରୁ ଶିଳ୍ପ ଅନୁଷ୍ଠାନକୁ କେତେ ପରିମାଣର ଜଳ ଛତିଶଗଡ଼ ସରକାର ଦେଉଛନ୍ତି ତାହା ମଧ୍ୟ ଲୋକଲୋଚନକୁ ଆସିବା ଦରକାର ବୋଲି ସେ କହିଛନ୍ତି।




- କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ବୈଠକ ଆୟୋଜିତ ନ ହେଉ
- ଟ୍ରିପଲ ଇଞ୍ଜିନ ଥାଇ ମଧ୍ୟ ଅଢେଇ ବର୍ଷ ପରେ ବିବାଦ ଯେଉଁଠି ଥିଲା ସେଇଠି ରହିଛି
- ଅଣମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକୀୟ ଜଳ ମିଳିବା ନେଇ ନିଶ୍ଚିତ କରାଯାଉ

## ସରକାରଙ୍କ ୟୁ-ଟର୍ଣ୍ଣ

# ୨୦୨୬ ପହିଲାରୁ ନିୟମିତ ହେବେ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୧।୧୦(ସମିସ): ନିଯୁକ୍ତି ପାଇବା ଦିନଠାରୁ ନୁହେଁ; ବରଂ ୨୦୨୬ ପହିଲାରୁ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ମାନେ ନିୟମିତ ହେବେ। ପୂର୍ବ ନିଷ୍ପତ୍ତିରୁ ସରକାର ୟୁ-ଟର୍ଣ୍ଣ ନେବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ବରିଷ୍ଠ-କନିଷ୍ଠ ବିବାଦ ପାଇଁ ହାଇକୋର୍ଟରେ ବିଚାରଧୀନ ମାମଲାର ଅନ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପରିବର୍ତ୍ତିତ ବିଜ୍ଞପ୍ତିରେ କୁହାଯାଇଛି ଯେ ଗତ ଅକ୍ଟୋବର ୧ ତାରିଖରେ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସଂଶୋଧନ କରାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନେ ୨୦୨୬ ଜାନୁଆରୀ ୧ରୁ ନିୟମିତ ହେବେ। ଆସିଷ୍ଟାଣ୍ଟ ଟିଚର୍ ଭାବେ ନିୟମିତ ହେବା ସହ ଲେଭଲ୍-ଭି(ଏ)ର ଦରମା ପାଇବେ। ଅନୁରୂପ ଭାବେ ଚାକିରିରେ ଯୋଗଦେବା ଦିନଠାରୁ ୨୦୨୫ ଶେଷ ପର୍ଯ୍ୟନ୍ତ ଅବଧିକୁ ସ୍କିମାଟିକ୍ ବା ଚୁକ୍ତିଭିତ୍ତିକ ସେବା ଭାବେ ଗଣନା କରାଯିବ। ଏହି ସମୟ ପାଇଁ ନିୟମିତ କ୍ୟାଡର୍, ବରିଷ୍ଠତା କିମ୍ବା ଅନ୍ୟ କୌଣସି ନିୟମିତ ସେବା ସୁବିଧା ପାଇଁ ଦାବି କରିପାରିବେ ନାହିଁ। ୨୦୨୬ ଜାନୁଆରୀ ୧ରୁ ନିୟମିତ ଦରମା ସହ ଆସିଷ୍ଟାଣ୍ଟ ଟିଚରଙ୍କ ପାଇଁ ପ୍ରଯୁଜ୍ୟ ଅନ୍ୟାନ୍ୟ ସୁବିଧା ପାଇପାରିବେ ବୋଲି କୁହାଯାଇଛି। ଅପରପକ୍ଷରେ ୨୦୨୩-୨୪ ବ୍ୟାଚ୍ ଶିକ୍ଷକଙ୍କୁ ଚାକିରି ପାଇବା ଦିନଠାରୁ ନିୟମିତ କରିବା ପରେ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନେ କନିଷ୍ଠ ହୋଇଥିବା ନେଇ ଚାଲିଥିବା ମାମଲାର ଅନ୍ତ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ୭ ଅକ୍ଟୋବର ୨୦୨୪ରେ ଏହି ୨୦୨୩-୨୪ ବ୍ୟାଚ୍‌ର କନିଷ୍ଠ ଶିକ୍ଷକମାନେ ନିଯୁକ୍ତି ପାଇଥିଲେ।

# ହୀରାକୁଦ ଡ୍ୟାମ୍‌ର ୧୪ ଗେଟ୍ ବନ୍ଦ

ସମ୍ବଲପୁର,୧।୧୦(ସମିସ): ମହାନଦୀ ଉପରମୁଣ୍ଡରେ ବର୍ଷାର ପରିମାଣ କମିଛି। ଫଳରେ ଡ୍ୟାମକୁ ମଧ୍ୟ ବନ୍ୟାଜଳ ପ୍ରବେଶ କମିଛି। ଏହାକୁ ନଜରରେ ରଖି ଆଜି କର୍ତ୍ତୃପକ୍ଷ ୧୪ଟି ଗେଟକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଛନ୍ତି। ଏବେ ଗୋଟାଏ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସାଢେ ୬ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର ୬୨୯.୮୭ ଫୁଟ୍ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୧,୩୨୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୫୩,୨୧୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ସିବିଆଇ ଜାଲରେ ଆଇସିଏଆର-ସିଆଇଏଫ୍‌ଆର୍‌ଆଇର ନିର୍ଦ୍ଦେଶକ

ଭୁବନେଶ୍ୱର,୧।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇସିଏଆର-ସେଣ୍ଟ୍ରାଲ ଇନଲ୍ୟାଣ୍ଡ ଫିସରିଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିଆଇଏଫ୍‌ଆର୍‌ଆଇ)ର ନିର୍ଦ୍ଦେଶକ ଡଃ. ବସନ୍ତ ଦାସଙ୍କ ଘରେ ଚଢ଼ଉ କରିଛି ସିବିଆଇ। ଗୁରୁବାର ଏକସଙ୍ଗରେ ଭୁବନେଶ୍ୱର ଜଗାମରା ଅଞ୍ଚଳସ୍ଥିତ ତାଙ୍କର ତିନି ମହଲା ବିଶିଷ୍ଟ ବାସଭବନ, କୋଲକାତା ସରକାରୀ କାର୍ଯ୍ୟାଳୟ ଏବଂ ବାଲେଶ୍ୱରରେ ଥିବା ତାଙ୍କର ପୈତୃକ ଘରରେ ଚଢ଼ଉ କରାଯାଇଛି। ସିବିଆଇ ସୂଚନା ଅନୁସାରେ ଆଇସିଏଆର-ସିଫ୍ରି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନରେ ଏକ ପ୍ରମୁଖ ଅନୁଷ୍ଠାନ। ଏହାର ମୁଖ୍ୟ କାର୍ଯ୍ୟାଳୟ କୋଲକାତାର ବାରାକପୁରରେ। ଶ୍ରୀ ଦାସ ଏଠାରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଦାସଙ୍କ ଆୟ ତୁଳନାରେ ତାଙ୍କର ଅଧିକ ସମ୍ପତ୍ତି ଥିବା ନେଇ ସିବିଆଇ ପାଖରେ ଖବର ପହଞ୍ଚିଥିଲା। ଏହାପରେ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏହି ମାମଲାର ତଦନ୍ତ କରୁଥିଲା। ପ୍ରମାଣ ମିଳିବା ପରେ ଗୁରୁବାର ଭୋର ସମୟରୁ ସିବିଆଇ ଟିମ୍ ଶ୍ରୀ ଦାସଙ୍କ ଉପରୋକ୍ତ ଠିକଣା ଗୁଡ଼ିକରେ ଏକକାଳୀନ ଚଢାଉ ଆରମ୍ଭ କରିଥିଲା। ଚଢାଉ ସମୟରେ ସିବିଆଇ ଅଧିକାରୀମାନେ ତାଙ୍କର ବିଭିନ୍ନ ଆର୍ଥିକ ରେକର୍ଡ, ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର, ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଯାଞ୍ଚ କରିଥିଲେ। ତେବେ କେତେ ପରିମାଣର ସମ୍ପତ୍ତି କିମ୍ବା କେଉଁ କେଉଁ କାଗଜପତ୍ର ଜବତ ହୋଇଛି ସେ ନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାପଡାହାଣ୍ଡି, ୧।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୋକିଆଁ ଗ୍ରାମପଞ୍ଚାୟତ ସଦର ମହାକୁମା କାଜୁ ବଗିଚାରୁ ପ୍ରେମିଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ମୋକିଆଁ ଗ୍ରାମର ପବିତ୍ର ଭତରା (୨୦) ୪ ମାସ ତଳେ ପ୍ରେମ ବିବାହ କରିଥିଲେ। ନୂଆଖାଇ ପର୍ବ ପାଇଁ ପତ୍ନୀକୁ ସେ ବାପ ଘରେ ଛାଡି ଆସିଥିଲେ। ନିଜ ସମ୍ପର୍କୀୟ ମାମୁର ନାବାଳିକା ଝିଅ ସହ କାଜୁ ବଗିଚାରେ ତାଙ୍କର ମୃତଦେହ ଆଜି ଏକ ଓଢଣିରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପବିତ୍ରଙ୍କ ପିତାଙ୍କ କହିବା ଅନୁଯାୟୀ ପବିତ୍ର ଖାଇସାରିବା ପରେ ରାତିରେ ଘରେ ଶୋଇ ପଡ଼ିଥିଲା।କିନ୍ତୁ ସକାଳୁ ସେ ଘରେ ନଥିବା ଜାଣି ଖୋଜାଖୋଜି କରିଥିଲେ। ସେହିପରି ନାବାଳିକା ଝିଅ ମଧ୍ୟ ଘରେ ନଥିବା ଜାଣି ପରିବାର ଲୋକେ ଝିଅକୁ ଖୋଜାଖୋଜି କରିଥିଲେ। ସକାଳୁ କାଜୁ ବଗିଚାରେ ଗ୍ରାମବାସୀ ଉଭୟଙ୍କ ମୃତଦେହ ଦେଖିଥିଲେ। ପାପଡାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକାଲ ପୁଲିସ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଗୁଡୁରା ହେମ୍ବ୍ରମ୍ ଉପସ୍ଥିତ ରହି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ। ଉଭୟ ଯୁବକ ଓ ନାବାଳିକା ଗୋଟିଏ ଗଛ ଡାଳରେ ଦୁହେଁ ଆଲିଙ୍ଗନ ଅବସ୍ଥାରେ ଝୁଲି ପଡିଥିବା ଦେଖିବାକୁ ମିଳିଥିଲା। ଉଭୟ ପରିବାର ଦୁହେଁଙ୍କ ସମ୍ପର୍କ ବିଷୟରେ ଜାଣିନଥିବା କହିଛନ୍ତି। ଏ ନେଇ ତଦନ୍ତ ଚାଲିଥିବା ଦାୟିତ୍ୱରେ ଥିବା ଅଧିକାରୀ ଉମାକାନ୍ତ ଶବର ସୂଚନା ଦେଇଛନ୍ତି।

## ଅଫିମରୁ କର୍କଟ ଔଷଧ

# ଏନ୍‌ଆଇଟି ଦ୍ୱାରା 'କୋଟାର୍ନାଇନ ଡେରିଭେଟିଭ୍' ବିକଶିତ

ରାଉରକେଲା, ୧।୧୦(ସମିସ): ମୁଖ ଗହ୍ୱର କର୍କଟ (ଓରାଲ କ୍ୟାନସର) ରୋଗର ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ରାଉରକେଲା ଏନ୍‌ଆଇଟି। ଏନ୍‌ଆଇଟି ରାଉରକେଲାର ରସାୟନ ବିଜ୍ଞାନ ଓ ଜୀବବିଜ୍ଞାନ ବିଭାଗ ଏବଂ ଆଇଜର ବ୍ରହ୍ମପୁରର ରସାୟନ ବିଜ୍ଞାନ ବିଭାଗର ଗବେଷକମାନେ ମିଳିତ ଭାବେ ଏକ ନୂତନ "କୋଟାର୍ନାଇନ୍ ଡେରିଭେଟିଭ୍' ଭିତ୍ତିକ ଚିକିତ୍ସା ଫର୍ମୁଲେସନ ପ୍ରସ୍ତୁତ କରିଛନ୍ତି। ଔଷଧୀୟ ରସାୟନ ବିଜ୍ଞାନ (ମେଡିସିନାଲ୍ କେମିଷ୍ଟ୍ରି) ଏବଂ ଫର୍ମୁଲେସନ୍ ସାଇନ୍ସର ସମନ୍ୱୟରେ ପ୍ରସ୍ତୁତ ଏହି ନୂତନ ଅଣୁଟି ମୁଖ କର୍କଟ ଚିକିତ୍ସାରେ ଅଧିକ ପ୍ରାକ୍-କ୍ଲିନିକାଲ୍ (ପ୍ରି-କ୍ଲିନିକାଲ୍) ଏବଂ ରୂପାନ୍ତରଣ ଗବେଷଣା ପାଇଁ ଏକ ଦୃଢ଼ ସମ୍ଭାବନା ସୃଷ୍ଟି କରିଛି। ଏହି ଉଦ୍ଭାବନକୁ 'ଡିଜାଇନ୍, ସିନ୍ଥେସିସ୍ ଆଣ୍ଡ ଫର୍ମୁଲେସନ୍ ଅଫ୍ ଏ କୋଟାର୍ନିନ୍ ଡେରିଭେଟିଭ୍ ଫର୍ ଓରାଲ କ୍ୟାନସର ଥେରାପି' ଶୀର୍ଷକରେ ଭାରତ ସରକାରଙ୍କ ପକ୍ଷରୁ ପେଟେଣ୍ଟ ପ୍ରଦାନ କରାଯାଇଛି। ଏହାର ଉଦ୍ଭାବକମାନଙ୍କ ମଧ୍ୟରେ ଏନ୍‌ଆଇଟି ରାଉରକେଲାର କୁମାରୀ ଲକ୍ଷ୍ମୀପ୍ରିୟା ପୃଷ୍ଟି, ପ୍ରଫେସର ହରେକୃଷ୍ଣ ସାହୁ, କୁମାରୀ ଶ୍ରୁତି ବିଶ୍ୱାଳ, ପ୍ରଫେସର ବିବେକାନନ୍ଦ ମଲ୍ଲିକ ଏବଂ ଆଇଜର ବ୍ରହ୍ମପୁରର ପ୍ରଦ୍ୟୋତ କୁମାର ବେହେରା ଓ ପ୍ରଫେସର ଲକ୍ଷ୍ମୀଧର ରାଉତ ଅନ୍ତର୍ଭୁକ୍ତ ଅଛନ୍ତି। ଭାରତରେ ମୁଖ କର୍କଟ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଥିବାରୁ ଏନଆଇଟିର ଗବେଷକଦଳ ଏହି ନୂତନ କୋଟାର୍ନିନ୍ ଡେରିଭେଟିଭ୍ ବିକଶିତ କରିବା ସହ ଏହାର କର୍କଟ ନିରୋଧୀ କ୍ଷମତା ପରୀକ୍ଷା କରିଛନ୍ତି। ଏହି ଫର୍ମୁଲେସନ୍ ଭବିଷ୍ୟତରେ କମ୍ ପାଶ୍ୱର୍ ପ୍ରତିକ୍ରିୟା ଏବଂ ଅଧିକ ପ୍ରଭାବଶାଳୀ ଔଷଧ ବିକାଶ ଦିଗରେ ନୂଆ ବାଟ ଖୋଲିବ ବୋଲି ଆଶା କରାଯାଉଛି। ଏହି ସଫଳତା ସମ୍ପର୍କରେ ସୂଚନା ଦେଇ ପ୍ରଫେସର ହରେକୃଷ୍ଣ ସାହୁ କହିଛନ୍ତି ମଲିକ୍ୟୁଲାର୍ ଡିଜାଇନ୍, ସିନ୍ଥେସିସ୍ ଏବଂ ଫର୍ମୁଲେସନ୍ ଜରିଆରେ ଆମେ ଏକ ସମ୍ଭାବନାମୟ ମଲିକ୍ୟୁଲ୍ ପ୍ରସ୍ତୁତ କରିବାରେ ସଫଳ ହୋଇଛୁ, ଯାହା ଆଗାମୀ ଦିନରେ ପ୍ରି-କ୍ଲିନିକାଲ୍ ଏବଂ କ୍ଲିନିକାଲ୍ ଗବେଷଣା ପାଇଁ ବେଶ୍ ଉପଯୋଗୀ ହେବ। ପ୍ରଫେସର ବିବେକାନନ୍ଦ ମଲ୍ଲିକ କହିଛନ୍ତି ଏହି ଗବେଷଣାର ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ପ୍ରାଣୀମାନଙ୍କ ଉପରେ ପରୀକ୍ଷା (ପ୍ରି-କ୍ଲିନିକାଲ୍ ଷ୍ଟଡିଜ୍) ଏବଂ ପରେ କ୍ଲିନିକାଲ୍ ମୂଲ୍ୟାୟନ ମାଧ୍ୟମରେ ଏହାକୁ ପ୍ରମାଣିତ କରିବା। ଏହି ପେଟେଣ୍ଟପ୍ରାପ୍ତ ଉଦ୍ଭାବନ ରସାୟନ ଏବଂ ଜୀବ ବିଜ୍ଞାନର ମୌଳିକ ଗବେଷଣାକୁ ବ୍ୟବହାରିକ ସ୍ୱାସ୍ଥ୍ୟସେବାରେ ପରିଣତ କରିବା ପାଇଁ ଏନ୍‌ଆଇଟି ରାଉରକେଲାର ପ୍ରୟାସକୁ ଦର୍ଶାଉଛି। ଏହି ସଫଳତା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳର ବିକାଶ ତଥା ଏନ୍‌ଆଇଟି ରାଉରକେଲାର ବୌଦ୍ଧିକ ସମ୍ପଦ ସୃଷ୍ଟି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିଛି।




15001/105/2627



ଜାତିର ଜନକ
ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨ ଅକ୍ଟୋବର, ୨୦୨୬
ସମୟ: ସକାଳ ୮:୪୦ ମିନିଟ୍
ସ୍ଥାନ: ଓଡ଼ିଶା ବିଧାନ ସୌଧ ପରିସର, ଭୁବନେଶ୍ୱର
ପ୍ରାର୍ଥନା ସଭା
ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ
ସର୍ବଧର୍ମ ପ୍ରାର୍ଥନା ସଭା
ଆଶ୍ରମ ଭଜନ
ରାମଧୁନ
ଡ. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ସୁରମା ପାଢୀ
ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ, ସାଂସଦ, ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ପ୍ରେମୀ ତଥା ଅନ୍ୟାନ୍ୟ ଅତିଥିବୃନ୍ଦ ଏହି ପ୍ରାର୍ଥନା ସଭାରେ ଯୋଗ ଦେଇ ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ।
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/15001/2/26-27/0105

ସକାଳ
THE SAKALA

ରାଉରକେଲା

www.sakalaepaper.com

# ପ୍ଲାଣ୍ଟସାଇଟ୍ ଥାନା ପକ୍ଷରୁ ୧୫ ଗ୍ରାମ ହେରୋଇନ୍ ଜବତ; ଜଣେ ଗିରଫ

ରାଉରକେଲା, ୧।୧୦(ସମିସ)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୁଲିସ ପକ୍ଷରୁ ନିଶା କାରବାର ବିରୋଧରେ ଚଢ଼ଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୧୫ ଗ୍ରାମ ଅବୈଧ ହେରୋଇନ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ସବଇନ୍ସପେକ୍ଟର ସିଦ୍ଧାର୍ଥ ପ୍ରଧାନ ଥାନା କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିଲା ସମୟରେ ମିଳିଥିବା ବିଶ୍ୱସନୀୟ ସୂଚନା ଆଧାରରେ ନୟାବଜାର ଅନ୍ତର୍ଗତ ନନ୍ଦପଡ଼ା ରୋଡ୍‌ରେ ଚଢ଼ାଉ କରି ପିଣ୍ଟୁ ନାଗ (୩୨) ନାମକ ଜଣେ ବ୍ୟକ୍ତିଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୫ ଗ୍ରାମର ହେରୋଇନ୍ ଜବତ କରିଥିଲେ। ଗିରଫ ପିଣ୍ଟୁ ଏହି ଡ୍ରଗ୍ସକୁ ବିଶେଷକରି ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କୁ ବିକ୍ରି କରିବା ପାଇଁ ରଖିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତ ପିଣ୍ଟୁ ନାଗ ସେକ୍ଟର-୩ ଥାନା ଅନ୍ତର୍ଗତ ବଲାଙ୍ଗିର ବସ୍ତିର ବାସିନ୍ଦା ବୋଲି ଜଣାପଡ଼ିଛି। ପୁଲିସ ତାଙ୍କ ନିକଟରୁ ୧୫ ଗ୍ରାମ ହେରୋଇନ୍ ସହ ଏକ ମୋବାଇଲ୍ ଫୋନ୍ ଜବତ କରିଛି। ଏନେଇ ପ୍ଲାଣ୍ଟସାଇଟ୍ ଥାନାରେ ଏନ୍‌ଡିପିଏସ୍ ଆଇନର ଧାରା ୨୧(ବି) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ଅପରାଧିକ ପୂର୍ବ ଇତିହାସ ସମ୍ପର୍କରେ ଯାଞ୍ଚ ଜାରି ରହିଛି ବୋଲି ସୂଚନା ମିଳିଛି।



# ଆର୍‌ଏସ୍‌ପିରେ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ

ରାଉରକେଲା, ୧।୧୦(ସମିସ): ରାଉରକେଲା ଇସ୍ପାତ କାରଖାନାର ଅକ୍ୟୁପେସନାଲ୍ ହେଲଥ୍ ଆଣ୍ଡ ସେଫ୍ଟି ସେଣ୍ଟରରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ଆରଏସପିର ୯୦ରୁ ଅଧିକ କର୍ମଚାରୀ ରକ୍ତଦାନ କରିଛନ୍ତି। ଅକ୍ଟୋବର ପହିଲାରେ ପାଳିତ ହେଉଥିବା ଜାତୀୟ ରକ୍ତଦାନ ଦିବସ ପୂର୍ବରୁ ଭାରତର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ସେପ୍ଟେମ୍ବରରୁ ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ପାଳନ କରାଯାଉଥିବା ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନର ଅଂଶସ୍ୱରୂପ ଏହି ଶିବିର ଆୟୋଜିତ ହୋଇଥିଲା। ଦିନସାରା ଚାଲିଥିବା ଏହି ଶିବିରକୁ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବି. ଆର୍. ପଲାଇ, ଭାରପ୍ରାପ୍ତ




ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ମୁଖ୍ୟ ମହାପ୍ରବନ୍ଧକ ତଥା ନିର୍ବାହୀ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱରେ ଥିବା ଏମ୍. ଆର. ରଥ, ମହାପ୍ରବନ୍ଧକ ପ୍ରଭାରୀ ଏସ୍. ମେହରୋତ୍ରା ଏବଂ ମାନବ ସମ୍ବଳ ଓ ଚିକିତ୍ସା ବିଭାଗର ବରିଷ୍ଠ ଅଧିକାରୀମାନେ ପରିଦର୍ଶନ କରିଥିଲେ। ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ସହଯୋଗରେ ମାନବ ସମ୍ବଳ ଏବଂ ଚିକିତ୍ସା ବିଭାଗର ସମନ୍ୱିତ ପ୍ରଚେଷ୍ଟା ମାଧ୍ୟମରେ ଏହି ପଦକ୍ଷେପ ଆୟୋଜିତ ହୋଇଥିଲା।

# ଗୋପବନ୍ଧୁ ପାଠାଗାର ପକ୍ଷରୁ ବୟସ୍କଙ୍କ ପାଇଁ ଚାଲିବା ପ୍ରତିଯୋଗିତା

ରାଉରକେଲା, ୧।୧୦(ସମିସ): ସ୍ଥାନୀୟ ଛେଣ୍ଡ କଲୋନୀସ୍ଥିତ ମିନି ଷ୍ଟାଡିୟମରେ ଗୋପବନ୍ଧୁ ପାଠାଗାର ପକ୍ଷରୁ ବୟସ୍କଙ୍କ ପାଇଁ ପ୍ରଥମଥର ରାଉରକେଲା ସହରରେ ଏକ ଚାଲିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୩୦ରୁ ୬୦ ବର୍ଷ ଏବଂ ୬୦ ବର୍ଷରୁ ତଦୁର୍ଦ୍ଧ୍ୱ ଦୁଇଟି ବର୍ଗରେ ଏହି ନିଆରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ଜାତୀୟ ଏକତା ଓ ବନ୍ଧୁତା' ବାର୍ତ୍ତା ବହନ କରିଥିବା ଏହି ପ୍ରତିଯୋଗିତା ଛେଣ୍ଡ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ବୟସ୍କ ପୁରୁଷ ଓ ମହିଳା ଓ କ୍ରୀଡାବିତଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ଓ ବାର୍ତ୍ତାଳାପ ହୋଇଥିଲା। ବିଜୟ କୁମାର ନାୟକ 'ଆମ ଓଡ଼ିଶା' ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ମହିଳା କ୍ରୀଡାବିତ୍ କବିତା ଖେସ୍ ଏବଂ ବଡି ବିଲଡର ସୁମିତ କୁମାର ସାଲୁ ଶାରୀରିକ ବ୍ୟାୟାମ ପ୍ରଦର୍ଶନ କରିଥିଲେ। ପରେ ତୃତୀୟ ପର୍ଯ୍ୟାୟରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ୨ୟ ଓ ୩ୟ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପାଠାଗାରର ସଭାପତି ଇଂ ନବଘନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆର୍‌ଏସ୍‌ପି ଇଡି ପ୍ରଦୀପ କୁମାର ସାହୁ, ଜଗନ୍ନାଥ ସର୍ଭିସ୍‌ର ମୁଖ୍ୟ ନିର୍ଦ୍ଦେଶକ ଅସୀମ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମାଷ୍ଟର ଅଫ୍ ଇଭେଣ୍ଟ ଗଦାଧର ରଥ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ନାଗେଶ୍ୱର ପଶାୟତ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଲିଙ୍ଗରାଜ ପାତ୍ର ଦ୍ୱିତୀୟ ଓ ପ୍ରଫୁଲ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବରିଷ୍ଠ ମହିଳା ବର୍ଗରେ ଡ. ସାନ୍ତ୍ୱନା ପରିଡ଼ା ପ୍ରଥମ, ସ୍ନେହଲତା ପଟ୍ଟନାୟକ ଦ୍ୱିତୀୟ ଏବଂ ଭାରତୀ କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୩୦ରୁ ୬୦ ବର୍ଷ ପୁରୁଷ ବର୍ଗରେ ଅନୁପ କୁମାର ଦାସ ପ୍ରଥମ, ପ୍ରମୋଦ ମହାପାତ୍ର ଦ୍ୱିତୀୟ ଏବଂ ସୁଧୀର କୁମାର ସେଠୀ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ ଏହି ବର୍ଗର ମହିଳାମାନଙ୍କ ମଧ୍ୟରେ ପ୍ରଣତି ସେଠୀ ପ୍ରଥମ, ଅଞ୍ଜୁ ବାରିକ ଦ୍ୱିତୀୟ ଏବଂ ଗୀତା ସେନାପତି ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉପମାଷ୍ଟର ଅଫ୍ ଇଭେଣ୍ଟ ବିଶ୍ୱନାଥ ଜେନା, ଗିରିଜା ଗୋସ୍ୱାମୀ, ରମେଶ ଚନ୍ଦ୍ର ସିଂହ, ହରିହର ନାୟକ, ବିଜୟ କୁମାର ନାୟକ, ସରୋଜ କୁମାର ନାୟକ, ଅଜିତ ବରୱା, ଅଶୋକ କୁମାର ଶୁକ୍ଳା, ଗୋପାଳ ଜେନା, କୈଳାସ ଚନ୍ଦ୍ର ସାମଲ, ସୂର୍ଯ୍ୟପଣ୍ଡା, ଚିନ୍ମୟୀ ପୁରୋହିତ, ଅଶୋକ ପଟ୍ଟନାୟକ, ପରେଶ ନାୟକ, ତ୍ରିଲୋଚନ ନାୟକ, ଅକ୍ଷୟ ପଣ୍ଡା, ନୃସିଂହ ବିଶ୍ୱାଳ, ଅଜୟ ମହାନ୍ତି, ସୁଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ରାଉରକେଲା ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ

# ବନକର୍ମଚାରୀ ଓ ଆରଆରଟି ଟିମ୍ ସମ୍ବର୍ଦ୍ଧିତ

ରାଉରକେଲା, ୧।୧୦(ସମିସ): ରାଉରକେଲା ବନଖଣ୍ଡ ପକ୍ଷରୁ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମଣ୍ଡଳସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ କହିଲେ ବନ୍ୟ ସମ୍ପଦ ଏବଂ ବନ୍ୟଜନ୍ତୁ ହେଉଛନ୍ତି ପ୍ରକୃତି ପାଇଁ ଇଶ୍ୱରଙ୍କ ସର୍ବଶ୍ରେଷ୍ଠ ଅବଦାନ, ଯେଉଁଥିପାଇଁ ପରିବେଶ ସନ୍ତୁଳନ ସମ୍ଭବ। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସମ୍ପଦକୁ ସମ୍ମାନ ଜଣାଇବା ସହ ଜଙ୍ଗଲ, ଜୈବ ବିବିଧତା ଏବଂ ପୃଥିବୀର ସୁରକ୍ଷା ଦେବା ପାଇଁ ଆମର ସାମୂହିକ ସଂକଳ୍ପକୁ ଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ରାଉରକେଲା ବନଖଣ୍ଡ ଅଧିକାରୀ (ଡିଏଫଓ) ରବିକାନ୍ତ ମିନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ମଣ୍ଡଳ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ (ଆରସିସିଏଫ୍) ପି. ରାମାସ୍ୱାମୀଙ୍କ ସମେତ ସୁନ୍ଦରଗଡ଼ ଡିଏଫଓ ଖୁସୱନ୍ତ ସିଂହ, ବଣାଇଁ ଡିଏଫଓ ଯଶୋବନ୍ତ ସେଠୀ, କେନ୍ଦୁଝରର ଡିଏଫଓ ଧନରାଜ ହନୁମନ୍ତ ଧାମଧିର ଏବଂ ଦେବଗଡ଼ ଡିଏଫଓ ରଶ୍ମୀ ଜି. ଉପସ୍ଥିତ ଥିଲେ। ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ମଣ୍ଡଳସ୍ତରୀୟ ଉତ୍ସବ ପାରମ୍ଭରେ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ଚାରା ପ୍ରଦାନ କରାଯାଇଥିଲା। ରାଉରକେଲା ଡିଏଫଓ ରବିକାନ୍ତ ମିନା ତାଙ୍କ ବକ୍ତବ୍ୟରେ କହିଲେ ରାଉରକେଲା ବନଖଣ୍ଡ ପକ୍ଷରୁ ବିଗତ ଦିନରେ ବନ୍ୟପ୍ରାଣୀ ଏବଂ ହାତୀମାନଙ୍କ ସୁରକ୍ଷା ପାଇଁ ଲଗାଯାଇଥିବା ୫ଟି ଟାୱାର୍ ଉଚ୍ଚଶକ୍ତି ସମ୍ପନ୍ନ ଏଆଇ କ୍ୟାମେରା ଦ୍ୱାରା ହାତୀଙ୍କ ଜୀବନକୁ ସୁରକ୍ଷା ଦିଆଯାଇପାରିଛି। ରାତିରେ ଏହି ଏଆଇ କ୍ୟାମେରା ଦ୍ୱାରା ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇପାରୁଛି ବୋଲି କହିଥିଲେ। ଆଗାମୀ ଦିନରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଆହୁରି ଅଧିକ ସଂଖ୍ୟାରେ ଏଆଇ କ୍ୟାମେରା ଲଗାଯିବ ବୋଲି ଡିଏଫଓ ଶ୍ରୀ ମୀନା ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ଡିଏଫଓମାନଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ଏସିଏଫ୍ ସସ୍ମିତା ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ କ୍ୟୁଇଜ୍ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଭାଗନେଇ କୃତିତ୍ୱର ସହିତ ବିଜୟଲାଭ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ରାଉରକେଲା, ବଣାଇଁ, ସୁନ୍ଦରଗଡ଼, କେଉଁଝର ଏବଂ ଦେବଗଡ଼ ବନଖଣ୍ଡ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ପଦକ ଏବଂ ଚେକ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏତଦବ୍ୟତୀତ ସେହି ବନ ବିଭାଗର ଦଳଗତ ସଫଳତା ହାସଲ ପାଇଁ ବନ କର୍ମଚାରୀ ଏବଂ ଆରଆରଟି ଟିମଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




# ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ବଣାଇ, ୧।୧୦(ସମିସ): ବଣାଇ ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଆଇଟିଡିଏ ସଭାଗୃହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଣାଇ ଗଡ଼ ଉପ ଜିଲ୍ଲାପାଳ ସନ୍ତୋଷ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ହେଇଥିବା ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯୋଗାସନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଣାଇ ବନବିଭାଗର ସର୍ବଜିତ, ବରିଷ୍ଠ ଆଇନଜୀବୀ ଲିଙ୍ଗରାଜ ମିଶ୍ର, ବିନୟ କୁମାର ଦାସ, ବୀଜନ୍ କୁମାର ସେନ, ସହକାରୀ ଜିଲ୍ଲାପାଳ କୁଳମଣି ଧଳଙ୍କ ସମେତ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମଟି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଡାଲମିଆ ମହାବିଦ୍ୟାଳୟରେ +୩ କଳା, ବିଜ୍ଞାନ ସମସ୍ତ ବିଭାଗରେ ସ୍ୱାଗତ ସମାରୋହ

କୁତ୍ରା, ୧।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ କଳା, ବିଜ୍ଞାନ ସମସ୍ତ ବିଭାଗରେ ନବଜ୍ୟୋତି ତଥା +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଜିତେନ୍ଦ୍ର କୁମାର ପଟେଲ ଏବଂ ମହାବିଦ୍ୟାଳୟର ପ୍ରଶାସନିକ ବର୍ସାର ଏକଲବ୍ୟ ନାଏକ ସମସ୍ତ ବିଭାଗରେ ଯୋଗଦାନ ଦେଇ ଦୀପ ପ୍ରଜ୍ୱଳନ କରି ସମାହୋରର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ଶୃଙ୍ଖଳାଧିନ ହୋଇ ଜ୍ଞାନର୍ଜନ କରିବାକୁ ପରାମର୍ଶ ଦେଇ ଅଭିନବ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ନିଜର ହସ୍ତକଳା ଦ୍ୱାରା ନିଜନିଜ ବିଭାଗକୁ ସୁସଜ୍ଜିତ କରି ନୃତ୍ୟ, ଗୀତ ଆଦି ମାଧ୍ୟମରେ ମହାଡମ୍ବରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ। ମହାବିଦ୍ୟାଳୟରେ ସମସ୍ତ ଅଧାପକ, ଅଧାପିକା ତଥା ଅନ୍ୟାନ୍ୟ କର୍ମଚାରିମାନଙ୍କ ସହଯୋଗ କାର୍ଯ୍ୟକ୍ରମରେ ସଫଳତା ଆଣିଦେଇଥିଲା।

# ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳିତ



ରାଉରକେଲା, ୧।୧୦(ସମିସ): ପାନପୋଷ ଉପଖଣ୍ଡସ୍ତରୀୟ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ - ଆଜି ଛେଣ୍ଡ ଥାନା ନିକଟସ୍ଥ ମଡେଲ୍ ସିନିୟର ସିଟିଜେନ୍ ହେଲ୍ଥ ସେଣ୍ଟରଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠମାନଙ୍କ ସମ୍ମାନ, ସୁରକ୍ଷା ଓ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଡିଏଫଓ ରବି ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ବ୍ୟକ୍ତିମାନ ହେଉଛନ୍ତି ସମାଜର ଅଳଙ୍କାର ଓ ଆଦର୍ଶ, ଯେଉଁମାନଙ୍କ ଉପଦେଶ, ପରାମର୍ଶ ସର୍ବଦା ଅନୁକରଣୀୟ ବୋଲି ବକ୍ତବ୍ୟର କହିଥିଲେ। ଏହି ଅବସରରେ ରାଉରକେଲା ଅତିରିକ୍ତ ଏସପି ଶ୍ରାବଣୀ ନାୟକ, ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଚାନ୍ଦିନୀ ଏବଂ ଅବସରପ୍ରାପ୍ତ ପୁଲିସ୍ ସଂଘର ସାଧାରଣ ସମ୍ପାଦକ ସୁମନ ଦତ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଡେଲ୍ ସିନିୟର ସିଟିଜେନ୍ ହେଲ୍ଥ ସେଣ୍ଟରର ସଭାପତି ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେନ୍ ଆସୋସିଏସନ୍, ବୀରମିତ୍ରପୁର ଓ ଜଗଦାର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ସୁନିଲ କୁମାର ମହାନ୍ତି, ସମାଜସେବୀ ସବିତା ସାହୁ, ଭରତ କୁମାର ବାଇ, ମହେନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତୀତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାନପୋଷ ଉପଖଣ୍ଡର ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ କାର୍ଯ୍ୟକ୍ରମର ସଭା ପରିଚାଳନା କରିଥିବା ବେଳେ ପାନପୋଷ ଉପଖଣ୍ଡ ଏସ୍‌ଏସ୍‌ଓ ପ୍ରକାଶ କୁମାର ଦାସଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଏକ ପେଡ୍ ମାଁ କେ ନାମ' ଅଭିଯାନ ଅଧୀନ ଚାରାରୋପଣ ଓ ଚାରା ବଣ୍ଟନ କରାଯାଇ ପରିବେଶ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ବୟୋଜ୍ୟେଷ୍ଠମାନଙ୍କ ପ୍ରତି ସମ୍ମାନ, ଯତ୍ନ ଓ ସହଯୋଗର ଭାବନାକୁ ସୁଦୃଢ଼ କରିବା ସହ ସେମାନଙ୍କ ଅନୁଭବ ଓ ଅବଦାନକୁ ସମାଜରେ ସମ୍ମାନିତ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ବରିଷ୍ଠ ନାଗରିକ ଦିବସ

ବଣାଇଁ, ୧।୧୦(ସମିସ): ବଣାଇଁ ତାଲୁକଆଇନ ସେବା ପ୍ରାଧିକରଣ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆଶୁତୋଷ ଦାସ, ଏବଂ ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ଦାସ, ଅଭିନନ୍ଦନ ନନ୍ଦ, ଶୁଭଲକ୍ଷ୍ମୀ ପ୍ରୀୟ ଦର୍ଶନୀ, ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଏବଂ ବଣାଇର ବରିଷ୍ଠ ଓକିଲ ସମୂହ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆମ ସମାଜରେ ବରିଷ୍ଠ ନାଗରିକ ମାନଙ୍କର ଅମୂଲ୍ୟ ଭୂମିକାକୁ ଚିହ୍ନିବା ପାଇଁ ଆମର ପ୍ରୟାସରେ କେତେ ଗୁଡ଼ିଏ ସ୍ୱତନ୍ତ୍ର ଦିବସକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥାଉ। ଏହି ଦିନ ବିଭିନ୍ନ ଘଟଣାକୁ ସ୍ମରଣ କରିଥାଉ, ଯାହା ସେମାନଙ୍କର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥାଏ। ସେମାନଙ୍କର ଜ୍ଞାନ, ଜୀବନର ଅଭିଜ୍ଞତା ଏବଂ ମୂଲ୍ୟବୋଧକୁ ସମ୍ମାନ ଜଣାଇବା ସହିତ ତାଙ୍କର ସୁସ୍ଥତା, ସମ୍ମାନର ସହିତ ବଞ୍ଚିବାରେ ସହାୟକ ତଥା ନିଶ୍ଚିତ କରିବାର ପ୍ରେରଣା ଯୋଗାଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ଜିଲ୍ଲାସ୍ତରୀୟ କ୍ରିକେଟ ଚୟନ ପ୍ରତିଯୋଗିତା



କୁତ୍ରା, ୧।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାଠାରେ ଥିବା ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ କ୍ରିକେଟ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ଅମରେଶ ସାହୁଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଯୋଗଦେଇ କ୍ରୀଡାବିତମାନଙ୍କୁ କ୍ରିକେଟ ଖେଳ ବିଷୟରେ ବିସ୍ତୃତ ଭାବରେ ବୁଝାଇବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜେଏସ୍‌ଡବ୍ଲୁ ସିଏସ୍‌ଆର ମୁଖ୍ୟ ସଂଗ୍ରାମ ରାଉତ, ଜେଏସ୍‌ଡବ୍ଲୁ ସିଏସଆର ପ୍ରବନ୍ଧକ ଅଲେଖ ଦଲେଇ, ରାଜଗାଙ୍ଗପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋକ ଲାକ୍ରା ଓ କୁତ୍ରା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଖେଳକୁ ପ୍ରଭାତ କୁମାର ସ୍ୱାଇଁ, ଆଶିଷ କୁମାର ପ୍ରଧାନ, ଅଜୟ ରାଉତ, ରୋଶନ ପ୍ରଧାନ, ରିତେଶ ପାଣ୍ଡେ, ମିତ୍ରଭାନୁ ପଣ୍ଡା ଓ ଉମାଶଙ୍କର ମଲ୍ଲିକ ଖେଳ ଶିକ୍ଷକମାନେ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପି ଦ୍ୱାରା କଚାରୁରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୧।୧୦(ସମିସ): ସମ୍ପ୍ରତି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ପରିପ୍ରେକ୍ଷୀରେ କୁଆଁରମୁଣ୍ଡା ବ୍ଲକର କଚାରୁ ବଜାର ଠାରେ ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର୍ ବିଭାଗ ଦ୍ୱାରା ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ୱଚ୍ଛତା, ବ୍ୟକ୍ତିଗତ ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ବଜାୟ ରଖିବା ଦିଗରେ ସାମୂହିକ ଦାୟିତ୍ୱ ସମ୍ପର୍କରେ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆର୍‌ଏସ୍‌ପିର ମହାପ୍ରବନ୍ଧକ ବିଭବସୁ ମାଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପମହାପ୍ରବନ୍ଧକ ପି. ସାହୁ, ସହାୟକ ମହାପ୍ରବନ୍ଧକ ବି. ଜେନା, କଚାରୁ ଗ୍ରାମ ପଞ୍ଚାୟତର ସରପଞ୍ଚ ଜୁବା ଟପୋ ଏବଂ କଚାରୁର ସମିତିସଭ୍ୟ ଅଶ୍ୱିନ କେରକେଟା ମଧ୍ୟ ଏ ଅବସରରେ ଉପସ୍ଥିତ ଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମଲିକ ଏକ ସୁସ୍ଥ ଓ ଗୌରବମୟ ଜୀବନଯାପନ ପରିବେଶ ସୁନିଶ୍ଚିତ କରିବାରେ ସ୍ୱଚ୍ଛତା ଏବଂ ଆରୋଗ୍ୟର ଗୁରୁତ୍ୱ ଉପରେ ବଳ ଦେଇଥିଲେ। ସେ ସମ୍ପ୍ରଦାୟକୁ ଦାୟିତ୍ୱବାନ ପରିମଳ ଅଭ୍ୟାସ ଗ୍ରହଣ କରିବାକୁ ଏବଂ ବର୍ଷସାରା ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ ଜୁବା ଟପୋ ଏବଂ ଅଶ୍ୱିନ କେରକେଟା ଏହି ପଦକ୍ଷେପର ପ୍ରଶଂସା କରିଥିଲେ ଏବଂ ସମ୍ପ୍ରଦାୟ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆର୍.ଏସ୍. ପିକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ କଚାରୁ ବଜାର ଠାରେ ଏକ ପ୍ରତୀକାତ୍ମକ ସଫେଇ ଅଭିଯାନ କରାଯାଇଥିଲା। ସିଏସ୍‌ଆର୍ ଅଧିକାରୀ ଓ କର୍ମଚାରୀ, ତୃଣମୂଳ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ୱଚ୍ଛତା ସେବା ସମିତି ଗୋଷ୍ଠୀର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ।




# ସେପ୍ଟେମ୍ବରରେ ଆର୍‌ଏସ୍‌ପି ନ୍ୟୁପ୍ଲେଟ୍ ମିଲ୍ ଦ୍ୱାରା ନୂତନ ରେକର୍ଡ

ରାଉରକେଲା, ୧।୧୦(ସମିସ)

ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍ ସେପ୍ଟେମ୍ବର ମାସରେ ଉତ୍ପାଦନ ଏବଂ ଚାଲାଣ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଛି। ଉକ୍ତ ମିଲ୍ ୯୪, ୫୧୭ ଟନ୍ ପ୍ଲେଟ୍ ଉତ୍ପାଦନ କରି ପ୍ରତିଷ୍ଠା ପରଠାରୁ ଏହାର ସର୍ବଶ୍ରେଷ୍ଠ ସେପ୍ଟେମ୍ବର ଉତ୍ପାଦନ ହାସଲ କରିଛି, ଯାହାକି ବିଗତବର୍ଷ ସେପ୍ଟେମ୍ବର ମାସରେ ହାସଲ ହୋଇଥିବା ପୂର୍ବର ଶ୍ରେଷ୍ଠ ଉତ୍ପାଦନ ୮୩, ୮୬୨ ଟନ୍‌କୁ ଅତିକ୍ରମ କରିଛି। ଅଧିକନ୍ତୁ ୩୦ ଦିନିଆ ମାସଗୁଡ଼ିକ ମଧ୍ୟରେ ଏହା ମିଲ୍‌ର ପ୍ରତିଷ୍ଠା ପରଠାରୁ ସର୍ବାଧିକ ମାସିକ ଉତ୍ପାଦନ ରେକର୍ଡ ଅଟେ, ଯାହା ଜୁନ୍ ୨୦୨୬ରେ ହାସଲ ହୋଇଥିବା ପୂର୍ବ ରେକର୍ଡ ୮୯, ୨୨୪ ଟନ୍‌କୁ ମଧ୍ୟ ଅତିକ୍ରମ କରିଛି। ଆଲୋଚ୍ୟ ମାସରେ ନ୍ୟୁ ପ୍ଲେଟ୍ ମିଲ୍ ୯୦, ୨୩୭ ଟନ୍ ଚାଲାଣ କରି ପ୍ରତିଷ୍ଠା ପର ଠାରୁ ଏହାର ସର୍ବଶ୍ରେଷ୍ଠ ସେପ୍ଟେମ୍ବର ଚାଲାଣ ରେକର୍ଡ କରିଛି। ଏହି ସଂଖ୍ୟା ସେପ୍ଟେମ୍ବର ୨୦୨୩ରେ ହାସଲ କରାଯାଇଥିବା ସର୍ବଶ୍ରେଷ୍ଠ ସେପ୍ଟେମ୍ବର ଚାଲାଣ ୮୮, ୭୭୫ ଟନ୍‌କୁ ଅତିକ୍ରମ କରିଛି। ଏହା ବ୍ୟତୀତ, ଏହା ୩୦ ଦିନିଆ ମାସଗୁଡ଼ିକ ମଧ୍ୟରେ ମିଲ୍‌ର ସର୍ବାଧିକ ଚାଲାଣ ରେକର୍ଡ ଅଟେ। ଚଳିତ ଆର୍ଥିକବର୍ଷର ପ୍ରଥମ ଷଣ୍ମାସିକ (ଏଚ-୧) ରେ ମିଲ୍‌ର ସମୁଦାୟ ଉତ୍ପାଦନ ୫, ୦୫, ୫୧୯ ଟନ୍‌ରେ ପହଞ୍ଚିଛି, ଯାହା ଗତବର୍ଷର ସମାନ ଅବଧିର ଉତ୍ପାଦନ ପରିମାଣ ୫, ୦୩, ୯୩୩ ଟନ୍‌କୁ ଅତିକ୍ରମ କରିଛି। ଉଲ୍ଲେଖଯୋଗ୍ୟ ଯେ ୧୧ ଦିନର ମୁଖ୍ୟ ମରାମତି କାର୍ଯ୍ୟ ସତ୍ତ୍ୱେ ମିଲ୍ ଏହି ସଫଳତା ହାସଲ କରି ପାରିଛି। ନ୍ୟୁ ପ୍ଲେଟ୍ ମିଲ୍ ଟିମ୍, ଏହାର ନେତୃତ୍ୱ ଏବଂ ସମସ୍ତ ସମ୍ପୃକ୍ତ ବିଭାଗର ଏହି ପ୍ରତିଶ୍ରୁତିବଦ୍ଧ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଗୁରୁତ୍ୱାରୋପ କରିଛନ୍ତି ଯେ କୌଣସି ବ୍ୟବସାୟିକ ସଂସ୍ଥାରେ ସ୍ଥାୟୀ ଲାଭ ହାସଲ କରିବା ପାଇଁ ନିରନ୍ତର ସୁଧାର ଏବଂ କ୍ରମାଗତ ଅଭିବୃଦ୍ଧି ଅତ୍ୟାବଶ୍ୟକ।



## ‘ରାଜେନ୍ଦ୍ର’ ଛାତ୍ର-ତହସିଲଦାର ମୁହାଁମୁହିଁ



**ବଲାଙ୍ଗିର, ୧।୧୦ (ସମିସ):** ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଦୀର୍ଘଦିନର ଜମି ସମସ୍ୟାର ସମାଧାନ ଏବଂ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ଦାବିରେ ଶୁକ୍ରବାର ବଲାଙ୍ଗିର ତହସିଲ ଅଫିସ ସମ୍ମୁଖରେ ଛାତ୍ରମାନେ ଧାରଣା ଦେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଦୀର୍ଘଦିନ ଧରି ସମାଧାନ ହୋଇନାହିଁ। ବିଭିନ୍ନ ସମୟରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପାଇଁ ୨୦୦ ଏକର ଜମି ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ବେଳେ ଏହାର ବାସ୍ତବ ଅଗ୍ରଗତିକୁ ନେଇ ଛାତ୍ରମାନେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟକୁ ନେଇ ମଧ୍ୟ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ଓ ଭିତ୍ତିଭୂମି ବିକାଶ ପାଇଁ ସ୍ପଷ୍ଟ ନୀତି ଓ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଛାତ୍ର ଜନତା ଦଳ, ବଲାଙ୍ଗିର ପକ୍ଷରୁ ଏକ ପ୍ରତିନିଧି ଦଳ ବଲାଙ୍ଗିର ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଦାବିପତ୍ର ପ୍ରଦାନ ସମୟରେ ତହସିଲ ଅଫିସର କିଛି କର୍ମଚାରୀ ଛାତ୍ରମାନଙ୍କ ସହ ଅସମ୍ମାନଜନକ ବ୍ୟବହାର ଓ ଅସଦାଚରଣ କରିଥିବା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ବିରୋଧ କରି ବିଜୁ ଛାତ୍ର ଜନତା ଦଳର ବଲାଙ୍ଗିର ଜିଲ୍ଲା ସଭାପତି ସୁମନ ନନ୍ଦଙ୍କ ନେତୃତ୍ୱରେ ଛାତ୍ର ଓ କର୍ମକର୍ତ୍ତାମାନେ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ଭାଇରାଲ୍ ଅଡିଓ-ଭିଡିଓକୁ ନେଇ ଘରୋଇ କଲେଜରେ ଚହଳ

**ବଲାଙ୍ଗିର, ୧।୧୦(ସମିସ)**

### ସିଲ୍ କଲା ପ୍ରଶାସନ
### ଛାତ୍ରଙ୍କ ସହ ଆପତ୍ତିଜନକ ଚାଟିଂ ଓ ଅଡିଓ ଭାଇରାଲ
### କାଗଜପତ୍ର ଯାଞ୍ଚରେ ଅନିୟମିତତା ଅଭିଯୋଗ



ବଲାଙ୍ଗିର ସହରର ଶାନ୍ତିପଡ଼ା କଲ୍ୟାଣ ମଣ୍ଡପ ପଛପଟେ ଚାଲୁଥିବା ଏକ ଘରୋଇ କଲେଜକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କଲେଜ ମାଲିକ ସୁମିତ ଅଗ୍ରୱାଲ ଜଣେ ଛାତ୍ରଙ୍କ ସହ କଥିତ ଆପତ୍ତିଜନକ ଅଡିଓ ବାର୍ତ୍ତା ଓ ହ୍ୱାଟସଆପ୍ ଚାଟିଂର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଘଟଣାଟି ଜିଲ୍ଲା ପ୍ରଶାସନର ନଜରକୁ ଆସିଛି। ଘଟଣାର ବିଭିନ୍ନ ଦିଗ ତଦନ୍ତ କରିବା ସହ କଲେଜର ବୈଧତା ଓ ଆବଶ୍ୟକ କାଗଜପତ୍ର ନେଇ ମଧ୍ୟ ଯାଞ୍ଚ ଆରମ୍ଭ ହୋଇଛି। ସୂଚନା ଅନୁସାରେ, ଭାଇରାଲ୍ ହୋଇଥିବା ଅଡିଓ ଓ ଭିଡିଓରେ କଲେଜ ମାଲିକ ଓ ଜଣେ ଛାତ୍ରଙ୍କ ମଧ୍ୟରେ କଥିତ ଆପତ୍ତିଜନକ ଆଲୋଚନା ଓ ଚାଟିଂ ଥିବା ଅଭିଯୋଗ ହୋଇଛି। ଏହି ସାମଗ୍ରୀର ସତ୍ୟତା ଏପର୍ଯ୍ୟନ୍ତ ସ୍ୱାଧୀନ ଭାବେ ପ୍ରମାଣିତ ହୋଇ ନ ଥିବା ବେଳେ ଘଟଣାକୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। ଭାଇରାଲ ହୋଇଥିବା ଅଡିଓରେ ସମ୍ପୃକ୍ତ ମାଲିକ ଜଣେ ଛାତ୍ରଙ୍କୁ ପରୋକ୍ଷ ଭାବେ ଯୌନ ନିବେଦନ କରୁଥିବା ଜଣାପଡ଼ିଛି। ଏହା ସହ ସମ୍ପୃକ୍ତ ଛାତ୍ର ଜଣକ ସହରର ଜଣେ ଜଣାଶୁଣା ମହିଳା ଆଲବମ୍ କଳାକାର ତଥା କଣ୍ଠଶିଳ୍ପୀଙ୍କ ସହ ଫଟୋ ଉଠାଇବାକୁ ଯେମିତି ହେଲେ ବ୍ୟବସ୍ଥା କରିବାକୁ ମାଲିକଙ୍କୁ ଅନୁରୋଧ କରୁଥିବା ଭାଇରାଲ ହୋଇଥିବା ଅଡିଓ ବାର୍ତ୍ତାରୁ ସ୍ପଷ୍ଟ ହେଉଛି। ମାଲିକ ଛାତ୍ରଙ୍କୁ ନିଜ ଫୁଙ୍ଗୁଳା ଦେହର ଫଟୋ ଉଠାଇ ହ୍ୱାଟ୍ସପ୍ ଚାଟିଂ କରୁଥିବା ଭାଇରାଲ ଭିଡିଓରୁ ଦେଖିବାକୁ ମିଳିଛି। ଶିକ୍ଷା ପ୍ରତିଷ୍ଠାନ ଖୋଲି ପିଲାଙ୍କୁ ନୀତି, ଆଦର୍ଶ ଓ ଶୃଙ୍ଖଳା ଶିକ୍ଷା ଦେବା ବଦଳରେ ନାବାଳକ ଛାତ୍ରଙ୍କ ସହ ବିଶୃଙ୍ଖଳିତ ଆଚରଣ କରୁଥିବା ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ ଜିଲ୍ଲା ପ୍ରଶାସନ ଆରମ୍ଭ କରିଛି। ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ, ପୁଲିସ, ଶିକ୍ଷା ବିଭାଗ ଓ ଶିଶୁ ସୁରକ୍ଷା ସମ୍ପର୍କିତ ଅଧିକାରୀମାନଙ୍କ ମିଳିତ ଯାଞ୍ଚ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ ପରେ କଲେଜକୁ ସିଲ୍ କରାଯାଇଛି। ଯାଞ୍ଚ ସମୟରେ କଲେଜର ଅନୁମତି, ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇଛି। ତଦନ୍ତ ବେଳେ କଲେଜର ହଷ୍ଟେଲ୍ ସମ୍ପର୍କିତ ଅନୁମତି ରହିଛି କି ନାହିଁ, ପିଭିଆର୍, ଏନ୍‌ଓସି ସମେତ ଅନ୍ୟାନ୍ୟ ବୈଧ ଦସ୍ତାବିଜ ଠିକ୍ ଅଛି କି ନାହିଁ ସେନେଇ ମଧ୍ୟ ଯାଞ୍ଚ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କେତେକ କାଗଜପତ୍ରରେ ଅନିୟମିତତା ଓ ଜାଲିଆତିର ସନ୍ଦେହ ଥିବା କୁହାଯାଇଛି। ତେବେ ଏହାର ସମ୍ପୂର୍ଣ୍ଣ ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। କଲେଜରେ ଶତାଧିକ ଛାତ୍ରଛାତ୍ରୀ ପଢୁଥିବା ସତ୍ତ୍ୱେ ଆବଶ୍ୟକ ଅନୁମତି ଓ ନିରାପତ୍ତା ସମ୍ପର୍କିତ ଦସ୍ତାବିଜ ନ ଥିଲେ କିପରି ଏହି ଶିକ୍ଷାନୁଷ୍ଠାନ ଚାଲୁଥିଲା ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ଉଚ୍ଚଶିକ୍ଷା ବିଭାଗ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କେଉଁ ଆଧାରରେ ଶିକ୍ଷାଦାନ ପାଇଁ ଅନୁମତି ମିଳିଥିଲା ସେନେଇ ମଧ୍ୟ ଯାଞ୍ଚ କରାଯାଉଛି। ଅନ୍ୟପଟେ କଲେଜ ମାଲିକ ସୁମିତ ଅଗ୍ରୱାଲ ଅସୁସ୍ଥତା କାରଣରୁ ତଦନ୍ତ ସମୟରେ ଉପସ୍ଥିତ ନ ଥିବା ତାଙ୍କ ଭାଇ ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ପାରିବାରିକ ସମସ୍ୟା ପରେ ସୁମିତଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। ତେବେ ଏହି ଦାବିର ସତ୍ୟତା ଓ ଘଟଣା ସହ ଏହାର କୌଣସି ସମ୍ପର୍କ ଅଛି କି ନାହିଁ ତାହା ତଦନ୍ତର ବିଷୟ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି ହୋଇଥିବା ସମୟରେ ଏଭଳି ଅଭିଯୋଗ ସାମ୍ନାକୁ ଆସିବା ଘଟଣାକୁ ଗୁରୁତ୍ୱ ଦେଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡାଙ୍କ ସମେତ ଅଧିକାରୀମାନେ ଘଟଣାର ବିଭିନ୍ନ ଦିଗ ନେଇ ତଥ୍ୟ ସଂଗ୍ରହ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ବୈଧ କାଗଜପତ୍ର ଯାଞ୍ଚ ଓ ତଦନ୍ତ ଶେଷ ହେବା ପରେ ହିଁ କଲେଜ ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଅଭିଯୋଗରେ ଯଦି କୌଣସି ଆଇନ ଉଲ୍ଲଂଘନ ପ୍ରମାଣିତ ହୁଏ ତେବେ ନିୟମ ଅନୁସାରେ ସମ୍ପୃକ୍ତଙ୍କ ବିରୋଧରେ ପଦକ୍ଷେପ ନିଆଯିବ। ଏବେ ପ୍ରଶାସନର ତଦନ୍ତ ରିପୋର୍ଟ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଉପରେ ନଜର ରହିଛି।

## ଯୁବକଙ୍କୁ ହତ୍ୟା ଅଭିଯୋଗରେ ମଦ ବ୍ୟବସାୟୀ ଗିରଫ

**କନ୍ଧମାଳ, ୧।୧୦(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତଥା ପଞ୍ଚାୟତ ଅଧୀନ କପାସିରା ଗ୍ରାମର ସତ୍ୟାନନ୍ଦ ମହାକୁଡ଼ଙ୍କ ପୁଅ ସଞ୍ଜୀବ ମହାକୁଡ଼ (୨୫) ମୃତ୍ୟୁର ରହସ୍ୟ ଖୋଲିଛି। ଏହି ଘଟଣାରେ ପୁଲିସ ତାଙ୍କ ପଡୋଶୀ ପୃଥ୍ୱିରାଜ ବଗର୍ତ୍ତିକୁ ଗିରଫ କରିଛି। ୨୩ ତାରିଖ ରାତିରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ସଞ୍ଜୀବଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ତାଙ୍କୁ ଯୋଜନାବାଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରି ତାଙ୍କ ଭାଇ ଅଜିତ ମହାକୁଡ଼ ସେଦିନ ଥାନାରେ ଏତଲା ଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଥିଲା। ଆଇଆଇସି ଚିରଞ୍ଜିବି ବେହେରା ଘଟଣାକୁ ଗୁରୁତର ସହ ନେଇଥିଲେ। ବୌଦ୍ଧରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହ ପୁଲିସ ତଦନ୍ତ କରିଥିଲେ। ସନ୍ଧାନୀ କୁକୁର ବାରମ୍ବାର ପୃଥ୍ୱିରାଜଙ୍କ ଘରକୁ ଯାଇଥିଲା। ଏଣୁ ପୁଲିସ ପୃଥ୍ୱିରାଜକୁ ଥାନାରେ ଅଟକ ରଖି ଜେରା କରିଥିଲା। ସେ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏହାପରେ ପୁଲିସ ଅପମୃତ୍ୟୁ ମାମଲାକୁ ହତ୍ୟାକାଣ୍ଡରେ ପରିବର୍ତ୍ତନ କରିଥିଲା। ଘଟଣା ଦିନ ବିଳମ୍ବିତ ରାତି ପର୍ଯ୍ୟନ୍ତ ସଞ୍ଜୀବ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜିବାକୁ ଯିବାବେଳେ ଘରଠାରୁ ପ୍ରାୟ ୬୦ ମିଟର ଦୂରରେ ପଡ଼ିଥିବା ଦେଖିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରକ୍ତାକ୍ତ ଅବସ୍ଥାରେ ଘର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ସୋନପୁର ଡାକ୍ତରଖାନା, ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ଉତ୍ତମ ଚିକିତ୍ସା ସକାଶେ ବୁର୍ଲାରୁ ବରଗଡ଼ର ଏକଭ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଂକଟପନ୍ନ ହେବାରୁ ରାୟପୁର ନେବାବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ମନମୁଣ୍ଡା ଥାନାରେ ଏତଲା ପରେ ସ୍ଥାନୀୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ପୁଲିସ ଆଗରେ କହିବା ଅନୁସାରେ, ସଞ୍ଜୀବ ରାତିରେ ତାକୁ ମଦ ମାଗିଥିଲେ। ସେ କିନ୍ତୁ ମଦ ଦେଇ ନ ଥିଲା। ସଞ୍ଜୀବ ଅଭିଯୁକ୍ତର ଘରକୁ ବିଳମ୍ବିତ ରାତିରେ ପଶିଥିଲା। ଏଣୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅଭିଯୁକ୍ତଠାରୁ ସଞ୍ଜୀବ ଟଙ୍କା ଛଡାଇ ନେଇଥିଲା। ଏଣୁ ଅଭିଯୁକ୍ତ ଘରୁ ଏକ କୁରାଢ଼ୀ ଆଣି ମୃତକର ମୁଣ୍ଡକୁ ହାଣି ଦେଇଥିଲା।

### ବଙ୍ଗୋମୁଣ୍ଡାରେ ଟ୍ରକ୍ ଧକ୍କାରେ ଯୁବକ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ଅବରୋଧ



**କଣ୍ଟାବାଞ୍ଜି, ୧।୧୦(ସମିସ):** ଟ୍ରକ୍ ଧକ୍କାରେ ଯୁବକ ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦାବି ନେଇ ଶବ ରଖି ରାସ୍ତା ଅବରୋଧ କରାଯାଇଛି। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା -ଖଡ଼ିଆଳ ୫୯ ନମ୍ବର ଜାତୀୟ ରାଜପଥ ବୋରୋବାହାଲ ଗାଁରେ ଏହି ରାସ୍ତାରୋକ କରାଯାଇଛି। ବୁଧବାର ଅପରାହ୍ନରେ ବରୋବାହାଲ ଗାଁ ବୁଲାଣିଠାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁର ଦୁଃଖୀ ଭୋଇ। ଆଜି ସକାଳେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବାକୁ ଦାବି କରି ଆନ୍ଦୋଳନକାରୀ ରାସ୍ତାରୋକ କରିଥିଲେ। ବଙ୍ଗୋମୁଣ୍ଡା ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ସେମାନେ ଜିଦରେ ଅଟଳ ଥିଲେ। ପରେ ଘଟଣା ସ୍ଥଳରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବଙ୍ଗୋମୁଣ୍ଡା ତହସିଲଦାର ଜ୍ୟୋତ୍ସ୍ନା ମାଝୀ ପହଞ୍ଚି ଥିଲେ। ରେଡ଼କ୍ରସ ପାଣ୍ଠିରୁ ସହାୟତା କରିବା ସହ ବିଭିନ୍ନ ସରକାରୀ ଯୋଜନାରେ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ତେବେ ମୃତକଙ୍କ ପରିବାର ବର୍ଗ ସହ ଗ୍ରାମବାସୀ ରାସ୍ତାରୋକରେ ସାମିଲ ହୋଇଥିଲେ। ଦୀର୍ଘ ୩ ଘଣ୍ଟା ରାସ୍ତାରୋକ କରାଯାଇଥିଲା। ଏଣୁ ରାସ୍ତାରେ ବିଭିନ୍ନ ଯାନ ବାହାନ ଅଟକି ରହିଥିଲା। ଏହା ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଜି ସନ୍ଧ୍ୟାରେ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଝରଣୀ ଗାଁରେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୧।୧୦ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଧୀନ ଝରଣୀ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ବିଜୁ ମାଝୀ (୨୦) ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି।



ଗାଁର ବିନୋଦ ମେହେରଙ୍କ ଚାଷ ଜମିରେ ଥିବା ଏକ ଗଛରୁ ବିଜୁଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ତୁରେକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କଣ୍ଟାବାଞ୍ଜି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଯୁବତୀଙ୍କୁ ପ୍ରତାରଣା: ଜେଲ୍ ଗଲେ ହୋମଗାର୍ଡଙ୍କ ସହ ଦୁଇ ପୁଅ

**ପାଟଣାଗଡ଼, ୧।୧୦ (ସମିସ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡ ଜଣେ ଖାକିରେ କଳଙ୍କ ଲଗାଇଛନ୍ତି। ଜଣେ ଯୁବତୀଙ୍କ ସହ ସେ ୧୦ ବର୍ଷରୁ ଅଧିକ ହେବ ପ୍ରେମ ସମ୍ପର୍କରେ ଥିଲେ। ଯୁବତୀ ଜଣକ ବିବାହ ପାଇଁ ଅଡି ବସିବାରୁ ହୋମଗାର୍ଡ ଜଣକ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ନେଇ ଯୁବତୀ ଜଣକ ବଲାଙ୍ଗୀର ଏସ୍‌ପିଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ପାଟଣାଗଡ଼ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ହୋମଗାର୍ଡ ରାଜକିଶୋର ସା ଓ ତାଙ୍କ ଦୁଇ ପୁଅ ସାନ୍ତୁନୁ ସା ଓ ବଳରାମ ସାକୁ ଆଜି ଗିରଫ କରିଛନ୍ତି। ତେବେ ଯୁବତୀ ଜଣକ ପାଟଣାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ; କିନ୍ତୁ ପାଟଣାଗଡ଼ ପୁଲିସ ଯୁବତୀଙ୍କୁ ଉପଯୁକ୍ତ ନ୍ୟାୟ ଦେବାରେ ବିଫଳ ହୋଇଥିଲା। ଅନ୍ୟପଟେ ହୋମଗାର୍ଡ ରାଜକିଶୋର, ତାଙ୍କ ଦୁଇ ପୁଅ ଶାନ୍ତନୁ ଓ ବଳରାମ ଯୁବତୀଙ୍କ ଘରକୁ ଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିବା ଅଭିଯୋଗ ହୋଇଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରରେ ‘ଆଙ୍ଗନ୍ କା ଉତ୍ସବ’

**ଡୁଙ୍ଗୁରିପାଲି, ୧।୧୦ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଓ ଚେରୁପାଲି ସମସ୍ତ ଆଙ୍ଗନବାଡି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ ପାଳିତ ହୋଇଛି। ଅଙ୍ଗନବାଡି ସେକ୍ଟର ସୁପରଭାଇଜର ସୀତା ମେହେର, ଅଙ୍ଗନବାଡ଼ି କର୍ମୀ ଦୀପିକା ଜେନା, ଜୟନ୍ତୀ ବାଗ, କୁନ୍ତୀ ଅମାତ, ଦମୟନ୍ତୀ ପଧାନ, ବାସନ୍ତୀ ମେହେର, ଚେରୁପାଲିର କୋଶଲ୍ୟା ସାଗର, ବୀଣାପାଣି ସା, ଜୋତ୍ସ୍ନାମୟି ଦାସ, ବବିତା ଶତପଥୀ, ମନରଞ୍ଜନୀ ସୁନା ପ୍ରମୁଖ ଅଙ୍ଗନବାଡି କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ବେଲପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଘରୋଇ ଚିକିତ୍ସା ଘଟଣା

## ବିଦାହେଲେ ମେଡିକାଲ ଅଫିସର

**ପାଟଣାଗଡ଼, ୧।୧୦(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଭିତରେ ଖୋଦ ମେଡିକାଲ ଅଫିସର ଡ. ରବୀନ୍ଦ୍ର ମେହେର ଦୀର୍ଘ ଦିନରୁ କ୍ଲିନିକ ଖୋଲି ରୋଗୀଙ୍କଠାରୁ ଟଙ୍କାନେଇ ଘରୋଇ ଚିକିତ୍ସା କରିଆସୁଥିଲେ। ଏଥିସହ ପାଟଣାଗଡ଼ ଡାକ୍ତରଖାନାରେ ତାଙ୍କ ମୂଳ ପୋଷ୍ଟିଂ ହୋଇଥିଲେ ହେଁ ଦୀର୍ଘ ୧୩ ବର୍ଷ ଧରି ବେଲପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡେପୁଟେସନରେ ଯାଇ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପଦରେ ରହିଥିଲେ। ତେବେ ବେଲପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ନିଯୁକ୍ତି ନ ଥାଇ ମଧ୍ୟ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ କିଭଳି ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭାବେ ନିଯୁକ୍ତ କରିଥିଲା ତାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନିଯୁକ୍ତି ଯୋଗୁଁ ଅଞ୍ଚଳବାସୀ ଆବଶ୍ୟକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଏ ନେଇ ‘ସକାଳ’ରେ ଲଗାତାର ଖବର ପ୍ରକାଶିତ ହୋଇଥିଲା। ଏହି ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଡେପୁଟେସନ କ୍ୟାନସେଲ ଦିଗରେ ପଦକ୍ଷେପ ନିଆଯିବ ବୋଲି ‘ସକାଳ’କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ମାମଲାକୁ ଗୁରୁତ୍ୱ ସହ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଢ ପଦକ୍ଷେପ ନେଇଛି। ଏହା ମଧ୍ୟରେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡ. ରବୀନ୍ଦ୍ର ମେହେରଙ୍କ ଡେପୁଟେସନ କ୍ୟାନସେଲ କରାଯାଇଛି। ସେ ତାଙ୍କ ମୂଳ ପୋଷ୍ଟିଂ ପାଟଣାଗଡ଼ ଡାକ୍ତରଖାନାକୁ ଫେରିବେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ମିଶ୍ର ‘ସକାଳ’କୁ କହିଛନ୍ତି। ତେବେ ଗତ ଶନିବାରଠାରୁ ଡେପୁଟେସନ କ୍ୟାନସେଲ ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଡ. ରବୀନ୍ଦ୍ର ମେହେର ବେଲପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଛାଡ଼ି ନ ଥିବା ପ୍ରଶ୍ନରେ ଦିନେ ଦୁଇ ଦିନ ମଧ୍ୟରେ ସେ ରିଲିଭ ହେବେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

**ଡେପୁଟେସନ କ୍ୟାନସେଲ ସହ ମୂଳ ପୋଷ୍ଟିଂ ପାଟଣାଗଡ଼କୁ ଫେରିବେ**

ଏଥିସହ ଡ. ମେହେର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପଦରୁ ବିଦାହେବା ପରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ବେଲପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପଦବୀରେ ଦାୟିତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ଅପରପକ୍ଷରେ ଡ. ରବୀନ୍ଦ୍ର ମେହେର ଗତ ୨୨ ବର୍ଷ ଧରି ପାଟଣାଗଡ଼ ଡାକ୍ତରଖାନାରେ ମୂଳ ପୋଷ୍ଟିଂରେ ରହିଛନ୍ତି। ତେବେ ଦୀର୍ଘ ଦୁଇ ଦଶନ୍ଧି ଧରି ପାଟଣାଗଡ଼ ଡାକ୍ତରଖାନାରେ ଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ଅନ୍ୟତ୍ର ବଦଳି ନ କରି ପୁଣି ପାଟଣାଗଡ଼ ଡାକ୍ତରଖାନାରେ ରଖିବା ପଛରେ କ’ଣ ରହସ୍ୟ ରହିଛି ବୋଲି ସାଧାରଣରେ ଅଭିଯୋଗ ଉଠିଛି।

## ବରିଷ୍ଠ ନାଗରିକମାନେ ସମାଜର ଚଳନ୍ତି ଜ୍ଞାନକୋଷ

**ବଲାଙ୍ଗିର, ୧।୧୦(ସମିସ):** ବଲାଙ୍ଗିର ସହରସ୍ଥିତ ସୁଦପଡ଼ା କଲ୍ୟାଣ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ତଥା ସମାଜ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବଲାଙ୍ଗୀର ପୌରପରିଷଦର ଅଧ୍ୟକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜର ବକ୍ତବ୍ୟରେ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ଚଳନ୍ତି ଜ୍ଞାନକୋଷ; ଯାହାଙ୍କ ଅଭିଜ୍ଞତା ଓ ଜ୍ଞାନରୁ ଆଜିର ଯୁବପିଢ଼ି ପ୍ରେରଣା ପାଇବା ଉଚିତ୍। ସେମାନଙ୍କ ସେବା ଓ ଯତ୍ନ ନେବା କେବଳ ଆଇନଗତ ଦାୟିତ୍ୱ ନୁହେଁ ବରଂ ଏହା ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ଆଇନଗତ ସୁରକ୍ଷା, ରକ୍ଷଣାବେକ୍ଷଣ ଆଇନ ତଥା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ରିହାତି ଓ କଲ୍ୟାଣମୂଳକ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସଚେତନତା ଅଭାବରୁ ଯେପରି କୌଣସି ବରିଷ୍ଠ ନାଗରିକ ସେମାନଙ୍କ ହକ୍‌ରୁ ବଞ୍ଚିତ ନ ହୁଅନ୍ତି ସେ ସମ୍ପର୍କରେ ଦୃଢ଼ ଗୁରୁତ୍ୱାରୋପ କରିଥିଲେ। ସେହିପରି ବରିଷ୍ଠ ନାଗରିକ ସଂଘର ସଚିବ ବସନ୍ତ ଆଚାର୍ଯ୍ୟ, ବିଶିଷ୍ଟ ବରିଷ୍ଠ ନାଗରିକ ଅଶୋକ ଚାନ୍ଦ, କପିଳେଶ୍ୱର ଖମାରୀ ଏବଂ ଖିରଦ୍ର ତ୍ରିପାଠୀ ପ୍ରମୁଖ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ଦୈନନ୍ଦିନ ସମସ୍ୟା, ସ୍ୱାସ୍ଥ୍ୟସେବାର ଉନ୍ନତିକରଣ ଏବଂ ସାମାଜିକ ସୁରକ୍ଷା ପରିସରକୁ ଆହୁରି ବ୍ୟାପକ କରିବା ନେଇ ମତାମତ ରଖିଥିଲେ। ସୁରେନ୍ଦ୍ର ଭୋଇ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସହାୟକ ଉପକରଣ, କୃତ୍ରିମ ଅଙ୍ଗ ଏବଂ ସେଗୁଡ଼ିକୁ ପାଇବାର ସହଜ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ ସସ୍ମିତା ହୋତା ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

## ତୁରେକେଲା ଅଞ୍ଚଳରେ ହାତୀ ଆତଙ୍କ

**କଣ୍ଟାବାଞ୍ଜି, ୧।୧୦(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଞ୍ଜର ତୁରେକେଲା, ମହୁଲପାଟି, ଗଭରା, ଅଞ୍ଚଳରେ ୩ଟି ଦନ୍ତାହାତୀ ଚଳପ୍ରଚଳ କରୁଥିବା ଦେଖାଯାଇଛି। ଏହାକୁ ନେଇ ଅଞ୍ଚଳର ଲୋକେ ଭୟଭୀତ। ବନ ବିଭାଗ ଡାକବାଜି ଯନ୍ତ୍ରରେ ଘୋଷଣା କରୁନି। ହାତୀଗୁଡ଼ିକ ପଦ୍ମପୁର ଅଞ୍ଚଳରୁ ଆସିଥିବା କୁହାଯାଉଛି।

## କେଭି କଲେଜରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ

**କଣ୍ଟାବାଞ୍ଜି, ୧।୧୦(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେଭି କଲେଜରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। କଲେଜ ଭିତରେ କୌଣସି କାରଣକୁ ନେଇ ଅଣଛାତ୍ରମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ କଣ୍ଟାବାଞ୍ଜି ପୁଲିସ ପହଞ୍ଚିଥିଲା। ସେଠାରେ ଅଣଛାତ୍ରମାନେ ପୁଲିସକୁ ମଧ୍ୟ ଠେଲାପେଲା କରିଥିଲେ।

## ନୂତନ କାର୍ଯ୍ୟକର୍ତ୍ତା ଚୟନ

**କଣ୍ଟାବାଞ୍ଜି/ମୁରିବାହାଲ, ୧।୧୦(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ପମ୍ପ ଡ୍ରାଇଭର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରାଇଭର ନିରାକାର ବଘାର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପମ୍ପ ଡ୍ରାଇଭର ସଂଘର ମୁରିବାହାଲ ବ୍ଲକ ସଭାପତି ଭାବେ ମାଧବ ନାଗ, ଉପ ସଭାପତି ଭାବେ ଶ୍ୟାମସୁନ୍ଦର ଝାଙ୍କର, ସମ୍ପାଦକ ଭାବେ ଅନ୍ତରାମ ଜାନୀ, କୋଷାଧ୍ୟକ୍ଷ ଭାବେ କମଳ ଜାଲଙ୍କୁ ଚୟନ କରାଯାଇଛି।

## ୩୮ ବର୍ଷର ଶିକ୍ଷକତା ଜୀବନକୁ ବିଦାୟ




**ସଇଁତଳା, ୧।୧୦(ସମିସ):** ସଇଁତଳା ବ୍ଲକ କେରମେଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ଦୀର୍ଘ ୩୮ ବର୍ଷର ଶିକ୍ଷକତା ଜୀବନ ପରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଅବସର ଅବସରରେ ବିଦ୍ୟାଳୟ ପରିସରରେ ଏକ ବିଦାୟ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା। ଏହି ଅବସରରେ ଗ୍ରାମବାସୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିକ୍ଷାପ୍ରେମୀ ଯୋଗଦେଇ ଶ୍ରୀ ମିଶ୍ରଙ୍କ ଅବଦାନକୁ ସ୍ମରଣ କରିଥିଲେ। ଅବସର ସଭାରେ ଚାଣ୍ଡାଳ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରୁଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାମପଦର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁହାସିନୀ ଗୁରୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜିତବର କୁମାର, ପୂର୍ବତନ ସଭାପତି ଫଗେଶ୍ୱର ଦାସ, ପୁରାତନ ଛାତ୍ର ସାଂସଦର ଯତୀନ୍ଦ୍ର ଦାସ, ଶିଷକେଲା ସ୍କୁଲର ପ୍ରଧାନ ଶିକ୍ଷକ ତନୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବଲାଙ୍ଗିରରେ ଜାତୀୟ ଲନ୍ ବଲ ଚାମ୍ପିଅନଶିପ୍

**ବଲାଙ୍ଗିର, ୧।୧୦(ସମିସ)**




ବଲାଙ୍ଗିରରେ ୨୩ରୁ ୨୬ ତାରିଖ ଯାଏ ପ୍ରଥମ ୧୮ ବର୍ଷରୁ କମ୍ ଓ ଷଷ୍ଠ ୨୫ ବର୍ଷରୁ କମ୍ ଜାତୀୟ ଲନ୍ ବଲ୍ ଚାମ୍ପିଅନଶିପ୍ ଆୟୋଜିତ ହେବ। ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ଲନ୍ ବଲ୍ ଗ୍ରୀନ୍‌ରେ ଏହି ପ୍ରତିଯୋଗିତା ହେବ। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୧୮ ବର୍ଷରୁ କମ୍ ଓ ୨୫ ବର୍ଷରୁ କମ୍ ବର୍ଗର ଯୁବ ଖେଳାଳିମାନେ ଭାଗ ନେବେ। ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ପ୍ରସ୍ତୁତି ଆରମ୍ଭ ହୋଇଛି। ଚୟନ ହୋଇଥିବା ଖେଳାଳିଙ୍କୁ ନେଇ ଗୁରୁବାରଠାରୁ ୨୦ ଦିନିଆ ରାଜ୍ୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅକ୍ଟୋବର ୧ରୁ ୨୦ ଯାଏ ଚାଲିବାକୁ ଥିବା ଏହି ଶିବିର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ଲନ୍ ବଲ୍ ଗ୍ରୀନ୍‌ରେ ଅନୁଷ୍ଠିତ ହେଉଛି। ଗୁରୁବାର ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୁଣନିଧି ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ପୋର୍ଟ୍ସ ହଷ୍ଟେଲ ଅଧିକାରୀ ପରାଶର ବାଗ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ରଙ୍କ ସମେତ ସମ୍ପୃକ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିବିରରେ ଖେଳାଳିମାନଙ୍କୁ ଲନ୍ ବଲର ବିଭିନ୍ନ କୌଶଳ ଓ ଫିଟନେସ୍ ଉପରେ ପ୍ରଶିକ୍ଷଣ ଦିଆଯିବ। ଏଥିସହ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଖେଳିବା ପାଇଁ ଆବଶ୍ୟକ ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ପ୍ରଶିକ୍ଷଣ ଶିବିରକୁ କ୍ରୀଡ଼ା ବିଭାଗର କୋଚ୍ କୈଳାଶ ମାଝୀ ଓ ସିନିୟର କୋଚ୍ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ପରିଚାଳନା କରୁଛନ୍ତି। ସେମାନଙ୍କୁ ନରସିଂହ ରାଣା, ଦିନେଶ ମହାନନ୍ଦ ଓ ଲଳିତ ଶର୍ମା ସହଯୋଗ କରୁଛନ୍ତି। ଶିବିର ଶେଷ ହେବା ପରେ ଚୟନିତ ଖେଳାଳିମାନେ ଓଡ଼ିଶା ଦଳ ପକ୍ଷରୁ ଜାତୀୟ ଚାମ୍ପିଅନଶିପ୍‌ରେ ଭାଗ ନେବେ। ବଲାଙ୍ଗିରରେ ପ୍ରଥମ ଥର ପାଇଁ ଜାତୀୟସ୍ତରର ଲନ୍ ବଲ୍ ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଜିଲ୍ଲାରେ ଏହି କ୍ରୀଡ଼ାର ବିକାଶ ସହ ନୂଆ ପ୍ରତିଭାଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି।

**ଅକ୍ଟୋବର ୨୩ରୁ ୨୬ ଯାଏ ପ୍ରତିଯୋଗିତା**

**ଆରମ୍ଭ ହେଲା ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର**

## ବଡ଼ମାଲ ଗୋଳାବାରୁଦ କାରଖାନା ଏମ୍‌ଆଇଏଲ ପ୍ରତିଷ୍ଠା ଦିବସ

**ସଇଁତଳା, ୧।୧୦(ସମିସ):** ଗୋଳାବାରୁଦ କାରଖାନା ବଡ଼ମାଲ ପରିସରରେ ମ୍ୟୁନିସନସ୍ ଇଣ୍ଡିଆ ଲିମିଟେଡ (ଏମ୍‌ଆଇଏଲ)ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାରଖାନାର ଫାଟକ -୨ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ବିଭୂତି ଭୂଷଣ ପଟେଲ ଯୋଗଦେଇ ଏମ୍‌ଆଇଏଲର ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କାରଖାନାର ମୁଖ୍ୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପଟେଲ ଯୋଗଦେଇ କୃତି କର୍ମଚାରୀ, ବିଭିନ୍ନ ପ୍ରତିଯୋଗିତାର ବିଜୟୀଙ୍କୁ ପୁରସ୍କୃତ କରିଥିଲେ।

# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।

- ସି ଭି ରମଣ

ସକାଳ THE SAKALA

## ଦିବାଲୋକ ଡକାୟତି

ବ୍ୟାଧିଗ୍ରସ୍ତ ମଣିଷକୁ ଯନ୍ତ୍ରଣାମୁକ୍ତ ଓ ଆଶ୍ୱସ୍ତି ଦେବାର ଶେଷ ବିକଳ୍ପ ହେଉଛି ଔଷଧ। ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ ସମୟସାପେକ୍ଷ ହୋଇଥିବାରୁ ଲୋକଙ୍କ ଦ୍ୱାରା ଏତେ ଗ୍ରହଣୀୟ ହୋଇପାରିନାହିଁ। ଏହି ପୃଷ୍ଠଭୂମିରେ ଆଶୁ ଚିକିତ୍ସା ଓ ଉପଶମ ପ୍ରଦାନକାରୀ ଭାବେ ଏଲୋପାଥିକ ଔଷଧର ଆଦୃତି ବଢ଼ି ଚାଲିଛି। ଲୋକମାନଙ୍କର ଏହି ମାନସିକତା ଓ ସହନଶକ୍ତି ଅଭାବର ସୁଯୋଗ ନେଇ ଏଲୋପାଥିକ ଔଷଧ ନିର୍ମାତାମାନେ ରୋଗୀମାନଙ୍କୁ ଏକପ୍ରକାର ଲୁଟି ଚାଲିଛନ୍ତି। ଅତ୍ୟଧିକ ମୁନାଫାଖୋର ଏହି ଔଷଧୀୟ କମ୍ପାନୀମାନଙ୍କର ଆଚରଣକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ 'ଦିବାଲୋକରେ ଡକାୟତି' ଭାବେ ଅଭିହିତ କରିଛନ୍ତି। ଏହା ମଧ ଯଥାର୍ଥ। ଔଷଧର ଦାମ ଯଦି ରୋଗୀର ଆର୍ଥିକ ସାମର୍ଥ୍ୟକୁ ଭାଙ୍ଗିଦିଏ, ତେବେ ତାହା ଜୀବନରକ୍ଷାକାରୀ ବଦଳରେ ଜୀବନଘାତକ ପଦବାଚ୍ୟ ହେବା ଯୋଗ୍ୟ।

ଗତ ମାସ ୨୯ ତାରିଖରେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ଔଷଧର ଖାଉଟି ବିକେତ୍ରା ମୂଲ୍ୟ(ପ୍ରାଇସ୍ ଟୁ ରିଟେଲର ବା ପିଟିଆର ବା ଯେଉଁ ମୂଲ୍ୟରେ ଔଷଧ ଦୋକାନୀ ମହଜୁଦକାରୀ କିମ୍ବା ବିତରଣକାରୀଙ୍କଠାରୁ ଔଷଧ କିଣେ) ଏବଂ ସର୍ବୋଚ୍ଚ ବିକ୍ରୟ ମୂଲ୍ୟ(ମ୍ୟାକ୍ସିମମ୍ ରିଟେଲ୍ ପ୍ରାଇସ୍ ବା ଏମ୍ଆରପି ବା ଯେଉଁ ମୂଲ୍ୟରେ ଔଷଧ ଦୋକାନୀ ଗ୍ରାହକଙ୍କୁ ବିକ୍ରୟ କରେ) ମଧ୍ୟରେ ରହୁଥିବା ବିପୁଳ ତଫାତକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏକ କର୍କଟ ନିବାରକ ଔଷଧର 'ପିଟିଆର' ୨, ୭୦୦ ଟଙ୍କା ଥିବା ବେଳେ ତାହାର 'ଏମ୍ଆରପି' ୨୭, ୦୦୦ ଟଙ୍କା ଥିବା ଜାଣିବା ପରେ ଅଦାଲତ ଆଶ୍ଚର୍ଯ୍ୟପ୍ରକଟ କରି ଏହାକୁ ରୋଗୀଙ୍କଠାରୁ ଔଷଧ ନିର୍ମାତାମାନଙ୍କର 'ଦିବାଲୋକ ଡକାୟତି' ଭାବେ ବର୍ଣ୍ଣନା କରିଥିଲେ। ତେଣୁ ସମସ୍ତ ପ୍ରକାର ଔଷଧରେ ଏକ ସାର୍ବଜନିନ ସର୍ବାଧିକ ୧୬ ପ୍ରତିଶତ ଲାଭାଂଶ ନିର୍ଦ୍ଧାରଣ ପାଇଁ ନିୟମ ପ୍ରଣୟନ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଭାରତର ଔଷଧ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥାର ମୁଖ୍ୟ ଆଧାର ହେଉଛି 'ଡ୍ରଗ୍ସ ପ୍ରାଇସେସ୍ କଣ୍ଟ୍ରୋଲ୍ ଅର୍ଡର୍ -୨୦୧୩'(ଡିପିସିଓ) ବା ଔଷଧ ମୂଲ୍ୟ ନିୟନ୍ତ୍ରଣ ନିର୍ଦ୍ଦେଶନାମା-୨୦୧୩। ଜାତୀୟସ୍ତରରେ ତାଲିକାଭୁକ୍ତ ଜରୁରୀକାଳୀନ ଔଷଧ(ନ୍ୟାସନାଲ୍ ଲିଷ୍ଟ ଅଫ୍ ଏଜେନ୍ସିଆଲ୍ ମେଡିସିନ୍ସ ବା ଏନ୍ଏଲ୍ଇଏମ୍) ଔଷଧଗୁଡ଼ିକର ମୂଲ୍ୟକୁ 'ସିଲିଂ ପ୍ରାଇସ୍ ନ୍ୟାସନାଲ୍ ଫାର୍ମାସ୍ୟୁଟିକାଲ୍ ପ୍ରାଇସିଂ ଅଥରିଟି(ଏନ୍ପିପିଏ) ନିର୍ଦ୍ଧାରଣ କରେ। ବର୍ତ୍ତମାନ 'ଏନ୍ଏଲ୍ଇଏମ୍' ଅଧୀନରେ ୩୮୮ଟି ଔଷଧ ତାଲିକାଭୁକ୍ତ ରହିଛି। ଅତିକମରେ ୧ ପ୍ରତିଶତ ବଜାର ଅଂଶ ଥିବା ବ୍ରାଣ୍ଡେଡ୍ ଔଷଧଗୁଡ଼ିକର ମୂଲ୍ୟକୁ ଆଧାର କରି 'ଏନ୍ପିପିଏ' ହାରାହାରି 'ପିଟିଆର' ନିର୍ଦ୍ଧାରଣ କରେ।। ଏହା ଉପରେ ୧୬ ପ୍ରତିଶତ ଖୁଚୁରା ବିକ୍ରେତାର ଲାଭାଂଶ ଯୋଗ ହୋଇ ସର୍ବଶେଷ ମୂଲ୍ୟ ଧାର୍ଯ୍ୟ ହୁଏ। ଆବଶ୍ୟକ ହେଲେ ସ୍ଥାନୀୟ ଟିକସ ଓ ଜିଏସ୍ଟି ଆଦି ଯୋଗ ହୋଇ ଗ୍ରାହକଙ୍କ ପାଇଁ 'ଏମ୍ଆରପି' ନିର୍ଦ୍ଧାରଣ ହୁଏ। କିନ୍ତୁ ସମସ୍ତ ଔଷଧ ଏହି ନିୟନ୍ତ୍ରଣ ଅଧୀନ ନୁହନ୍ତି। 'ଏନ୍ଏଲ୍ଇଏମ୍'ରେ ନଥିବା 'ନନ୍ ସେଡ୍ୟୁଲ୍ଡ' ଔଷଧର ପ୍ରାରମ୍ଭିକ ମୂଲ୍ୟ ନିର୍ଦ୍ଧାରଣରେ ନିର୍ମାତାଙ୍କୁ ମନମୁଖି କରିବାର ସୁଯୋଗଟିଏ ମିଳିଯାଇଛି। 'ଡିପିସିଓ' ଅନୁସାରେ ଏପରି ଔଷଧର ମୂଲ୍ୟ ୧୨ ମାସରେ ୧୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯାଇପାରିବ ନାହିଁ; କିନ୍ତୁ ପ୍ରାରମ୍ଭିକ ବୃହତ୍ 'ଏମ୍ଆରପି' ସହିତ ଔଷଧଟିଏ ଥରେ ବଜାରକୁ ଆସିଗଲେ ତାହାକୁ ହ୍ରାସ ମଧ କରାଯାଇପାରିବ ନାହିଁ। ଏକପକ୍ଷରେ ଆବଶ୍ୟକ ଔଷଧର 'ଏମ୍ଆରପି' ନିର୍ଦ୍ଧାରଣ କରାଯାଉଥିବା ବେଳେ ଅନ୍ୟ ଔଷଧ ମୂଲ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣଶୂନ୍ୟ ରହିଛି। ଏହା ହିଁ ଅଧୁନା ଔଷଧ ବଜାରକୁ ରୋଗୀଙ୍କ ପାଇଁ ଡକାୟତ ରୂପରେ ଲୁଟିବାର ସୁଯୋଗ ଦେଇଛି।

ଔଷଧର 'ଦିବାଲୋକ ଡକାୟତି' ସମସ୍ୟା ଘରୋଇ ଡାକ୍ତରଖାନାମାନଙ୍କରେ ଆହୁରି ଭୟଙ୍କର। କେତେକ ଘରୋଇ ଡାକ୍ତରଖାନା ନିଜସ୍ୱ ଫାର୍ମାସି(ଔଷଧ ଉତ୍ପାଦନ ୟୁନିଟ୍) କିମ୍ବା ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ଔଷଧ କିଣିବାକୁ ରୋଗୀ ଓ ସମ୍ପର୍କୀୟଙ୍କୁ ବାଧ କରୁଥିବା ଅଭିଯୋଗ ଆସୁଛି। ତେଣୁ ସେଠାରେ 'ପିଟିଆର' ଓ 'ଏମ୍ଆରପି' ମଧ୍ୟରେ କେତେ ତଫାତ ରହୁଛି ତାହା ତଦାରଖ କରିବାକୁ କେହି ନାହିଁ। ଏହି ପ୍ରଶ୍ନ ମଧ ଅଦାଲତରେ ଉଠିଛି। ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ ଚିକିତ୍ସା ଖର୍ଚ୍ଚର ପୁନର୍ଭରଣ(ରିଇମ୍ବର୍ସମେଣ୍ଟ) ହେଉଥିବାରୁ ଅତ୍ୟଧିକ ଔଷଧ ମୂଲ୍ୟର ଭାର ଶେଷରେ ରୋଗୀ ସହିତ କରଦାତାଙ୍କ ଉପରେ ମଧ ପଡୁଛି। ତେଣୁ ଏହି 'ଦିବାଲୋକ ଡକାୟତି' କେବଳ ରୋଗୀ ଓ ଔଷଧ ନିର୍ମାତାଙ୍କ ମଧ୍ୟରେ ସୀମିତ ନ ରହି ସାମଗ୍ରିକ ଭାବେ ଅର୍ଥନୀତି ଉପରେ ମଧ ପଡୁଛି।

ଭାରତରେ ଔଷଧ ଶିଳ୍ପର ବିକାଶ ଆବଶ୍ୟକ। କିନ୍ତୁ ସେହି ବିକାଶର ମୂଲ୍ୟ ନିର୍ଦ୍ଧାରଣ ରୋଗୀଙ୍କ ଜୀବନ ବଦଳରେ ହେବା ଉଚିତ ନୁହେଁ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ଗୋଟିଏ ନିର୍ଦ୍ଦିଷ୍ଟ ଔଷଧର ଦାମ ଆଧାରରେ ହୋଇଥିଲେ ହେଁ ଏ ସମ୍ପର୍କିତ ଉଦ୍‌ବେଗ ଭାରତର ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ଜଡ଼ିତ। ରୋଗୀ ପାଇଁ ବଜାର ନା ବଜାର ପାଇଁ ରୋଗୀ - ଏହି ମୌଳିକ ପ୍ରଶ୍ନ ବିଜଡ଼ିତ ପ୍ରସଙ୍ଗର ସ୍ପର୍ଶକାତରତା ଦୃଷ୍ଟିରୁ ସରକାର ତ୍ୱରିତ ଓ ବିହିତ ପଦକ୍ଷେପ ନେବା ବାଞ୍ଛନୀୟ। ଆସନ୍ତା ୧୬ ତାରିଖରେ ଏ ସମ୍ପର୍କିତ ମାମଲାର ଶୁଣାଣି ହେବ। ତେଣୁ ସେତେବେଳକୁ ଭାରତର ଜନତାଙ୍କୁ 'ଦିବାଲୋକ ଡକାୟତି'ରୁ କିଛିଟା ଆଶ୍ୱସ୍ତି ମିଳିବବାର ବାଟ ବାହାରିବ ବୋଲି ଆଶା କରିବା। ଔଷଧ ଉତ୍ପାଦନରେ ଗବେଷଣା, କଞ୍ଚାମାଲ, ଗୁଣବତ୍ତା ନିୟନ୍ତ୍ରଣ, ପରିବହନ ଓ ବିତରଣ ଖର୍ଚ୍ଚ ସାମିଲ୍ ଥାଏ। କମ୍ପାନୀ, ବିତରଣକାରୀ ଓ ବିକ୍ରେତାର ଲାଭାଂଶ ରହିବା ମଧ ଜରୁରୀ। କିନ୍ତୁ ଏହି ସମସ୍ତ ଖର୍ଚ୍ଚକୁ ଆଧାର କରି ରୋଗୀଙ୍କଠାରୁ କେତେ ଦାମ ଆଦାୟ କରାଯିବ ସେଥିରେ ସ୍ପଷ୍ଟ ଓ ଯୁକ୍ତିସଙ୍ଗତ ସୀମା ରହିବା ଦରକାର। ବିଶେଷକରି କର୍କଟ, ହୃଦ୍‌ରୋଗ, ମଧୁମେହ ଭଳି ଦୀର୍ଘକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ରୋଗରେ ଔଷଧ ଖର୍ଚ୍ଚ ପରିବାରର ଆୟ ଉପରେ ଯେପରି ମାତ୍ରାଧିକ ପ୍ରହାର ନ କରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

# ବିପଦ୍‌ଜନକ ବୌଦ୍ଧିକତା

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଭାଷା କେବଳ ଭାବ ପ୍ରକାଶ କରେ ନାହିଁ। ବେଳେବେଳେ ଭାଷା ଭାବକୁ ତିଆରି ମଧ କରେ। ଆଉ ଯେତେବେଳେ ରାଜନୀତି ଭାଷାକୁ ନିଜ ନିୟନ୍ତ୍ରଣରେ ନେଇଯାଏ, ସେତେବେଳେ ଶବ୍ଦଗୁଡ଼ିକ ଆଉ ନିରୀହ ରହନ୍ତି ନାହିଁ। ସେମାନେ ହୋଇଯାଆନ୍ତି ଅସ୍ତ୍ର। ଜର୍ଜ ଅରୱେଲ୍ ଏହି ବିପଦକୁ ବହୁ ପୂର୍ବରୁ ଦେଖିଥିଲେ। ନାଇନ୍‌ଟିନ୍ ୟେଟିଫୋର୍ (ଉଣେଇଶଶହ ଚଉରାଅଶୀ) ରେ ସେ 'ନିଉସ୍ପିକ୍' ନାମରେ ଏକ ଭାଷାର କଳ୍ପନା କରିଥିଲେ, ଯାହାର ଉଦ୍ଦେଶ୍ୟ କେବଳ ଭୁଲ ଖବର ଦେବା ନୁହେଁ; ବରଂ 'ଭଲ ଚିନ୍ତା'କୁ 'ଭୁଲ ଚିନ୍ତା' କରିଦେବା। ଯେଉଁ ଶବ୍ଦ ମାନବୋଚିତ ସଦ୍‌ଗୁଣ ବା ପ୍ରକୃତି କିମ୍ବା ଦୁର୍ଗୁଣ ବା ଦୁଷ୍ପ୍ରବୃତ୍ତିର ଭାଷିକ ଉଚ୍ଚାରଣ ଭାବରେ ସର୍ବସ୍ୱୀକୃତ, ସେଇଠିକୁ ସମ୍ପୂର୍ଣ୍ଣ ଭିନ୍ନଅର୍ଥରେ ବ୍ୟବହାର କରିବା। ଶବ୍ଦର ଅର୍ଥ ବିକୃତ ହେବ, ସଙ୍କୁଚିତ ହେବ- ଅର୍ଥାତ୍ ଅର୍ଥ 'ବିଅର୍ଥ' ହେବ। ପରିଣାମରେ ମଣିଷର ଚିନ୍ତା ଚେତନା ଦ୍ୱନ୍ଦ୍ୱାକୀର୍ଣ୍ଣ ହେବ। ସେ ଭଲ ଓ ମନ୍ଦ, ଯୁକ୍ତିଯୁକ୍ତ ଓ ଅଯୌକ୍ତିକ ଏବଂ ମାନବୋଚିତ ଓ ଅମାନବୋଚିତ ଭିତରେ ଯେଉଁ ସୂକ୍ଷ୍ମ ସୀମାରେଖା ରହିଥାଏ, ସେ ସମ୍ପର୍କରେ ତା'ର ଧାରଣା ପୁରାପୁରି ଅସ୍ପଷ୍ଟ ହୋଇଯିବ। ଆଉ ଶେଷରେ ମଣିଷ ଯାହା ଭାବିପାରେ, ତାହାର ସୀମା ମଧ ଶାସକ ନିର୍ଦ୍ଧାରଣ କରିବ। ଜର୍ଜ୍ ଅର୍‌ୱେଲଙ୍କ 'ନିଉସ୍ପିକ'ର 'ଗୁଡଥିଙ୍ଗ୍' ଥିଲା ଅନୁମୋଦିତ ଚିନ୍ତା; 'କ୍ରାଇମଥିଙ୍ଗ୍' ଥିଲା ଅନୁମୋଦିତ ଚିନ୍ତାର ବାହାରେ ଥିବା ଚିନ୍ତା।

ଆମ ସମୟର ଭାଷାକୁ ଦେଖିଲେ ଏହି ଅର୍‌ୱେଲିୟାନ ଚେତାବନୀର ଗୁରୁତ୍ୱ ବୁଝାଯାଏ। ଧରନ୍ତୁ ଏଇ ଗୋଟିଏ ଶବ୍ଦ- 'ବୌଦ୍ଧିକତା'। ଏଇଟିର ଅର୍ଥ କ'ଣ- ସେ ସଂପର୍କରେ ପ୍ରତ୍ୟେକଙ୍କର ମୋଟାମୋଟି ଯେଉଁ ଧାରଣା ରହିଛି, ତାହା ହେଉଛି - ପ୍ରଶ୍ନ କରିବା, ଯୁକ୍ତି କରିବା, ତଥ୍ୟ ଯାଞ୍ଚ କରିବା, ପ୍ରଚଳିତ ମତକୁ ନେଇ ସନ୍ଦେହ କରିବା, ଅନ୍ୟର କଥା ଶୁଣିବା, ଅସହମତିକୁ ସହିବା ଓ ସମାନତା, ନ୍ୟାୟ, ସହନଶୀଳତା, ଧର୍ମୀୟ ସମ୍ପ୍ରୀତି ଓ ମୁକ୍ତ ମତପ୍ରକାଶର ପକ୍ଷରେ ଠିଆ ହେବା। କିନ୍ତୁ ବୌଦ୍ଧିକତାର ଏହିସବୁ ଅର୍ଥକୁ ଏକାଠି କରି ଯଦି 'ବିପଦ୍‌ଜନକ ବୌଦ୍ଧିକତା' ବୋଲି କୁହାଯାଏ, ତେବେ ପ୍ରଶ୍ନ କରିବା ଆଉ ବୌଦ୍ଧିକ ସ୍ୱାଧୀନତା ରହେ ନାହିଁ; ତାହା ହୋଇଯାଏ ବିପଦର ଲକ୍ଷଣ। ଅସହମତି ଆଉ ଗଣତାନ୍ତ୍ରିକ ଅଧିକାର ନୁହେଁ; ତାହା ହୋଇଯାଏ ସନ୍ଦେହଜନକ ମାନସିକତା। ଯୁକ୍ତି ଆଉ ଯୁକ୍ତି ରହେ ନାହିଁ; ତାହା ପଛରେ ଖୋଜାଯାଏ ଲୁଚିଥିବା ଷଡ଼ଯନ୍ତ୍ର। ଏହା ହିଁ ଭାଷାର କୂଟ ରାଜନୀତି।

କୌଣସି ବ୍ୟକ୍ତିର ଯୁକ୍ତିକୁ ଖଣ୍ଡନ କରିବା କଷ୍ଟକର। ସେଥିପାଇଁ ତାଙ୍କର ତଥ୍ୟକୁ ଯାଞ୍ଚ କରିବାକୁ ପଡ଼େ, ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପଡ଼େ। କିନ୍ତୁ ତାହା ନକରି ଯଦି ତାଙ୍କର ଯୁକ୍ତିକୁ 'ବିପଦ୍‌ଜନକ ଯୁକ୍ତି' କହିଦେବା, ତା' ହେଲେ ଆଉ ବିଶେଷ କିଛି କରିବାକୁ ପଡ଼ିବ ନାହିଁ। ଏକ ଜଟିଳ ରାଜନୈତିକ ବିତର୍କକୁ ଏକ ଛୋଟ ଭାବନା-ଉତ୍ତେଜକ 'ଟ୍ୟାଗ୍'ରେ ବନ୍ଦ କରିଦେଲେ, ସେହି ଟ୍ୟାଗ୍‌ଟି ଅନ୍ଧ, ନିର୍ବୋଧ ଓ ବିଚାରହୀନ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଯାଏ। ଇତିହାସରେ ଏହାର ଭୟଙ୍କର ଉଦାହରଣ ଅଛି। ଭିକ୍ଟର କ୍ଲେମ୍ପରର୍ ନାଜି ଜର୍ମାନୀର ଭାଷାକୁ ଅଧ୍ୟୟନ କରି ଦେଖାଇଥିଲେ ଯେ ସର୍ବସତ୍ତ୍ୱବାଦୀ ବ୍ୟବସ୍ଥା ନୂଆ ଶବ୍ଦ ତିଆରି କରିବା ଅପେକ୍ଷା ପୁରୁଣା ଶବ୍ଦର ଅର୍ଥକୁ ବଦଳାଇ ଦେଇ ତା'ର କୁଉଦ୍ଦେଶ୍ୟ ଚରିତାର୍ଥ କରିପାରେ। 'ଫାନାଟିସ୍'-ଅର୍ଥାତ୍ ଫାନାଟିକାଲ୍- ଏହାର ଏକ ଉଲ୍ଲେଖନୀୟ ଉଦାହରଣ। ପୂର୍ବରୁ ଯେଉଁ ଶବ୍ଦରେ ଅତିରିକ୍ତ ଉନ୍ମାଦ, ବିବେକହୀନ ଆସକ୍ତିର ନକାରାତ୍ମକ ଛାୟା ଥିଲା, ନାଜି ଭାଷାରେ ସେହି ଶବ୍ଦ ଦୃଢ଼ତା, ନିଷ୍ଠା, ସାହସ ଓ ଆଦର୍ଶବାଦର ପ୍ରଶଂସାସୂଚକ ଅର୍ଥ ନେଲା। 'ଫାନାଟିସ୍' ହେବା ଏକ ଗୁଣରେ ପରିଣତ ହେଲା। ଏକଛତ୍ରବାଦୀ ଶାସକ ହିଟଲର ସର୍ବଶ୍ରେଷ୍ଠ 'ଫାନାଟିସ୍' ମଣିଷ ଭାବରେ ତା'ର ଅନ୍ଧ ଅନୁଗାମୀମାନଙ୍କ ଦ୍ୱାରା ବନ୍ଦିତ ଓ ପୂଜିତ ହେଲା। ଏହା ହିଁ 'ନିଉସ୍ପିକ୍'ର ମୂଳ କୌଶଳ।

ଶବ୍ଦକୁ ମାରିଦେବା ଦରକାର ନାହିଁ। ତାହାର ଅର୍ଥକୁ ବଦଳାଇଦିଅ। 'ସ୍ୱାଧୀନତା' ଶବ୍ଦଟି ରହିପାରେ, କିନ୍ତୁ ସେଥିରୁ 'ରାଜନୈତିକ ସ୍ୱାଧୀନତା'ର ଅର୍ଥଟିକୁ କାଢ଼ି ଦିଅ। 'ସମାନତା' ରହିପାରେ, କିନ୍ତୁ 'ସାମାଜିକ ସମାନତା'କୁ ତହିଁରୁ ବାହାର କରିଦିଅ। 'ଦେଶପ୍ରେମ' ରହିପାରେ, କିନ୍ତୁ ଦେଶପ୍ରେମର ଅର୍ଥକୁ 'ଶାସକଙ୍କ ପ୍ରତି ଅନୁଗତତା' ସହ ସମାନ କରିଦିଅ। ତା'ପରେ - ଶାସକଙ୍କୁ ପ୍ରଶ୍ନ କରିବା ଦେଶକୁ ପ୍ରଶ୍ନ କରିବା ହୋଇଯାଏ; ସରକାରକୁ ସମାଲୋଚନା କରିବା ରାଷ୍ଟ୍ରକୁ ସମାଲୋଚନା କରିବା ହୋଇଯାଏ; ସଂଖ୍ୟାଲଘୁଙ୍କ ଅଧିକାର କଥା କହିବା 'ତୁଷ୍ଟୀକରଣ' ହୋଇଯାଏ; ସାମ୍ପ୍ରଦାୟିକ ସମ୍ପ୍ରୀତିର କଥା କହିବା ଦୁର୍ବଳତା ହୋଇଯାଏ ଏବଂ ନାଗରିକ ସ୍ୱାଧୀନତାର ପକ୍ଷରେ କଥା କହିବା 'ବିପଦ୍‌ଜନକ ବୌଦ୍ଧିକତା' ହୋଇଯାଏ। ଏଠାରେ ଲକ୍ଷ୍ୟ କେବଳ ଜଣେ ବ୍ୟକ୍ତିଙ୍କୁ ଚୁପ୍ କରିବା ନୁହେଁ। ଲକ୍ଷ୍ୟ ହେଉଛି ଅନ୍ୟମାନଙ୍କ ମନରେ ଭୟ ତିଆରି କରିବା - 'ମୁଁ ଏହି ପ୍ରଶ୍ନଟି କଲେ, ମୋତେ ମଧ ସେହି ନାମରେ ଡକାଯିବ କି?' ଏହା ହେଉଛି ଭାଷାର ଆତ୍ମ-ନିୟନ୍ତ୍ରଣ। ଏହିପରି ଯେତେବେଳେ ମଣିଷ ନିଜେ ନିଜ ମନକୁ ପହରା ଦେବା ଆରମ୍ଭ କରେ, ତା'ପାଇଁ ଆଉ କେହି ପହରାଦାରର ଆବଶ୍ୟକତା ନଥାଏ। କେତେ ଲୋକ ସରକାରକୁ ପ୍ରଶଂସା କରୁଛନ୍ତି ସେଥିରୁ ଶାସନର ସ୍ୱାସ୍ଥ୍ୟ ବା ଗଣତନ୍ତ୍ରର ସ୍ୱାସ୍ଥ୍ୟ ଜଣାପଡ଼େ ନାହିଁ। ଜଣାପଡ଼େ ଯେତେବେଳେ ପ୍ରତ୍ୟେକ ନାଗରିକ ନିର୍ଭୟରେ ଆପଣାର ସ୍ୱାଧୀନ ବୌଦ୍ଧିକତାର ପ୍ରମାଣ ଦେଇଥା'ନ୍ତି। ଗଣତନ୍ତ୍ରରେ ଅସହମତି ଶତ୍ରୁତା ନୁହେଁ। ଆପତ୍ତି ଦେଶଦ୍ରୋହ ନୁହେଁ। ସନ୍ଦେହ ଅପରାଧ ନୁହେଁ। ଯୁକ୍ତି କରିବା ଷଡ଼ଯନ୍ତ୍ର ନୁହେଁ। ଆଉ ବୌଦ୍ଧିକ ସ୍ୱାଧୀନତା କୌଣସି ଅନୁମତିପ୍ରାପ୍ତ ବିଶେଷାଧିକାର ନୁହେଁ। ତେଣୁ 'ବିପଦ୍‌ଜନକ ବୌଦ୍ଧିକତା' ଶବ୍ଦଟି ଆମକୁ ଭୟଭୀତ କରିବା ପୂର୍ବରୁ ଆମେ ଏକ ସରଳ ପ୍ରଶ୍ନ କରିବା ଦରକାର- ବିପଦ କାହା ପାଇଁ?

ସତ କଥା ହେଉଛି - କାଳେ କାଳେ ନିର୍ମଳ ବୌଦ୍ଧିକତା ବା ସ୍ୱାଧୀନ ବୌଦ୍ଧିକତାକୁ ଭୟ କରିଥା'ନ୍ତି ସ୍ୱୈରଚାରୀ, ସ୍ୱେଚ୍ଛାଚାରୀ ବା ଏକଛତ୍ରବାଦୀ ମାନସିକତାର ଶାସକବର୍ଗ। ନ୍ୟସ୍ତସ୍ୱାର୍ଥ ପ୍ରଣୋଦିତ ରାଜନୀତି ସବୁକାଳେ ସାଧାରଣ ଜନତାଙ୍କ ବୁଦ୍ଧି, ବିବେକ ଓ ବିଚାରଶୀଳତାକୁ ନିୟନ୍ତ୍ରଣ କରିବାକୁ ଚାହେଁ। ସେଥିପାଇଁ ସହଜ ମାର୍ଗଟି ହେଉଛି - ସତ୍ୟ ଓ ବାସ୍ତବତାକୁ ମଣିଷ ଯେଉଁ ଭାଷା ଦେଇଥାଏ ବା ଯେଉଁ ଭାଷା ମାଧ୍ୟମରେ ବୁଝିଥାଏ, ସେଇ ଭାଷାକୁ ବଦଳାଇ ଦେବା, କାରଣ ଭାଷା ବଦଳିଗଲେ ବଦଳିଯାଇଥାଏ ମଣିଷର ଅବବୋଧ ଏବଂ ମଣିଷର ସଜ୍ଞାନାତ୍ମକ ଅବଧାରଣା। ଜର୍ଜ ଅରୱେଲ ତେଣୁ ସତର୍କ କରାଇ ଦେଇଛନ୍ତି ଯେ 'ଭଲଚିନ୍ତା' ଯଦି ଶାସକମାନଙ୍କ ଦ୍ୱାରା ଅନୁମୋଦିତ ଚିନ୍ତା ହୁଏ ଏବଂ ଶାସକମାନଙ୍କ ଦ୍ୱାରା ଅନୁମୋଦିତ ଭାଷାକୁ ବିନା ପ୍ରଶ୍ନରେ ମାନି ନିଆଯାଏ, ତେବେ 'ଚିନ୍ତାର ସ୍ୱାଧୀନତା' ସହ 'ଭାଷାର ସ୍ୱାଧୀନତା' ମଧ ବିପନ୍ନ ହୁଏ।

ତେଣୁ ପ୍ରତ୍ୟେକ ଦେଶର ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ ରାଜନୀତି-ଆଧାରିତ ଅନୁମୋଦିତ 'ଭଲଚିନ୍ତା', ବିଶେଷ କରି ରାଜନୈତିକ ଭାଷା ପ୍ରତି ସତର୍କ, ସଜାଗ ରହିବାକୁ ହେବ। ଅର୍‌ୱେଲ୍ କହିଥିବା ପରି 'ନିଉସ୍ପିକ୍' - ନୂଆଭାଷା ବା ଶାସକଙ୍କ ଅନୁମୋଦିତ ଭାଷା-ପ୍ରକରଣରେ 'ନିରୋଳା ବୌଦ୍ଧିକତା' ଯେତେବେଳେ 'ବିପଦ୍‌ଜନକ ବୌଦ୍ଧିକତା' ଭାବରେ ନାମିତ ହୋଇଯାଏ, ଯେତେବେଳେ 'ଫାନାଟିକ୍' ଶବ୍ଦଟି ଅନ୍ଧ ଅନୁଗାମୀ ବା ଅନ୍ଧଅନୁସରଣକାରୀର ବିଶେଷଣ ନ ହୋଇ ହିଟଲର୍ ପରି ଜଣେ ଏକଛତ୍ରବାଦୀ କ୍ରୂରଶାସକର ବିଶେଷଣ ଭାବରେ ବ୍ୟବହୃତ ହୋଇଥାଏ, ସେତେବେଳେ ବୁଝିବାକୁ ହେବ, ଇଂରାଜୀ କବି ଇୟେଟସ୍‌ଙ୍କ ଭାଷାରେ ଯେ 'ମିଅର୍ ଏନାର୍କି ଇଜ୍ ଲୁଜ୍‌ଡ ଅପନ୍ ଦ ଆର୍ଥ' - ଅର୍ଥାତ୍ ଅରାଜକ ଭାବଭାବନାର ରାଜୁତିର ଭୟାନକ ମୁହୂର୍ତ୍ତ ଆସି ଉପନୀତ ହେଇସାରିଲାଣି ଏବଂ ଏଣିକି ନାଗରିକମାନଙ୍କୁ କଳେବଳେ କୌଶଳେ ବୁଝାଇ ଦିଆଯିବ ଯେ ସ୍ୱାଧୀନତା, ସମାନତା, ସହନଶୀଳତା, ସଂପ୍ରୀତି, ନ୍ୟାୟ, ମୁକ୍ତ ମତପ୍ରକାଶ ପ୍ରତ୍ୟେକଟି ହେଉଛି ଗୋଟିଏ ଗୋଟିଏ ଅନାଦର୍ଶ ଏବଂ ଚିନ୍ତା ଓ ଭାଷାର ସ୍ୱାଧୀନତା ସପକ୍ଷରେ ସ୍ୱର ଉତ୍ତୋଳନ କରିବା ହେଉଛି 'ବିପଦ୍‌ଜନକ ବୌ÷ଦ୍ଧିକତା'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ସରକାରୀ ଚାକିରି ପାଇଁ ଲମ୍ବା ଧାଡ଼ି

ହୃଷୀକେଶ ପ୍ରଧାନ

ପରିସଂଖ୍ୟାନକୁ ଦେଖିଲେ ଏକ ଅସ୍ୱସ୍ତିକର କଥା ସ୍ପଷ୍ଟ ଯେ ଶିକ୍ଷା, ଦକ୍ଷତା ବିକାଶ ଓ ଧନ୍ଦାମୂଳକ ପ୍ରଶିକ୍ଷଣରେ ଦଶନ୍ଧି ଧରି ହୋଇଥିବା ବିନିଯୋଗ ଯୋଗୁଁ ଆଜିର ଭାରତୀୟ ଯୁବପିଢ଼ି ସେମାନଙ୍କ ପୂର୍ବଜଙ୍କ ପିଢ଼ି ଅପେକ୍ଷା ଅଧିକ ଶିକ୍ଷିତ। ତଥାପି ଏହି ସଫଳତାର ପ୍ରତିନିଧିତ୍ୱ କରୁଥିବା ସ୍ନାତକମାନେ ହିଁ ଚାକିରି ପାଇବାରେ ସବୁଠାରୁ ବେଶୀ ସଂଘର୍ଷ କରୁଛନ୍ତି। ଭାରତର ସ୍ନାତକମାନଙ୍କ ମଧ୍ୟରେ ବେକାରୀ ହାର, ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରି ନ ଥିବା ବ୍ୟକ୍ତିମାନଙ୍କ ତୁଳନାରେ ତିନିଗୁଣରୁ ଅଧିକ। ଚାକିରି ନ ପାଇ ଘରେ ବସିଥିବା ଲୋକମାନେ ମଧ ଉଚ୍ଚ ଯୋଗ୍ୟତା ସମ୍ପନ୍ନ। ଏହା ହିଁ ଭାରତରେ ଚାକିରି ସଙ୍କଟର ମୂଳରେ ଥିବା ବିରୋଧାଭାସ।

୧୫ ରୁ ୨୯ ବର୍ଷ ବୟସର ପ୍ରାୟ ୩୦ କୋଟି ଭାରତୀୟଙ୍କ ମଧ୍ୟରୁ ପ୍ରାୟ ୧୪.୧ କୋଟି ଶ୍ରମ କ୍ଷେତ୍ରରେ ନିୟୋଜିତ ଏବଂ ସେମାନଙ୍କ ମଧ୍ୟରୁ ୧୨.୭ କୋଟି ସ୍ଥାୟୀ ନିଯୁକ୍ତ। ପୁଣି ଏହି ସ୍ଥାୟୀ ନିଯୁକ୍ତଙ୍କ ମଧ୍ୟରୁ ମାତ୍ର ଆଠ ଭାଗରୁ ଗୋଟିଏ ଭାଗ ନିୟମିତ ଦରମା, ସାମାଜିକ ସୁରକ୍ଷା ପାଇବା ସହିତ ସେମାନଙ୍କ ପାଇଁ କ୍ୟାରିଅର ଅଗ୍ରଗତିର ପଥ ଉନ୍ମୁକ୍ତ ରହିଛି, ଯାହାକୁ 'ଭଲ ଚାକିରି'ର ମୌଳିକ ଲକ୍ଷଣ ଭାବେ ଦେଖାଯାଏ। ବାକି ଲୋକେ ଅସ୍ଥାୟୀ ଶ୍ରମିକ ଭାବେ ଅନିୟମିତ, ସ୍ୱଳ୍ପ ଦରମା ବା ଅସ୍ଥାୟୀ କାର୍ଯ୍ୟ ଉପରେ ନିର୍ଭରଶୀଳ। ଅନେକେ ଅବେତନ ପାରିବାରିକ କାର୍ଯ୍ୟ କିମ୍ବା କୌଣସି ସୁରକ୍ଷା ବିନା କ୍ଷୁଦ୍ର ସ୍ୱ-ନିଯୁକ୍ତ ଉଦ୍ୟୋଗରେ ନିୟୋଜିତ।

ଅନ୍ୟ ଏକ ଦୃଷ୍ଟିକୋଣରୁ ଦରମା କଥାକୁ ଆଲୋଚନା କରିବା। ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରି ନ ଥିବା ଜଣେ ଶ୍ରମିକ ମାସିକ ପ୍ରାୟ ୧୨, ୦୦୦ ଟଙ୍କା ରୋଜଗାର କରନ୍ତି। ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କଲେ ଏହା ମାତ୍ର ୧, ୦୦୦ ଟଙ୍କା ବଢ଼େ, ଯାହା ଜଣେ ଯୁବକ ବା ଯୁବତୀଙ୍କ ଆର୍ଥିକ ସ୍ୱାଧୀନତା ତଥା ଆତ୍ମନିର୍ଭରଶୀଳତା ପାଇଁ ଯଥେଷ୍ଟ ନୁହେଁ। ସମ୍ପୂର୍ଣ୍ଣ ଡିଗ୍ରୀ ପରେ ହିଁ ରୋଜଗାର ଉଲ୍ଲେଖନୀୟ ଭାବେ ବଢ଼େ। ଏହା ୨୩, ୦୦୦ ଟଙ୍କାରୁ ଅଧିକ ହେବାର ଦୃଷ୍ଟାନ୍ତ ରହିଛି। ଅର୍ଥାତ୍ ଭାରତରେ ଶିକ୍ଷା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଏହାର ପ୍ରକୃତ ଫଳ ମିଳେ ନାହିଁ ଏବଂ ସେଠାରେ ପହଞ୍ଚିବାକୁ ଏତେ ବର୍ଷ ଲାଗେ ଯେ, ଅନେକ ପରିବାର ଏହାକୁ ସହଜରେ ବହନ କରିପାରନ୍ତି ନାହିଁ। ଏହା ସରକାରୀ ଚାକିରି ପ୍ରତି ଥିବା ଆସକ୍ତିକୁ ବୁଝାଏ।



ଜାତି, ଶ୍ରେଣୀ ଓ ସମ୍ପର୍କକୁ ନ ଦେଖି ସରକାରୀ ପଦବୀଗୁଡ଼ିକରୁ କେବଳ ଯୋଗ୍ୟତା ଆଧାରରେ ମିଳୁଥିବା ନ୍ୟାୟୋଚିତ ଦରମା, ସ୍ଥିରତା ଓ ମର୍ଯ୍ୟାଦା ପ୍ରଭୃତି ବେସରକାରୀ ଅର୍ଥନୀତିରୁ ମିଳିପାରେ ନାହିଁ। ଆଭିଜାତ୍ୟ ନେଟୱାର୍କ ଏବଂ ପାରିବାରିକ ପୁଞ୍ଜି ପାଇଁ ପ୍ରବେଶ ସୁଯୋଗ ନ ଥିବା ପ୍ରଥମ ପିଢ଼ିର ସ୍ନାତକମାନଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ହେଉଛି ସେହି କେତେକ ପ୍ରତିଯୋଗିତା ମଧ୍ୟରୁ ଗୋଟିଏ, ଯାହା ସେମାନେ କେବଳ ନିଜ ଦକ୍ଷତା ବଳରେ ହାସଲ କରିପାରନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ, ୨୦୨୪ରେ ପ୍ରାୟ ୩୦ ଲକ୍ଷ ପ୍ରାର୍ଥୀ ୧୭, ୭୦୦ ସରକାରୀ ପଦବୀ ପାଇଁ ପ୍ରତିଯୋଗିତା କରିଥିଲେ। ଅର୍ଥାତ୍ ପ୍ରତ୍ୟେକ ଖାଲି ପଦବୀ ପାଇଁ ପ୍ରାୟ ୧୭୦ ଜଣ ପ୍ରାର୍ଥୀ।

କୋଚିଂ ସେଣ୍ଟର ବାହାରେ ଡେରା ପକାଇଥିବା କିମ୍ବା ବର୍ଷ ବର୍ଷ ଧରି ବାରମ୍ବାର ପରୀକ୍ଷା ଦେଉଥିବା ଯୁବକଯୁବତୀମାନଙ୍କର ଏଥିରେ କୌଣସି ଦୋଷ ନାହିଁ। ସମସ୍ୟା ହେଉଛି ସଂରଚନାତ୍ମକ। ଗତ ଦଶନ୍ଧିରେ ଭାରତରେ ଚାକିରି ସୃଷ୍ଟି ଅପେକ୍ଷା ଅର୍ଥନୀତିରେ ଯଥେଷ୍ଟ ବୃଦ୍ଧି ହୋଇଛି। କାରଣ ନିଯୁକ୍ତି ପଛରେ ରହିଥିଲେ ସୁଦ୍ଧା ପୁଞ୍ଜି ଓ ପ୍ରଯୁକ୍ତି-ସଂଶ୍ଲିଷ୍ଟ କ୍ଷେତ୍ରଗୁଡ଼ିକ ଆଗେଇଛନ୍ତି। ଏହି ଶ୍ରମଶକ୍ତିକୁ ଅବଶୋଷଣ କରିପାରୁଥିବା କ୍ଷେତ୍ର, ଯଥା- ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସରକାରୀ ବ୍ୟୟ ଏବେ ବି ଦେଶର ନିଜସ୍ୱ ଲକ୍ଷ୍ୟ ଠାରୁ କମ୍ ଅଛି। ଇତିମଧ୍ୟରେ ସେଗୁଡ଼ିକୁ ପୂରଣ କରିବା ସାମର୍ଥ୍ୟଠାରୁ ଆକାଂକ୍ଷୀ ଅର୍ଥନୀତିର ହାର ଦ୍ରୁତବେଗରେ ବଢ଼ିଛି। ଫଳରେ ଅନେକଙ୍କର ଲକ୍ଷ୍ୟ ସ୍ପଷ୍ଟ ଥିବା ସତ୍ତ୍ୱେ ସ୍ଥାନୀୟସ୍ତରରେ ତାହା ପୂରଣ ହୋଇପାରେନି।

ଭାରତକୁ ପ୍ରକୃତରେ ଆବଶ୍ୟକ ବଡ଼ ସଂସ୍କାର। ସ୍ନାତକ ସୃଷ୍ଟିକାରୀ ଗତିରେ ହିଁ ସାର୍ଥକ ଚାକିରି ସୃଷ୍ଟି ଅର୍ଥନୀତିର ବିକଳ୍ପ ହୋଇପାରିବ ନାହିଁ। କେବଳ ପ୍ରଶ୍ନପତ୍ର ପ୍ରଘଟ ସମସ୍ୟାର ସମାଧାନ ହୋଇଗଲେ ୩୦ କୋଟି ଯୁବ ନାଗରିକଙ୍କୁ ମାତ୍ର ୧.୫ କୋଟି ଗ୍ରହଣୀୟ ଚାକିରି ପ୍ରଦାନ କରୁଥିବା ଏକ ଶ୍ରମ ବଜାରକୁ ଠିକ୍ କରାଯାଇପାରିବ ନାହିଁ। ଯେପର୍ଯ୍ୟନ୍ତ ଅର୍ଥନୈତିକ ବୃଦ୍ଧି କେବଳ ଉତ୍ପାଦନର ଉତ୍ସ ତଥା ସୁଯୋଗର ଇଞ୍ଜିନ ହୋଇନଥିବ, ସେପର୍ଯ୍ୟନ୍ତ ଭାରତର ସର୍ବାଧିକ ଶିକ୍ଷିତ ପିଢ଼ି ସେହି ସମଭିଡ଼ ଥିବା ଦ୍ୱାର ସାମ୍ନାରେ ଲମ୍ବାଧାଡ଼ି ଲଗାଇ ରହିବେ।

ଭୁବନେଶ୍ୱର, ମୋ: ୮୦୧୮୧୭୨୩୦୧

# ମଛିୟାଲ୍ ମହାଦେବ: ମାଛଙ୍କୁ ଅର୍ପଣ କରାଯାଏ ସୁନାତାର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ମଛିୟାଲ୍ ମହାଦେବ ମନ୍ଦିର ବା ମଛିୟାଲ୍ ଦେବତା ମନ୍ଦିର ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାର ନାଗରୋଟା ବାଗୱାନ୍‌ଠାରୁ ମାତ୍ର ୨ କିଲୋମିଟର ଦୂରରେ ମୁମତା(ମୋମତା ଖାସ) ଗ୍ରାମରେ ଅବସ୍ଥିତ। ଏହି ଆଧ୍ୟାତ୍ମିକ ସ୍ଥଳରେ ଥିବା ପବିତ୍ର ଜଳାଶୟ ଏବଂ ଏଥିରେ ବାସ କରୁଥିବା ମାଛମାନଙ୍କ ପ୍ରତି ଭକ୍ତମାନଙ୍କର ଗଭୀର ଶ୍ରଦ୍ଧା ରହିଛି। ଏଠାରେ ମାଛକୁ 'ଦେବଦୂତ' ମାନ୍ୟତା ଦିଆଯାଇଛି। ବିଶ୍ୱାସ ରହିଛି ଯେ, ଏଠାରେ ମାଛମାନଙ୍କୁ ଦର୍ଶନ କରି ଅଟା ଖାଇବାକୁ ଦେଲେ ସମସ୍ତ ମନୋବାଞ୍ଛା ପୂର୍ଣ୍ଣ ହେବା ସହିତ ଗ୍ରହଦୋଷରୁ ମୁକ୍ତି ମିଳିଥାଏ।

ଏହି ମନ୍ଦିର 'ମତ୍ସ୍ୟେନ୍ଦ୍ରନାଥ' ବା 'ମଚ୍ଛିନ୍ଦ୍ରନାଥ' ନାମକ ଜଣେ ନାଥ ପନ୍ଥ ସନ୍ଥ ବା ପୂଜ୍ୟଯୋଗୀଙ୍କୁ ଉତ୍ସର୍ଗୀକୃତ, ଯାହାଙ୍କୁ ଭଗବାନ ଶିବଙ୍କ ମତ୍ସ୍ୟ ଅବତାରର ପ୍ରତୀକ ଭାବରେ ବିଶ୍ୱାସ କରାଯାଏ। ନାଥ ଧର୍ମପରମ୍ପରା ସମ୍ପର୍କିତ ବିଭିନ୍ନ ପୁରାଣାଦିରେ ଉଲ୍ଲେଖ ରହିଛି ଯେ, ଏକଦା ଦେବ ଦେବ ମହାଦେବ ଦେବୀ ପାର୍ବତୀଙ୍କୁ ତନ୍ତ୍ର ସମ୍ପର୍କିତ ଜ୍ଞାନ ପ୍ରଦାନ କରୁଥିବା ବେଳେ ଗୋଟିଏ ମାଛ ତାହାକୁ ଶୁଣି ଦେଇଥିଲା। ଉକ୍ତ ମାଛ ମତ୍ସ୍ୟେନ୍ଦ୍ରନାଥ ଭାବେ ପରିବର୍ତ୍ତିତ ହୋଇଗଲେ, ଯିଏକି ନାଥଯୋଗୀଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ। ଏହି ସ୍ଥାନ ମତ୍ସ୍ୟେନ୍ଦ୍ରନାଥଙ୍କ ତପୋସ୍ଥଳୀ ଭାବେ ମଧ ପରିଚିତ। ଯେଉଁସ୍ଥାନରେ ସେ ତପସ୍ୟା କରୁଥିଲେ ସେହି ସ୍ଥାନରେ 'ମଛିନ୍ଦ୍ର ମହାଦେବ' ମନ୍ଦିର ପ୍ରତିଷ୍ଠା କରାଯାଇଛି।

ହିମାଚଳ ପ୍ରଦେଶର ଲୋକକଥା ଏବଂ ନାଥ ପରମ୍ପରା ଅନୁସାରେ ଏହି ସନ୍ଥ ହେଉଛନ୍ତି ହଠଯୋଗର ପ୍ରତିଷ୍ଠାତାମାନଙ୍କ ମଧ୍ୟରୁ ଅନ୍ୟତମ। ସେ ଜଣେ ଶକ୍ତିମାନ ଯୋଗୀ ଭାବେ ଦେବତା ଓ ପ୍ରକୃତି ଉଭୟଙ୍କ ସହିତ ଭାବ ବିନିମୟ ବା କଥାବାର୍ତ୍ତା କରିପାରୁଥିଲେ। ମନ୍ଦିର ପାଖରେ ଗୋଟିଏ ହ୍ରଦ ରହିଛି, ଯାହାର ନାଁ 'ମାଛିୟାଲ ହ୍ରଦ'। ହ୍ରଦର ଆକାର ଛୋଟ ହୋଇଥିଲେ ମଧ ରହସ୍ୟପୂର୍ଣ୍ଣ। ଆଧ୍ୟାତ୍ମିକ କ୍ଷେତ୍ରରେ ଏହାର ବିଶେଷତ୍ୱ ରହିଛି ଏବଂ ଏଥିରେ ବିଚରଣ କରୁଥିବା ମାଛଗୁଡ଼ିକର ସୌନ୍ଦର୍ଯ୍ୟ ଅଲୌକିକ। ପ୍ରତି ମଙ୍ଗଳବାର ଓ ଶନିବାର ଦିନ ଏହି ଅଞ୍ଚଳ ପାରମ୍ପରିକ ଢୋଲ ବାଦ୍ୟ ଓ ରୀତିନୀତି ସହିତ ଜୀବନ୍ତ ହୋଇଉଠେ। ସେହି ସମୟରେ ଗ୍ରାମବାସୀ ଓ ତୀର୍ଥଯାତ୍ରୀମାନେ ମାଛମାନଙ୍କୁ ଅଟାରେ ପ୍ରସ୍ତୁତ ଖାଦ୍ୟ ଦେବାକୁ ଏକାଠି ହୁଅନ୍ତି। ମାଛମାନଙ୍କୁ ଦିଆଯାଉଥିବା ଏହି ନୈବେଦ୍ୟ ବିଶ୍ୱାସ, ଆଶା ଓ କୃତଜ୍ଞତାର ପ୍ରତୀକ। କେବଳ ସେତିକି ନୁହେଁ, ଏଠାରେ କୌଣସି ଭକ୍ତଙ୍କ ମନସ୍କାମନା ପୂରଣ ହେଲେ ସେ ସୁନାରେ ସୂତା ପ୍ରସ୍ତୁତ କରି ମାଛମାନଙ୍କୁ ଅର୍ପଣ କରିଥା'ନ୍ତି, ଯାହାକୁ 'ବାଲୁ' କୁହାଯାଏ। ଭକ୍ତମାନେ ପାରମ୍ପରିକ ବାଦ୍ୟ ସହିତ 'ମଛିଆଲ୍ ହ୍ରଦ'ରେ ସେହି 'ବାଲୁ'କୁ ମାଛମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି, ନଚେତ୍ ମନ୍ଦିର ପାଖରେ ବାନ୍ଧି ଦେଇଥା'ନ୍ତି। ଦିବ୍ୟମାଛଙ୍କ ପ୍ରତି ଏହା ହେଉଛି କୃତଜ୍ଞତାର ସର୍ବଶ୍ରେଷ୍ଠ ପ୍ରତୀକ।

ମଛିନ୍ଦ୍ରନାଥ ଏବଂ ଏହି ମାଛମାନଙ୍କ ସହିତ ଜଡ଼ିତ କିମ୍ବଦନ୍ତୀ ଅନୁସାରେ, ଭଗବାନ ଶିବ ସମୁଦ୍ର ତଳେ ଜ୍ଞାନର ପ୍ରସାର କରିବା ପାଇଁ ଏକଦା ଗୋଟିଏ ମାଛର ରୂପ ନେଇଥିଲେ। ମୌଖିକ ପରମ୍ପରା ଅନୁସାରେ, ମନ୍ଦିରର ସ୍ଥାନ ସ୍ୱୟଂ ପ୍ରଭୁଙ୍କ ଦ୍ୱାରା ଚୟନ କରାଯାଇଥିଲା ଏବଂ ସ୍ୱପ୍ନ ଓ ସଙ୍କେତ ମାଧ୍ୟମରେ ଯୋଗୀଋଷିମାନେ ମହାଦେବଙ୍କୁ ଦର୍ଶନ କରିବା ସହିତ ସ୍ଥାନ ସମ୍ପର୍କିତ ତଥ୍ୟ ଲୋକମୁଖରେ ପ୍ରକାଶ କରିଥିଲେ। ବିଶ୍ୱାସ ରହିଛି ଯେ, ଦିବ୍ୟଶକ୍ତି ସିଧାସଳଖ ଏହି ହ୍ରଦ ଦେଇ ପ୍ରବାହିତ ହୁଏ ଏବଂ ମାଛମାନେ ଏହି ଦିବ୍ୟଶକ୍ତିର ରକ୍ଷକ ଓ ବାହକ ଭାବରେ କାର୍ଯ୍ୟ କରନ୍ତି। ଏଠାରେ ମାଛ ଶିକାର ସମ୍ପୂର୍ଣ୍ଣ ବର୍ଜିତ। ଏପରିକି ଏଠାରେ କେହି ମାଛରେ ପ୍ରସ୍ତୁତ କୌଣସି ବ୍ୟଞ୍ଜନ ଖାଇବା ପାଇଁ ଚିନ୍ତା ମଧ କରନ୍ତି ନାହିଁ। କାରଣ ଏଭଳି କରିବା ଦ୍ୱାରା ଉକ୍ତ ବ୍ୟକ୍ତିଙ୍କୁ ଅଶୁଭ ପରିଣାମ ଭୋଗିବାକୁ ପଡ଼େ ଏବଂ ଅଚାନକ କୌଣସି ବିପତ୍ତି ବା ରହସ୍ୟମୟ ଦୁର୍ଘଟଣାର ଶିକାର ହେବାକୁ ପଡ଼ିଥାଏ ବୋଲି ଲୋକୋକ୍ତି ପ୍ରଚଳିତ। ପର୍ଯ୍ୟଟକଙ୍କ ପାଇଁ ମଧ ଏଭଳି ଜିହ୍ୱାଲାଳସା ତ୍ୟାଗ କରିବାକୁ ପୂର୍ବରୁ ସୂଚିତ କରାଯାଏ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୨୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସମୁଦ୍ରରେ ବୁଡ଼ିଗଲେ ୮ ଛାତ୍ର

ପୁନେ, ୧।୧୦: ମହାରାଷ୍ଟ୍ରର ପୁନେ ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରର ୮ ଜଣ ଛାତ୍ର ସମୁଦ୍ରରେ ବୁଡ଼ିଯାଇଛନ୍ତି। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ୪୮ ଜଣ ଛାତ୍ରଛାତ୍ରୀ ପିକନିକ୍ ଲାଗି ରାଇଗଡ଼ ଜିଲ୍ଲା ଦିବେଗର ବେଳାଭୂମି ଯାଇଥିଲେ। ଏଥିରେ ୨୫ ଛାତ୍ର ଓ ୧୭ ଛାତ୍ରୀ ଥିଲେ। ପିକନିକ୍ ବେଳେ ୮ ଜଣ ଛାତ୍ର ଗାଧୋଇବା ଲାଗି ଗଭୀର ସମୁଦ୍ର ଭିତରକୁ ପଶିଯାଇଥିଲେ। କିନ୍ତୁ ସେମାନେ ଆଉ ବାହାରକୁ ଆସି ପାରିନଥିଲେ। ସମୁଦ୍ର ଭିତରେ ବୁଡ଼ିଯାଉଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ କରାଯାଇଥିଲା। କିନ୍ତୁ ଜୁଆରରେ ସେମାନେ ଭାସିଯାଇଥିଲେ। ଖବର ପାଇ ଉଦ୍ଧାରକାରୀ ଦଳ ପହଞ୍ଚି ସମସ୍ତ ୮ ଜଣ ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୁମ୍ବାଇ ଠାରୁ ୧୭୦ କିଲୋମିଟର ଦୂର ପ୍ରସିଦ୍ଧ ଦିବେଗର ବେଳାଭୂମିରେ ଏହି ଅଘଟଣ ଘଟିଛି।

## ୩୭ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୫ ପାଇଁ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର,୧।୧୦(ସମିସ): ୩୭ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୫ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୩୧ ଅକ୍ଟୋବର, ୨୦୨୬ ତାରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର ସଫ୍ଟ କପି (ପେନ୍‌ଡ୍ରାଇଭ)କୁ ରେଜିଷ୍ଟର୍ଡ ପୋଷ୍ଟ/ ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ଓଡ଼ିଆ ଚଳଚ୍ଚିତ୍ର ଉପରେ ଲିଖିତ ଶ୍ରେଷ୍ଠ ଲେଖା (ବୁକ୍/ ମନୋଗ୍ରାଫ୍) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକମାନେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିବା ସହିତ ଉକ୍ତ ବୁକ୍/ମନୋଗ୍ରାଫର ୧୦ଖଣ୍ଡ ନକଲ ଚଳିତ ଅକ୍ଟୋବର ୩୧ତାରିଖ ସୁଦ୍ଧା ରେଜିଷ୍ଟ୍ରର୍ଡ ପୋଷ୍ଟ/ ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାହା ଚାପରେ ଏସ୍‌ଆଇଆର୍...

କରିଥିଲେ। ଏ ସମ୍ପର୍କରେ ସେମାନେ ପୁଲିସ ନିକଟରେ ମଧ୍ୟ ଅଭିଯୋଗ ଦାଖଲ କରିଥିଲେ। ଏସ୍‌ଆଇଆର୍ ଯାଞ୍ଚ ନାମରେ ସେମାନଙ୍କଠାରୁ ଓଟିପି ନିଆଯାଇ ସେମାନଙ୍କର ଲଗ୍‌ଇନ୍ ଓ କ୍ରେଡ଼େନସିଆଲ ବ୍ୟବହାର ପରି ଫର୍ମ ୭ ଦାଖଲ କରାଯାଇଥିବା ଅଭିଯୋଗ କରିଥିଲେ। ଏଥିରେ ସେମାନଙ୍କର କୌଣସି ସଂପୃକ୍ତି ନ ଥିବା ଦର୍ଶାଇ ଏ ସମ୍ପର୍କରେ ତଦନ୍ତ ନିମନ୍ତେ ପୁଲିସକୁ ଅନୁରୋଧ କରିଥିଲେ। ତେବେ ବିଏଲ୍‌ଓମାନଙ୍କ ଅଜାଣତରେ ସେମାନଙ୍କ ଲଗଇନ୍ ଆଇଡି ଓ ଓଟିପି କିପରି ବ୍ୟବହାର ହେଲା? ୩ ହଜାରରୁ ଅଧିକ ଫର୍ମ-୭ କିଏ ଦାଖଲ କଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁଣି କେଉଁ ଡିଭାଇସ୍ ଓ ଆଇପି ଠିକଣାରୁ ଆବେଦନ ହେଲା? ଓଟିପି କେଉଁଠାରେ ବ୍ୟବହାର ହୋଇଥିଲା ଆଦି ଘଟଣାର ନିରପେକ୍ଷ ତଦନ୍ତ ଦାବି ହୋଇଛି। ଏ ସମ୍ପର୍କରେ ଡ଼ିଜିଟାଲ ଯାଞ୍ଚ ହେଲେ ଘଟଣା ସମ୍ପର୍କରେ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯିବବୋଲି ମତଦାତାମାନେ ଦାବି କରିଛନ୍ତି। ଧାମନଗରର ଏହି ଘଟଣା ରାଜ୍ୟ ତଥା ଦେଶରେ ଭୋଟର ତାଲିକାର ଡିଜିଟାଲ୍ ସୁରକ୍ଷା, ପ୍ରଶାସନିକ ତଦାରଖ ଓ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଶ୍ନ ଛିଡ଼ା କରିଛି। ବିଏଲ୍‌ଓ ଜୟନ୍ତୀ ମହାନ୍ତି ତାଙ୍କ ଅଜାଣତରେ ନିଜସ୍ୱ ଲଗଇନ୍ ଆଇଡିରେ ଫର୍ମ-୭ ଆବେଦନ ହୋଇଥିବା ସେ ଜାଣିବାକୁ ପାଇଥିଲେ ବୋଲି ଅଭିଯୋଗ ହୋଇଛି। ସେ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ହେଁ ଆବେଦନକାରୀମାନେ ରାୟଗଡ଼ା, ମଣିପୁର ଆଦି ଅନ୍ୟ ଅଞ୍ଚଳର ହୋଇଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ମତଦାତା ସୂଚୀରୁ ଲକ୍ଷଲକ୍ଷ ଭୋଟରଙ୍କୁ ବାଦ ଦିଆଯିବା ଘଟଣା ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

### ଆଜିଠୁ ଜ୍ଞାନେଶ...

ପାର୍ଟିରୁ ମୁମ୍ବଇରୁ ଆନ୍ଦୋଳନ କରିବ। ତେବେ ମୁମ୍ବଇ ପୁଲିସ ଏଥିଲାଗି ଅନୁମତି ଦେବାକୁ ମନା କରିଦେଇଥିବାରୁ କକ୍ରୋଚ୍ ପାର୍ଟିର କର୍ମକର୍ତ୍ତା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଅନୁମତି ନମିଳିଲେ ମଧ୍ୟ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବେ। ଆବଶ୍ୟକ ପଡ଼ିଲେ ଜେଲଭରୋ ଆନ୍ଦୋଳନ ମଧ୍ୟ କରାଯିବ। ଅନୁମତି ବାହାନାରେ ସରକାର ସାଧାରଣ ନାଗରିକର ସ୍ୱର ଚପାଇ ପାରିବେ ନାହିଁ। ପାର୍ଟିର ଆବାହକ ଅଭିଜିତ ଦୀପକେ କହିଛନ୍ତି ଯେ କାଲିଠାରୁ ମୁମ୍ବଇରୁ ଜ୍ଞାନେଶ-ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇ ବେଙ୍ଗାଲୁରୁ, ଗୋଆ, କୋଲକାତା, ପାଟନା ଓ ରାଞ୍ଚି ପର୍ଯ୍ୟନ୍ତ ସହରକୁ ବ୍ୟାପିବ। ଏହାପରେ ଏହାକୁ ଜାତୀୟ ସ୍ତରକୁ ନିଆଯିବ। ଜ୍ଞାନେଶ କୁମାରଙ୍କୁ ହଟାଇବା ସହିତ ତାଙ୍କ ବିରୋଧରେ ଅପରାଧିକ ମାମଲା ଦାଏର କରିବା, ଏସଆଇଆର ବାତିଲ କରିବା ଏବଂ ନିର୍ବାଚନ କମିସନ ଆଇନ,୨୦୨୩ ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ କକ୍ରୋଚ୍ ପାର୍ଟି ଦାବି କରିଛି। ସେହିଭଳି ଯନ୍ତରମନ୍ତରରେ ମଧ୍ୟ ଜ୍ଞାନେଶ ବିରୋଧୀ ପ୍ରତିବାଦ ସଭା ପାଇଁ ଅନୁମତି ଦେବାକୁ ଦିଲ୍ଲୀ ପୁଲିସ ମନା କରିଦେଇଛି। ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏସନ, ରାଜ୍ୟସଭା ସାଂସଦ ମନୋଜ ଝା ଏବଂ ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ପ୍ରତିବାଦ ସଭା ପାଇଁ ଅନୁମତି ଲୋଡ଼ିଥିଲେ। ସେମାନେ ଜ୍ଞାନେଶ କୁମାରଙ୍କୁ ବହିଷ୍କାର ପାଇଁ ଦାବି କରିଛନ୍ତି। ଏହି ସଭାରେ ୩ରୁ ୪ ହଜାର ଲୋକ ଆସିପାରନ୍ତି ବୋଲି ପୁଲିସ ଆଶଙ୍କା ପ୍ରକାଶ କରିବା ସହିତ ଏହାକୁ ରୋକିବା ଲାଗି ଯନ୍ତରମନ୍ତରକୁ ସିଲ୍ କରିଦେଇଛି। ଏହାର ଆଖପାଖ ରାସ୍ତାରେ ବାରିକେଡ୍ ଲଗାଇ ସିଲ୍ କରାଯାଇଛି। ଦିଲ୍ଲୀ ପୁଲିସ ସମେତ କେନ୍ଦ୍ରୀୟ ସଶସ୍ତ୍ର ବାହିନୀକୁ ବିପୁଳ ସଂଖ୍ୟାରେ ମୁତୟନ କରାଯାଇଛି। ଏହି ପ୍ରତିବାଦ ସଭାରେ ଯୁବ କଂଗ୍ରେସ, ଆପ୍ ଏବଂ ଅନ୍ୟ ସଂଗଠନର କର୍ମୀ ଓ କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଯନ୍ତରମନ୍ତର ସଭାରେ ଏବେ କକ୍ରୋଚ ପାର୍ଟି ସାମିଲ ହେବନାହିଁ ବୋଲି ଜଣାପଡ଼ିଛି।

### ଟିସିଏସ୍‌କୁ ନିର୍ଦ୍ଦେଶ...

(ଟିସିଏସ୍)କୁ ଏଭଳି ପରିବର୍ତ୍ତନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ ଏବଂ କମ୍ପାନୀ ଭିତରେ ଏହାକୁ କିଏ ଅନୁମୋଦନ କରିଥିଲେ। ରାହୁଲ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, ଟିସିଏସ୍ ଉପରେ କୌଣସି ଚାପ ଥିଲା କି ନାହିଁ। ଏସଂପର୍କରେ ନିର୍ବାଚନ କମିସନ ଜବାବ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଅନୁସାରେ, ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଫର୍ମ-୬ରେ ପରିବର୍ତ୍ତନ ନେଇ ପ୍ରଶ୍ନ ଉଠାଇଥିଲେ। ନିୟମରେ ପରିବର୍ତ୍ତନ ନକରି ଫର୍ମରେ ନୂଆ ବିଭାଗ ଯୋଡ଼ାଯାଇଥିବା ନେଇ ସେମାନେ ଆପତ୍ତି ଜଣାଇଥିଲେ। ଖବର ପ୍ରକାଶ ପାଇବା ପରେ ଏସ୍‌ଆଇଆର୍ ସମାପ୍ତ ହୋଇଥିବା ରାଜ୍ୟଗୁଡ଼ିକରେ ଫର୍ମ-୬ରୁ ଅତିରିକ୍ତ ଘୋଷଣାପତ୍ରକୁ ନିର୍ବାଚନ କମିସନ ହଟାଇଛନ୍ତି। ଏହାପରେ ଏସ୍‌ଆଇଆର୍‌ରେ ନାମ ବାଦ୍ ପଡ଼ିଥିଲେ ପୁଣି ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ୨୦୦୩ର ଭୋଟର ତାଲିକା ସମ୍ପର୍କିତ ସୂଚନା ଆଉ ଆବଶ୍ୟକ ହେବ ନାହିଁ।

### ଇସିଙ୍କ ଅଫିସ...

ମାମଲା ଦାଏର କରିବା ଲାଗି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର। ଏହି ଦାବିରେ ସେ ଆଜି ନିର୍ବାଚନ କମିସନ ଅଫିସ ସାମନାରେ ଧାରଣା ଦେଇଥିଲେ। ତାଙ୍କ ସହିତ ଏହି ଧାରଣାରେ ତାଙ୍କର ମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇଥିଲେ। ଆଇନଗତ ପରାମର୍ଶ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶିବକୁମାର ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ୪୫ ଲକ୍ଷ ଭୋଟରଙ୍କୁ କାଟିବା ଲାଗି ବିରାଟ ଷଡ଼ଯନ୍ତ୍ର ଚାଲିଛି। ଏଥିରେ ମୁସଲିମ ଏବଂ ଦଳିତ ଭୋଟରଙ୍କୁ ଟାର୍ଗେଟ କରାଯାଉଛି। ଏସଂପର୍କରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ମଧ୍ୟ ଅବଗତ ଅଛନ୍ତି ଏବଂ ଏଭଳି ଭୋଟରଙ୍କ ଆପତ୍ତିକୁ ଅଣଦେଖା କରାଯାଉଛି।

### ଜ୍ଞାନେଶଙ୍କୁ 'ଭାନିସ୍'...

ସେ କହିଛନ୍ତି। ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ମମତା କହିଛନ୍ତି, ସମ୍ବିଧାନ ଅନୁଯାୟୀ ନିର୍ବାଚନ ଓ ଗଣତନ୍ତ୍ରର ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ସମ୍ମାନ କରାଯାଏ। କିନ୍ତୁ ଅଧିକାରିକ କାର୍ଯ୍ୟ ପାଇଁ ମିଳୁଥିବା ଆଇନଗତ ସୁରକ୍ଷା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ବଙ୍ଗଳାରେ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନକୁ ଟିଏମ୍‌ସି ଆରମ୍ଭରୁ ବିରୋଧ କରୁଥିବା ସେ କହିଛନ୍ତି। ଏହି ପ୍ରକ୍ରିୟାରେ ଭୋଟର କାଟିବା ନେଇ ମଧ୍ୟ ମମତା ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଦାବିଗୁଡ଼ିକ ଉପରେ ନେଇ ନିର୍ବାଚନ କମିସନଙ୍କ ପକ୍ଷରୁ ଏହି ରିପୋର୍ଟରେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

### ସମାଧାନ ନିକଟତର...

କୋଟି ଲୋକଙ୍କ ଜୀବନଜୀବିକାର ପନ୍ଥା ହେଉଛି ମହାନଦୀ। ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଯୋଗାଣ, ପର୍ଯ୍ୟାବରଣ ଆଦି ଅନେକ ବିଷୟରେ ସେ ବୈଠକରେ ଉପସ୍ଥାପନ କରିଛନ୍ତି। ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ବୈଠକରେ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ, ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆଇନଗତ ପ୍ରକ୍ରିୟା ସହିତ ପ୍ରଶାସନିକ ଓ ରାଜନୈତିକ ସମାଧାନର ପନ୍ଥାକୁ ମଧ୍ୟ ବ୍ୟାପକ କରାଯାଇଛି। ୨୦୨୫ ଜୁଲାଇ-ଅଗଷ୍ଟରେ ଆମ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳ ସମ୍ପଦ ସଚିବ ସ୍ତରରେ ଅନେକ ବୈଠକ ହୋଇଯାଇଛି। ଗତ ଜୁଲାଇ ମାସରେ ଜଳ ଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜୁଲାଇ ମାସର ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ରାଜ୍ୟର ଆବଶ୍ୟକତା ସମ୍ପର୍କରେ ସେଣ୍ଟ୍ରାଲ୍ ୱାଟର୍ କମିଶନ୍‌ଙ୍କୁ ବିଭିନ୍ନ ପ୍ରସଙ୍ଗ, ତଥ୍ୟ ଓ ସୂଚନା ପ୍ରଦାନ କରାଯାଉଛି। ତିନି ମାସ ମଧ୍ୟରେ ସମାଧାନର ପନ୍ଥା ବାହାର କରିବା ପାଇଁ ସେହି ବୈଠକରେ ଆପାତତଃ ସ୍ଥିର ହୋଇଥିଲା। ଏହା ମଧ୍ୟରେ ଦୁଇ ମାସ ବିତିଗଲାଣି ଏବଂ ଆଶାନୁରୂପ ଅଗ୍ରଗତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମହାନଦୀ ସମସ୍ୟାର ସମାଧାନ ପାଇଁ ଗୃହମନ୍ତ୍ରୀ ଅମିତ ଶାହା ନିଜେ ଦାୟିତ୍ୱ ନେଇ ସମାଧାନର ପନ୍ଥା ବାହାର କରିବା ପାଇଁ ଉଦ୍ୟମ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଡବ୍ଲ୍ୟୁସି ଏହି ବିବାଦର ସମାଧାନର ରାସ୍ତା ବାହାର କରୁଛନ୍ତି। ଉଭୟ ରାଜ୍ୟ ପକ୍ଷରୁ ପ୍ରଦତ୍ତ ତଥ୍ୟ ଏବଂ ଡାଟାର ଅନୁଶୀଳନ କରୁଛନ୍ତି।ଲ ଆଜିର ବୈଠକରେ ଗୃହମନ୍ତ୍ରୀ ମଧ୍ୟ କେତେକ ପରାମର୍ଶ ଦେଇଛନ୍ତି। ତେଣୁ ଆଶା ଅନୁଯାୟୀ ସମୟ ମଧ୍ୟରେ ସମାଧାନର ରାସ୍ତା ବାହାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରୀ, ଜଳ ଶକ୍ତି ମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହ ମନ୍ତ୍ରାଳୟ, ଜଳଶକ୍ତି ମନ୍ତ୍ରାଳୟ, କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଓଡ଼ିଶା ଓ ଛତିଶଗ?ର ମୁଖ୍ୟ ଶାସନ ସଚିବ ଓ ଉଚ୍ଚ ପଦାଧିକାରୀ ଗଣ ଉପସ୍ଥିତ ଥିଲେ।

### ପୂଜା ଭିଜାଇବ...

ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ୧୫ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ। ମାତ୍ର ଲଘୁଚାପ ସୃଷ୍ଟି ହେବାକୁ ଆହୁରି ୨ ସପ୍ତାହ ବାକି ଅଛି ଓ ଅବପାତ ସୃଷ୍ଟି ହେବା ନେଇ ୩୩% ପର୍ଯ୍ୟନ୍ତ ଆଶଙ୍କା ରହିଛି ବୋଲି ଆଇଏମ୍‌ଡି ପକ୍ଷରୁ ଦର୍ଶାଯାଇଛି। ଅକ୍ଟୋବର ୧୬ ତାରିଖଠାରୁ ଷଷ୍ଠୀ ପୂଜା ଆରମ୍ଭ ହେବ; ତେଣୁ ଯଦି ଏହି ଅବପାତ ଅଧିକ ଘନୀଭୂତ ହୁଏ ଏବଂ ଆନ୍ଧ୍ରରୁ ପଶ୍ଚିମବଙ୍ଗ ମଧ୍ୟରେ ପ୍ରଭାବ ପକାଏ, ତେବେ ପୂଜାକୁ ବର୍ଷା ଭିଜାଇବ ବୋଲି କରାଯାଉଥିବା ଆଶଙ୍କା ଅମୂଳକ ହେବ ନାହିଁ। ତେବେ ଲଘୁଚାପ ସୃଷ୍ଟି ହେଲେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ପାଇଁ ବିପଦ ରହିବ। ଲଘୁଚାପ ସୃଷ୍ଟି ପରେ ଏହାର ଗତିପଥ ଓ ତୀବ୍ରତା ଅର୍ଥାତ କେତେ ଘନୀଭୂତ ହେବ ତାହା ଜଣାପଡ଼ିବ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗର ଉପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ଜାରି ରହିଛି। ତେବେ ଉତ୍ତର-ପଶ୍ଚିମ ଓ ପଶ୍ଚିମ-ମଧ୍ୟ ବଙ୍ଗୋପସାଗରରେ ଏହା ଦୁର୍ବଳ ହୋଇଛି। ପୂର୍ବ-ମଧ୍ୟ ଓ ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗର ଉପରେ ମୌସୁମୀ ପ୍ରବାହ ତୁଳନାତ୍ମକ ଭାବେ ଅଧିକ ସକ୍ରିୟ ରହିଛି। ତେବେ ୮-୧୫ ଅକ୍ଟୋବର ମଧ୍ୟରେ ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବାତ୍ୟା ଗଠନ ପାଇଁ ଅନୁକୂଳ ସଙ୍କେତ ଦେଖାଯାଉଛି। ଏହାର ଅର୍ଥ, ଏକ ନିମ୍ନଚାପ କିମ୍ବା ଅଧିକ ସଂଗଠିତ ପ୍ରଣାଳୀ ଗଠନ ପାଇଁ ପରିସ୍ଥିତି ସହାୟକ ହୋଇପାରେ। ଯଦି ଏହା ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ଅଧିକ ଉତ୍ତରରେ ସୃଷ୍ଟି ହୁଏ, ତେବେ ଉତ୍ତର ଆନ୍ଧ୍ର/ଓଡ଼ିଶା ଦିଗକୁ ଗତି କରିବାର ସମ୍ଭାବନା ବଢ଼ିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ମୌସୁମୀ ଅପସାରଣ ପାଇଁ ପାଗ ଅନକୂଳ ହେବାରେ ଲାଗିଛି। ଆସନ୍ତା ୩-୪ ଦିନ ମଧ୍ୟରେ ଓଡ଼ିଶାରୁ ମୌସୁମୀ ବିଦାୟ ନେବା ନେବାର ସମ୍ଭାବନା ରହିଛି। ଦେଶର ଅନ୍ୟ ସ୍ଥାନଗୁଡ଼ିକରୁ ମୌସୁମୀ ଅପସାରଣ ଜାରି ରହିଥିବା ବେଳେ ଖୁବ୍‌ଶୀଘ୍ର ମୌସୁମୀ ଓଡ଼ିଶା ଛାଡ଼ିବ ବୋଲି ଆକଳନ କରାଯାଇଛି।

### ବନ୍ଧୁକ ମୁନରେ...

ତଳ ମହଲାରେ ରହୁଥିଲେ। ବୁଧବାର ରାତି ସମୟରେ ତାଙ୍କ ଭଉଣୀ ମାର୍କେଟ ଯାଇଥିଲା ବେଳେ ପୀଡ଼ିତା ଏକୁଟିଆ ଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ଘରକୁ ଆସିଥିଲେ। କବାଟ ଠକ୍ ଠକ୍ କରିଥିଲେ। ପୀଡ଼ିତା ତାଙ୍କ ଭଉଣୀ କବାଟ ବାଡ଼ଉଥିବା ଭାବି କବାଟ ଖୋଲିଦେଇଥିଲେ। ହେଲେ କବାଟ ଖୋଲିଲା ପରେ ହାତରେ ବନ୍ଧୁକ ଧରିଥିବା ଜଣେ ମୁଖାପିନ୍ଧା ଯୁବକ ଘର ଭିତରକୁ ପଶି ଆସି ପୀଡ଼ିତାଙ୍କୁ ପ୍ରଥମେ ଆତଙ୍କିତ କରିଥିଲା। ପାଟି ଚୁପ୍ ନ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପୀଡିତା ଭାବିଥିଲେ ଦୁର୍ବୃତ୍ତ ଜଣଙ୍କ ଲୁଟ୍‌ପାଟ୍ କରିବାକୁ ଆସିଛନ୍ତି। ହେଲେ ତା'ର ପରବର୍ତ୍ତୀ କାର୍ଯ୍ୟକଳାପ ପୀଡ଼ିତାଙ୍କ ହୋସ୍ ଉଡାଇ ଦେଇଥିଲା। ଘର ଭିତରକୁ ଯିବା ମାତ୍ରେ ପୀଡ଼ିତାଙ୍କୁ ଅସଦାଚରଣ କରିବା ଆରମ୍ଭ କରିଦେଲା। କିଛି ସମୟ ପରେ ବନ୍ଧୁକ ମୁନରେ ଦୁଷ୍କର୍ମ କରିଥିଲା। ପୀଡ଼ିତା ଯେତେ ନେହୁରା ହେଲେ ବି ସେ କିଛି ଶୁଣୁ ନ ଥିଲା। ଦୁଷ୍କର୍ମ କରିବା ପରେ ସେଠାରୁ ଚାଲି ଯାଇଥିଲା। କିଛି ସମୟ ପରେ ପୀଡ଼ିତାଙ୍କ ଭଉଣୀ ଘରକୁ ଆସିଥିଲେ। ପୀଡିତାଙ୍କୁ ଠାରୁ ସେ ଏଭଳି ଘଟଣା ଶୁଣିବା ପରେ ପ୍ରଥମେ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ନୟାପଲ୍ଲୀ ଥାନାକୁ ଯାଇ ଦୁଷ୍କର୍ମ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଭୁବନେଶ୍ୱର ଡିସିପି ସର୍ବଣା ବିବେକ୍ ଏମ୍., ଜୋନ୍ ଏସ୍‌ପି ଏବଂ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଫୋରେନ୍‌ସିକ୍ ଟିମ୍ ଘର ଛାନ୍‌ଭିନ୍ କରି ନମୁନା ସଂଗ୍ରହ କରିଛି। ଏହାସହ ପୀଡ଼ିତାଙ୍କ ବୟାନ୍ ରେକର୍ଡ କରାଯାଇ ଡାକ୍ତରୀମାଇନା କରାଇଛି। ପୀଡ଼ିତାଙ୍କ ଘର ପାଖାପାଖି ଲାଗିଥିବା ଏକାଧିକ ସିସିଟିଭିକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସ ଚେଷ୍ଟା କରୁଛି। ଏହାସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି କହିଛନ୍ତି।

ଅନ୍ୟପକ୍ଷରେ ଏଭଳି ଏକ ଘଟଣା ରାଜଧାନୀର ପୁଲିସିଂ ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଥିଲା ବେଳେ ଲୋମହର୍ଷଣକାରୀ ଦୁଷ୍କର୍ମକୁ ନେଇ ଏକାଧିକ ପ୍ରଶ୍ନ ଉଠିଛି। ଅଭିଯୁକ୍ତ କେମିତି ଜାଣିଲା ଏହି ଦୁଇ ଭଉଣୀ ତଳ ମହଲାରେ ରହୁଛନ୍ତି? ବଡ଼ ଭଉଣୀ ଘରେ ନାହାନ୍ତି ମାର୍କେଟ ଯାଇଛନ୍ତି ବୋଲି ଅଭିଯୁକ୍ତ କିଭଳି ଜାଣିଲା? ଅଭିଯୁକ୍ତଙ୍କୁ କ'ଣ ଦୁଇ ଉଭଣୀଙ୍କ ସମ୍ପର୍କରେ ଅନ୍ୟ କେହି ଟିପ୍‌ସ ଦେଉଥିଲା କି? ଏହାପଛରେ କ'ଣ ଏକ ବଡ଼ ଷଡ଼ଯନ୍ତ୍ର ରହିଛି? ଏଥିରେ ଆଖପାଖ ଲୋକ କିମ୍ବା ଦୁଇ ଭଉଣୀଙ୍କୁ ଜାଣିଥିବା ଲୋକଙ୍କ ସମ୍ପୃକ୍ତି ରହିଛି କି? ଅଭିଯୁକ୍ତ କ'ଣ ଅପ୍ରତ୍ୟାଶିତ ଭାବେ କାହା ଘରେ ପ୍ରବେଶ କରି ଏଭଳି ପୁଲିସକୁ ଖୋଲା ଚ୍ୟାଲେଞ୍ଜ୍ କଲା ନା ସେ ପୂର୍ବରୁ ଏଭଳି କାଣ୍ଡ ଘଟାଇଛି? ତା' ନାମରେ ପୂର୍ବରୁ କିଛି ଆପରାଧୀକ ମାମଲା ରହିଛି କି? ଅଭିଯୁକ୍ତର ଗିରଫ ପରେ ହିଁ ଏସବୁ ଉପରୁ ପରଦା ହଟିବ। ଏହି ମାମଲା ସମ୍ପୃକ୍ତ ଥିବା ବିଭିନ୍ନ ଲୋକଙ୍କ କଲ୍ ରେକର୍ଡକୁ ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି।


**DHAMNAGAR COLLEGE DHAMNAGAR,**
**BHADRAK, ODISHA-756117**
Estd.: 1977
Website: dhamnagarcollege.org.in

Sealed tenders are invited from interested publishers/suppliers/distributors for supplying books to the library of Dhamnagar College, Dhamnagar, Bhadrak as per the terms and conditions provided in the college website: **dhamnagarcollege.in**. The quotations should reach the office of the undersigned on or before **15.10.2026 by 4.00 PM** through Speed Post/Registered Post only and should be addressed to the Principal, Dhamnagar College, Dhamnagar, Bhadrak-756117.

Sd/- Principal-cum-Secretary
Dhamnagar College Dhamnagar, Bhadrak

**NOTICE (FOR MINOR)**

By virtue of an affidavit sworn before Executive Magistrate Sinapali dated 01/10/2026. I, **Jagadish Dhakad,** Address: At- Kotamal, Po- Godal, Ps- Sinapali, Dist- Nuapada, Odisha, Pin-766108 declare that I have changed the name of my daughter from **Babi Dhakad** to **Babita Dhakad.** Henceforth, she shall be known as **Babita Dhakard** for all purposes.

**Jagadish Dhakad**

**AFFIDAVIT**

By virtue of an affidavit (CF No. 01, dtd- 01.10.2026) sworn before The Executive Magistrate, Padampur. I, **Hemkumari Chakardhari** (new name), W/o Goutam Rana, permanent resident of Vill- Padampur (Kapsila), W.No.7, PO- Rajborasambar, PS- Padampur, Dist- Bargarh, Odisha declare that I have changed my name from **Hema Rana** (old name) to **Hemkumari Chakardhari** (new name). Henceforth, I shall be known as **Hemkumari Chakardhari** (new name) for all purposes.

**Hemkumari Chakardhari**

GOVERNMENT OF ODISHA 32001/953/2627
OFFICE OF THE SUPERINTENDING ENGINEER,
UPPER KOLAB IRRIGATION DIVISION,
BORIGUMMA, DIST: KORAPUT.
e-Procurement Notice
**Quotation Call Notice No. 03/2026-27 Dated: 28.09.2026**

Sealed quotations/tenders are invited from interested reputed Travel Agencies/Tour Operators or private individuals for providing 1 (One) nos of Electric vehicle having sitting capacity not more than five including driver, which shall conform to the Terms and conditions for official use in the office of the Superintending Engineer, Upper Kolab Irrigation Division, Borigumma, Dist: Koraput on monthly rent basis other necessary documents will be available in the office of the Superintending Engineer Upper Kolab Irrigation Division, Borigumma, Dist: Koraput.

1. Name of the Work : Hiring of an Electric vehicle (Tata Nexon EV, Kia Syros EV, XUV 3X0 EV etc. or equivalent) for all Sub-divisions under U.K. Irrigation Division, Borigumma for the year 2026 - 27.
2. Date & Time of Bidding : 03.10.2026 to 12.10.2026 up to 1.30 Hour.
3. Last date & time for receipt of bids in portal : 12.10.2026 up to 1.30 Hours.
4. Bids received online shall be opened on : 3.00 hours of 12.10.2026.
5. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

Addendum/corrigendum/cancellation required, if any will be published in the notice board office of the **Superintending Engineer Upper Kolab Irrigation Division, Borigumma, Dist: Koraput.**

(Er. Narendra Kumar Sitha)
Superintending Engineer,
Upper Kolab Irrigation Division,
Borigumma (K)

OIPR-32001/32482/1/26-27/0006

ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ମଣ୍ଡଳ
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଂ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନରେ ଏକ ଉଦ୍ୟୋଗ)
obcc
OFFICE OF THE GENERAL MANAGER, BALANGIR DIVISION
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
ପି.ଡବ୍ଲୁ.ଡି. କ୍ୟାମ୍ପସ, ରୁଗୁଡିପଡ଼ା, ବଲାଙ୍ଗୀର - ୭୬୭୦୦୧, ଦୂରଭାଷ: ୦୬୬୫ -୨୨୩୨୬୭୭
PWD Campus, Rugudipada, Balangir – 767001, Tel: 0665-2232677, Email: blgrdiv1@obcc.in

Letter No: 742 Date 24.09.2026
34001/921/2627
**NOTICE INVITING TENDER**

| | | |
|---|---|---|
| 01. | Number of Work | 03 (Three) Number Civil Work |
| 02. | Bid Identification No. | 02/ OBCC/ET/BGR/2026-27 |
| 03. | Approximate value of work (excl GST) | 15 to 20 Lakh |
| 04. | Date of availability of bid document in e-procurement portal | From 11.00 Hrs of 03.10.2026 |
| 05. | Last date and time of receipt of online bid | 15.10.2026 till 17.00 Hrs |
| 06. | Opening Date and time of Bid | 11.00 AM of 16.10.2026 |
| 07. | Period of Completion | 05 (FIVE) Calendar months |
| 08. | Class of Contractor | 'C' & 'D' Class Contractor |
| 09. | Address of the officer inviting Bid | S.E. (C) & General Manager, O.B. & C.C. Ltd, Balangir |

12. The Bidders have to participate in ONLINE bidding only. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
13. The undersigned has the right to accept or reject the Notice / RFP without assigning any reasons thereof.

S.E. (C) & General Manager
O.B. & C.C. Ltd., Balangir

OIPR-34001/34197/1/26-27/0002

25001/1253/2627
PHONE: OFF: (06852):251263
email: eerwkoraput@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: KORAPUT
Through GEPNIC e-Procurement Notice
Bid Identification No: SERWKPT–Online-09/2026-27

Letter No. 3224 Dtd. 26.09.2026

1 Name of the Work : Special Repair of Road Works
2 Total Numbers of Works : 15 Nos
3 Approximate Estimate Cost : Rs. 8.47 to Rs. 42.28 Lakhs (Approximately)
4 Class of Contractor : "B, C & D" Class
5 Period of Completion : 2 Month
6 Detail of Projects : As per Annexure attached
Other Details as follows :

| Procrument Officer | Bid Identification No | No. of Works | Availability of tender online bidding | | Date & Time of opening of tender in O/o the SE RW Division, Koraput |
|---|---|---|---|---|---|
| | | | From | To | |
| Superintending Engineer, R.W.Division, Koraput | SERWKPT-ONLINE-09/2026-27 | 15 (Fifteen) Nos | 01.10.2026 at 11.00 A.M | 13.10.2026 upto 5.30 P.M | 14.10.2026 at 11.00 AM |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Koraput

OIPR-25001/25088/1/26-27/0010

IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିଃ.: ଆଞ୍ଚଳିକ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ୧ମ ମହଲା, ୟୁନିଟ୍ - ୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଓଡ଼ିଶା,
CIN: L65190MH2004GOI148838
ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ତା.୦୧.୧୦.୨୦୨୬**ରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ପାଇଁ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ଦଖଲ ପ୍ରକାର |
|---|---|---|---|
| **ଋଣଗ୍ରହୀତା: ଭକ୍ତ ଭୁଷଣ ବାରିକ, ଠିକଣା-୧:** ସା: ଶିଶୁପାଳଗଡ, ଲିଙ୍ଗିପୁର, ଲିଙ୍ଗରାଜ, ଓଲ୍ଡ ଟାଉନ୍, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୨, ଠିକଣା-୨: ପ୍ଲଟ୍ ନଂ.: ୪୨୨/୫୯୭୩, ଖାତା ନଂ.: ୧୭୩୧/୧୮୨, ଗୌତମ ନଗର, ଭୁବନେଶ୍ୱର ୟୁନିଟ୍ ନଂ.: ୨୮, ଓଡ଼ିଶା - ୭୫୧୦୧୪ / **ସହ-ଋଣଗ୍ରହୀତା: ସ୍ନିଗ୍ଧା ସାମନ୍ତରାୟ,** ସା: ଶିଶୁପାଳଗଡ, ଲିଙ୍ଗିପୁର, ଲିଙ୍ଗରାଜ, ଓଲ୍ଡ ଟାଉନ୍, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୨ | ଟ.୨,୨୦,୨୮,୯୧୦/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୧୫.୦୭.୨୦୨୬ / ୦୧.୧୦.୨୦୨୬ | ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜମିର ପରିମିତ ମୋଟ କ୍ଷେତ୍ର: ଏକର ୦.୦୬୭ ଡିସିମିଲି, ରେକର୍ଡ ଅନୁଯାୟୀ ଖାତା ନଂ.: ୧୭୩୧/୨୪୪, ପ୍ଲଟ୍ ନଂ.: ୪୨୨/୫୯୭୩, କିସମ: ଘରବାରୀ-୨ (ହୋମଷ୍ଟେଡ) ଯାହାର ପୂର୍ବବର୍ତ୍ତୀ ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୧୭୩୧/୧୮୨, ପ୍ଲଟ୍ ନଂ.: ୪୨୨/୫୯୭୩, ଯାହାର ପରବର୍ତ୍ତୀ ଅନୁରୂପ ବନ୍ଦୋବସ୍ତ ଖାତା ନଂ.: ୧୦୪୫, ପ୍ଲଟ୍ ନଂ.: ୪୨୨, ଗ୍ରାମ/ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୨୮, ଗୌତମ ନଗର, ଥାନା: ଭୁବନେଶ୍ୱର, ଥାନା ନଂ.: ୬୫ଏ, ଡିଷ୍ଟ୍ରିକ୍ଟ ସବ୍ ରେଜିଷ୍ଟ୍ରାର: ଭୁବନେଶ୍ୱର ଅଧିନ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା ଏବଂ ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୨୫/୫୨୯୨, ଦକ୍ଷିଣ: ପ୍ଲଟ୍ ନଂ.: ୪୨୨/୫୯୭୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୪୨୨/୫୯୭୨ ସହିତ ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ଏବଂ ଏକକ ଷ୍ଟ୍ରକଚର୍ ଏବଂ ସେଠାରେ ଥିବା ଇରେକ୍‌ସନ୍ / ସାଙ୍କେତିକ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରଦ୍ୟୁତ କୁମାର ଲେଙ୍କା,** ପିତା: ଜୟନାରାୟଣ ଲେଙ୍କା, ଠିକଣା-୧: ପ୍ଲଟ୍ ନଂ.: ୧୯, କସ୍‌ମୋ ଇଷ୍ଟେଟ୍, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୩, ଠିକଣା-୨: ଡୁପ୍ଲେକ୍ସ ନଂ.: ୧୫, ସ୍ୱସ୍ତୀ ଗାର୍ଡେନ୍, ସା: ଜଗନ୍ନାଥପୁର, ପୋ: ବାଲିଅନ୍ତା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୦, ଠିକଣା-୩: ଗ୍ରାମ: ନରହରିପୁର, ରେମୁଣା, ଥାନା: ଇଣ୍ଡଷ୍ଟ୍ରିଆଲ ପୋଲିସ୍ ଷ୍ଟେସନ୍, ଜିଲ୍ଲା: ବାଲେଶ୍ୱର, ପିନ୍ - ୭୫୬୦୧୯, **୨) ଶ୍ରୀମତୀ ସୁଚିସ୍ମିତା ଲେଙ୍କା,** ପ୍ଲଟ୍ ନଂ.: ୧୯, କସ୍‌ମୋ ଇଷ୍ଟେଟ୍, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୩, ଠିକଣା-୨: ଡୁପ୍ଲେକ୍ସ ନଂ.: ୧୫, ସ୍ୱସ୍ତୀ ଗାର୍ଡେନ୍, ସା: ଜଗନ୍ନାଥପୁର, ପୋ: ବାଲିଅନ୍ତା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୦ | ଟ.୧୪,୫୫,୫୦୫.୭୨ + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୨୫.୦୬.୨୦୨୬ / ୦୧.୧୦.୨୦୨୬ | "ସ୍ୱସ୍ତୀ ଗାର୍ଡେନ" ନାମକ ଡୁପ୍ଲେକ୍ସର ସବ୍-ପ୍ଲଟ୍ (ଡୁପ୍ଲେକ୍ସ) ଭାବେ ଚିହ୍ନଟ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ନଂ.: ୧୫, ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ହାଲ ତହସିଲ: ବାଲିଅନ୍ତା, ଥାନା: ବାଲିଅନ୍ତା, ଥାନା ନଂ.: ୧୦, ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ମୌଜା: ଜଗନ୍ନାଥପୁର, ଖତିୟାନ ନଂ.: ୫୩୨/୯୦୩, ଅନୁରୂପ ପୁରୁଣା ଏଲ୍.ଆର୍ ଖତିୟାନ ନଂ.: ୫୩୨/୨୮୪, ପ୍ଲଟ୍ ନଂ.: ୨୧୧୧/୨୭୧୮, ସ୍ୱତଃ: ସ୍ଥିତିବାନ, କ୍ଷେତ୍ର: ଏକର ୧.୪୪୦ ଡିସିମିଲିରୁ ଏକର ୦.୦୩୫.୧୨ ଡିସିମିଲି (୧୫୩୦ ବର୍ଗଫୁଟ), ରାଜ୍ୟ: ଓଡ଼ିଶା, ପିନ୍ - ୭୫୨୧୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଲ୍ଡିଂ, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ବିଲ୍ଡିଂ ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଭୂ-ସଂଲଗ୍ନ ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ / ସାଙ୍କେତିକ |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୦.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-CRW-MCS-EL-10-2026
କାର୍ଯ୍ୟର ନାମ : 36 ମାସ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ DG ସେଟ୍ ଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି।
ବିଜ୍ଞାପିତ ମୂଲ୍ୟ : ₹ 32,76,448.61, EMD : ₹ 65,500/-, ଶେଷ ହେବା ଅବଧି: 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.05.10.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.10.2026ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସହାୟକ ଇଲେକ୍ଟ୍ରିକାଲ ଇଂଜିନିୟର/ CRW/ମଞ୍ଚେଶ୍ୱର
PR-472/R/26-27

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no.659 dtd. 01.10.2026, I, Raghu Bishi, S/o- Ganesh Bishi resident of Bahalpali, Po.- Dekulba, Ps./Tah- Bheden, Dist.- Bargarh state that, my acutal and correct name is Raghu Bishi but, in my Aadhar card no. 7633 2246 9298 my name has been wrongly mentioned as Raghunath Bishi. That, **Raghunath Bishi** and **Raghu Bishi** is one and same person and I shall be known as **Raghu Bishi** for all future purposes.

**AFFIDAVIT**

By virtue of an affidavit no. 17 before the Executive Magistrate, Bhubaneswar, dtd.01.10.2026 I, Saktipada Chakrabartty, S/o Biswanath Chakrabartty, At- Kabirpur, P.O.-Sahasapura, P.S.- Anantapur, Dist.-Baleswar hereby declare that I have changed my name from Shakti Kumar Gupta Sharma to Saktipada Chakrabartty. Henceforth, I shall be known as **Saktipada Chakrabartty** for all purposes.

Sd/- Saktipada Chakrabartty

**AFFIDAVIT**

I, CHANDU KUKREJA, aged about 44 years S/O- Mangal Das Lool, Y-304,Royal Green Appartment, Po-Balangir, Sub Dist- Belpara, DIST-Balangir, Pin-767001, ODISHA, declared by this Affidavit No. No.1019/2026, Dated. 23.09.2026, That now onwards I shall Be Known as **CHANDU LAL LOOL** for all future Purposes.

**AFFIDAVIT**

I, KANAN NAYAK, aged about 49 years W/o- Prabhudan Nayak, Plot No-278/474, Damana, Near Damana Highschool, Ps- Chandrasekharpur, Bhubaneswar, Dist-Khordha-751016, ODISHA, declared by this Affidavit No. No.10, Dated.11.10.2025, That now onwards I shall Be Known as **KANANBALA NAYAK** for all future Purposes

**AFFIDAVIT**

By virtue of an affidavit no. 357 before the Executive Magistrate, Tentulikhunti, dtd. 29.07.2025, I, LAXMAN GOUDA, Vill. Banglaguda, P.S. Khatiguda, Dist. Nabarangpur, declare that my daughter's actual name is HEMO MANI GOUDA, but in Aadhaar Card her name has been incorrectly entered as HIRAMANI GOUDA. That HEMO MANI GOUDA and HIRAMANI GOUDA are one and the same person. Henceforth she shall be known as HEMO MANI GOUDA for all purposes.

Sd/- LAXMAN GOUDA

**AFFIDAVIT**

By virtue of an affidavit no 12543, sworn before the executive magistrate Jajpur on dtd 28/09/2026. I, Prafulla Kumar Jena, S/o-Biswanath Jena, permanent resident of Vill/P.o- Ranapur, P.s- Binjharpur, Dist- Jajpur, Odisha Pin -755012 declared that I have changed my minor daughter's name from SUBHALAXMI JENA(Old Name)to SARADA JENA(New Name) Henceforth she shall bi known as **SARADA JENA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Pattamundai, vide affidavit No- 15, date- 21- 08- 2026, I Subrat Mallick,S/O- Parshuram Mallick, Vill./P.O.- Kasananta, P.S.- Pattamundai, Dist. -Kendrapara. State-Odisha, PIN- 754215, declare that,I have changed my minor daughter's name from B K Ruhiprakash to Kumari Ruhiprakash. Henceforth, she shall be known as **Kumari Ruhiprakash** for all purposes.

S/d- Subrat Mallick.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dtd. 23-09-2026. JYOTIRMAYEE BAIRIGANJAN Wife of DILLIP KUMAR BAIRIGANJAN, Indian Navy, Regimental No: 187297-A, Rank- MCSWA-II, resident of Vill/ Po- Chhanagiri, PS-Jankia, Dist- Khurda, Odisha, PIN-752020, presently residing in Flat No 402, Sri Sai Ram Residency, FCI Colony, Post- Marripalem, Dist- Visakhapatnam, AP- Pin-530018, declare that I have changed my name from JYOTI BAIRIGANJAN to JYOTIRMAYEE BAIRIGANJAN and DOB from 21-09-1973 to 21-06-1973. Henceforth, I shall be known as JYOTIRMAYEE BAIRIGANJAN for all purposes with my changed name and corrected date of birth.

(JYOTIRMAYEE BAIRGANJAN)

# ବିଜେପୁରରେ ମା' କନକ ଦୁର୍ଗାଙ୍କ ଝାମୁଯାତ୍ରା

**ଲାଞ୍ଜିଗଡ଼, ୧।୧୦(ସମିସ):** ଲାଞ୍ଜିଗଡ଼ ବ୍ଲକର ବିଜେପୁରଠାରେ ଜଗତଜନନୀ ମାଁ କନକ ଦୁର୍ଗାଙ୍କ ପ୍ରସିଦ୍ଧ ଝାମୁଯାତ ଅନୁଷ୍ଠିତ ହୋଇଯାଇଛି। ମାଁଙ୍କ ଏହି ପ୍ରସିଦ୍ଧ ଯାତ୍ରାକୁ ନେଇ ବିଜେପୁର ସମେତ ଆଖପାଖ ଅଞ୍ଚଳରେ ଦିନତମାମ ଭକ୍ତିମୟ ପରିବେଶ ଲାଗିରହିଥିଲା। ମାଁ କନକ ଦୁର୍ଗାଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରା ଅବସରରେ ମାଁ କନକ ଦୁର୍ଗାଙ୍କ ପୂଜାର୍ଚ୍ଚନା ନିର୍ଦ୍ଧାରିତ ପରମ୍ପରା ଓ ବିଧିବିଧାନ ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମାଁଙ୍କ ଦର୍ଶନ ପାଇଁ ଭକ୍ତମାନେ ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ଯାତ୍ରା ଅବସରରେ ମନ୍ଦିର ପରିସର ଓ ଏହାର ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା। ପାର୍ବତୀ ପୁଝାରୀ, ଚନ୍ଦ୍ରଶେଖର ବାହୁକ, ପବିତ୍ର ବାହୁକ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଝାମୁଯାତ୍ରକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ବିଜେପୁର ପୋଲିସ ଓ ଆୟୋଜକ ମାଁ କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ସଭାପତି ପରୀକ୍ଷିତ ନାଏକଙ୍କ ନେତୃତ୍ୱରେ ବରୁଣ ନାଏକ, ରାଜେଶ ନାଏକ, ଟିକା ମାଝୀ, ରଞ୍ଜିତ ନାଏକ, ଜଗତ ନାଏକ, କାର୍ତ୍ତିକ ନାଏକ, ପ୍ରହ୍ଲାଦ ବାଗ, ପୂର୍ଣ୍ଣଚନ୍ଦ୍ର ପ୍ରଧାନୀ, ଟୁନା ରାଉତ, ଜଳନ୍ଧର ଧଙ୍ଗଡ଼ାମାଝୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



## ସମସ୍ୟା ସାଜିଲା ମୋଡିଫାଏଡ୍ ସାଇଲେନ୍ସର

# ଟାଉନ୍ ଥାନା ପୁଲିସର ଚଢ଼ଉ; ୭ ବାଇକ୍ ଜବତ, ୮୦ ହଜାର ଟଙ୍କା ଜରିମାନା

**ଭବାନୀପାଟଣା, ୧।୧୦(ସମିସ)**

ଭବାନୀପାଟଣା ସହରରେ ବଢୁଥିବା ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଏବଂ ମୋଟର ଯାନ ଆଇନର କଡ଼ାକଡ଼ି ପାଳନ ଲକ୍ଷ୍ୟରେ ଟାଉନ୍ ଥାନା ପୁଲିସ ପକ୍ଷରୁ ଚଢ଼ଉ ଅଭିଯାନ ଆରମ୍ଭ କରାଯାଇଥିଲା। ଗାଡ଼ିରେ କମ୍ପାନୀ ସାଇଲେନ୍ସର କାଢ଼ି ବେଆଇନ ଭାବେ ମୋଡିଫାଏଡ୍ ସାଇଲେନ୍ସର ଲଗାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାହନ ଚାଳକଙ୍କ ଉପରେ ପୁଲିସ କଡ଼ା ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବୁଧବାର ଏହି ସ୍ୱତନ୍ତ୍ର ଜାଞ୍ଚ ଅଭିଯାନ ସମୟରେ ଟାଉନ୍ ଥାନା ପୁଲିସ ଟିମ୍ ସହରର ବିଭିନ୍ନ ପ୍ରମୁଖ ଛକରେ ଯାଞ୍ଚ କ୍ରିୟା କଡ଼ାକଡ଼ି କରିଥିଲେ। ପ୍ରଚଣ୍ଡ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ୭ଟି ଦୁଇଚକିଆ ଯାନ (ବିଶେଷକରି ବୁଲେଟ୍ ଓ ସ୍ପୋର୍ଟସ୍ ବାଇକ୍)କୁ ଜବତ କରିଛି। ଏହାସହ ନିୟମ ଭଙ୍ଗକାରୀଙ୍କ ବିରୋଧରେ ମୋଟର ଯାନ ଆଇନ୍ ଅନୁଯାୟୀ ଚାଲାଣ କାଟି ମୋଟ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବରିଷ୍ଠ ନାଗରିକ, ରୋଗୀ ଓ ପରୀକ୍ଷାର୍ଥୀଙ୍କୁ ଶବ୍ଦ ପ୍ରଦୂଷଣଜନିତ ସମସ୍ୟାରୁ ମୁକ୍ତି ଦେବା ପାଇଁ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ କଡ଼ାକଡ଼ି ଭାବେ ଜାରି ରହିବ ବୋଲି ପୁଲିସ ସୂଚନା ଦେଇଛି।




# ପୂର୍ବତନ ବ୍ଲକ୍ ବିଜେଡି ସଭାପତିଙ୍କ ପରଲୋକ



**କଲମପୁର, ୧।୧୦(ସମିସ):** ପୂର୍ବତନ ବିଜୁ ଜନତାଦଳର କଲମପୁର ବ୍ଲକ ସଭାପତି ପ୍ରଦୀପ କୁମାର ବେହେରା (୫୧)ଙ୍କ ଗତକାଲି ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜନ୍ମସ୍ଥାନ କଲମପୁର ବ୍ଲକ ଅନ୍ତର୍ଗତ ମଣ୍ଡଳ ଶ୍ମଶାନରେ ଶବ ସତ୍କାର କରାଯାଇଥିବାବେଳେ ତାଙ୍କ ଅନ୍ତିମ ଦର୍ଶନ ନିମନ୍ତେ ବିପୁଳ ଜନ ସମାଗମ ହୋଇଥିଲା।

# କୋଟିପଦରରେ ମିଳିତ ମକ୍ ଡ୍ରିଲ୍

**ଖଡ଼ିଆଳ, ୧।୧୦(ସମିସ):** ଖଡ଼ିଆଳ ବ୍ଲକ ଅଧୀନ କୋଟିପଦର ଗାଁରେ ମଙ୍ଗଳବାର ଚାରିଟି ବିଭାଗର ମିଳିତ ଆନୁକୂଲ୍ୟରେ ଏକ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍ ଡ୍ରିଲ୍‌ରେ ଖଡ଼ିଆଳ ବନଖଣ୍ଡ ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଖଡ଼ିଆଳ ପୁଲିସ, ପ୍ରାଣୀ ସମ୍ପଦ ବିଭାଗ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶେଷକରି ହିଂସ୍ର ବନ୍ୟପ୍ରାଣୀ ଉଦ୍ଧାର ସମୟରେ କିପରି ସଜାଗ ଓ ସତର୍କତାର ସହ ପଦକ୍ଷେପ ନିଆଯିବ, ସେନେଇ ବିଭାଗୀୟ ଅଧିକାରୀମାନେ ମକ୍ ଡ୍ରିଲ୍ ମାଧ୍ୟମରେ ପ୍ରାୟୋଗିକ ଭାବେ ପ୍ରଦର୍ଶନ କରିଥିଲେ। ବନ୍ୟପ୍ରାଣୀ ଉଦ୍ଧାର ସମୟରେ ଅଯଥା ଭିଡ଼ ନକରିବା, ବନ୍ୟପ୍ରାଣୀଙ୍କୁ ଉତ୍ତେଜିତ ନକରିବା ଏବଂ ଉଦ୍ଧାରକାରୀ ବିଭାଗୀୟ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

# ଧର୍ମଗଡ଼ ବ୍ଲକ୍‌ରେ ୮ ନୂତନ ସିଆରସିଙ୍କ ଦାୟିତ୍ୱ ଗ୍ରହଣ

**ଧର୍ମଗଡ଼, ୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଧର୍ମଗଡ଼ ବ୍ଲକ ଅଧୀନ ୧୩ଟି ଆଞ୍ଚଳିକ ସାଧନ କେନ୍ଦ୍ର (ସିଆରସି) ସଂଯୋଜକ ପଦ ମଧ୍ୟରୁ ଆଜି ୮ ଜଣ ନୂତନ ସିଆରସି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅରୁପାନନ୍ଦ ଭୋଇ ଓ ବିଶ୍ୱଜିତ ବେହେରା ନୂତନ ସିଆରସିମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଛଞ୍ଚାଣବାହାଲି କ୍ଲଷ୍ଟର ପାଇଁ ଆଶିଷ ପ୍ରଧାନୀ, ଜୟନ୍ତପୁର ପାଇଁ ଆଶିଷ ବେହେରା, ବେହେରା କ୍ଲଷ୍ଟର ପାଇଁ ବିକ୍ରମ ପ୍ରଧାନ, ଇଚ୍ଛାପୁର ପାଇଁ ବିଦ୍ୟାଧର ଶବର, କାସିବାହାଲ ପାଇଁ ମୃତ୍ୟୁଞ୍ଜୟ ରାଉତ, ବ୍ରାହ୍ମଣଛେଣ୍ଡିଆ ପାଇଁ ବିମଳ କୁମାର ଧଙ୍ଗଡ଼ାମାଝୀ, ଗତାଗୁଡ଼ା ପାଇଁ ବ୍ୟାସଦେବ ସାହୁ ଏବଂ ଖୁଟୁଲୁଗୁଡ଼ା କ୍ଲଷ୍ଟର ପାଇଁ ନୟନ ରଞ୍ଜନ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଡୁକ୍ରିବୁଢ଼ୀ କୃଷି ଉତ୍ପାଦକ କମ୍ପାନୀର ଷଷ୍ଠବାର୍ଷିକ ସାଧାରଣ ସଭା

**ଖଡ଼ିଆଳ, ୧।୧୦(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଲୋକଦୃଷ୍ଟି ମହାବିଦ୍ୟାଳୟ ପରିସରରେ ଡୁକ୍ରିବୁଢ଼ୀ କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ୍‌ର ଆର୍ଥିକ ବର୍ଷ ୨୦୨୫-୨୬ର ଷଷ୍ଠ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସଭାପତି ଇନ୍ଦୁମତୀ ହାତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଖଡ଼ିଆଳ ଓ ବୋଡ଼େନ ବ୍ଲକର ୮୦ଟି ଗ୍ରାମରୁ କମ୍ପାନୀର ଅଂଶୀଦାର ଓ ବୋର୍ଡ ଅଫ୍ ଡାଇରେକ୍ଟର୍ସ (ବିଓଡି) ସଦସ୍ୟମାନେ ଯୋଗଦେଇଥିଲେ। ବିଓଡି ସଦସ୍ୟ ବୈଦେହୀ ମାଝୀ, କମଳା ଜଗତ, ଶୁଭାଙ୍ଗିନୀ ପୋଡ଼ ଓ ଜୟନ୍ତୀ ଦଳ ଉପସ୍ଥିତ ଥିଲେ। ଆକାଉଣ୍ଟାଣ୍ଟ ତାପସ ରଞ୍ଜନ ଭୋଇ କମ୍ପାନୀର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଏସ୍‌ଏମ୍‌ଏସ୍ ବିଜୟ ରାଜ ତାଣ୍ଡି ବାର୍ଷିକ ଆୟବ୍ୟୟ ବିବରଣୀ ଅଂଶୀଦାରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ୮ ଜଣ ସର୍ବୋତ୍ତମ କୃଷକ, ୨ ଜଣ ସର୍ବୋତ୍ତମ ସିଆର୍‌ପି, ୨ ଜଣ ଉଦ୍ୟୋଗ ମିତ୍ର, ୨ ଜଣ ଏଇ ଓ ୬ ଜଣ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅଂଶୀଦାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଉପସ୍ଥାପନ କରିଥିଲେ। ସଭାକୁ ଭୁବନେଶ୍ୱର ରାଉତ ଓ ହିମାଂଶୁ କୁମାର ପଣ୍ଡା ପରିଚାଳନା କରିଥିଲେ। ତୁଲାରାମ ହାତୀ, ରୂପଦ୍ କାଣ୍ଡ, ଧରମ ସିଂ ମାଝୀ, ଜୟ ସିଂ ବନ୍ଦିଛୋର, ଜୟ ଗହିର, ଜଗମୋହନ ନାଗ, ରୋହିତ ସାଗର, ଅଭିନାଶ ବାଗ, ପ୍ରେମଚାନ୍ଦ ମାଝୀ, ତିଲ ନନ୍ଦ, ଯଶୋଦା ସଲମା, ହରିସେନ ପୋଡ଼, ଉଦେ ଅଦା ଓ କ୍ଷୀରଧର ହଂସ ପ୍ରମୁଖ ସହଯୋଗ କରିଥିଲେ।

# ଧୋଇଗଲା ନୂଆପଡ଼ା-କଲୋନୀପଡ଼ା ରାସ୍ତା; ଗମନାଗମନ ଠପ୍



**କୋକସରା, ୧।୧୦(ସମିସ):** ଗତ କିଛି ଦିନ ତଳେ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷା କୋକସରା ବ୍ଲକରେ ବ୍ୟାପକ କ୍ଷତି ଘଟାଇଛି। ଏହାର ଏକ ବଡ଼ ପ୍ରଭାବ ଖଲିଗଡ଼ ଗ୍ରାମରେ ଦେଖିବାକୁ ମିଳିଛି। ବର୍ଷାର ପ୍ରଖର ସ୍ରୋତରେ ଗ୍ରାମର ନୂଆପଡ଼ା ଓ କଲୋନୀପଡ଼ାକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇଯାଇଛି। ଏବଂ ରାସ୍ତା ଦୁଇ ଭାଗ ହୋଇ ବିରାଟ ବଡ ଘାଇ ସୃଷ୍ଟି ହୋଇଛି। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ରାସ୍ତା ଧୋଇଯିବା କାରଣରୁ ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି ଶିଶୁ ଏବଂ ସାଧାରଣ ଲୋକେ ଯିବାଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କୌଣସି ଜରୁରୀକାଳୀନ ପରିସ୍ଥିତିରେ ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଯାନବାହନ ପ୍ରବେଶ କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ଲୋକଙ୍କ ଏହି ଦୁର୍ଦ୍ଦଶା ଦିନକୁ ଦିନ ବଢୁଥିବାରୁ, ପ୍ରଶାସନ ପକ୍ଷରୁ ଆଉ ବିଳମ୍ବ ନ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରାଯାଉ ବୋଲି ଗ୍ରାମର ବିରେନ କନ୍ଧ, ପଦ୍ମନ ଚଲାନ, ବନୁ ମାଝୀ, ସୁକ ଛତ୍ରିଆ, ଧନେଶ୍ୱର ମାଝୀ, ଦୁର୍ଯନ ନାଏକ, ଦୁର୍ଯ୍ୟୋଧନ ଧଙ୍ଗଡ଼ାମାଝୀ ସମେତ ଗ୍ରାମବାସୀ ମାନେ ଦୃଢ଼ ଦାବି କରିଛନ୍ତି।

# କଲମପୁରରେ ପୁଣି ଜଳ ଯୋଗାଣ ଠପ୍

**କଲମପୁର, ୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ଏକ ପ୍ରକାର ଦୁର୍ବିସହ ହୋଇ ପଡ଼ିଛି। ଫଳରେ ଜନ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ଅଗଷ୍ଟ ମାସରେ ୧୫ଦିନ ପାଇପ ପାଣି ଯୋଗାଣ ହୋଇ ପାରି ନ ଥିଲା, ଜନ ସାଧାରଣ ସମେତ ନିର୍ବାଚିତ ଜନ ପ୍ରତିନିଧି ମାନେ ଏନେଇ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଏସବୁ ଅଭିଯୋଗକୁ ଭ୍ରୂକ୍ଷେପ କରି ନଥିଲେ। ଶେଷରେ ନିର୍ବାଚିତ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଏହାକୁ ସଜଡା ଯାଇ କଲମପୁର ସଦରମହକୁମାରେ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା। ଏବେ ପୁଣି ତାର ପୁନରାବୃତ୍ତି ଘଟିଛି। ଗତ ଲଗାଣ ବର୍ଷା ପରେ ପରେ ପାଇପ ପାଣି ଯୋଗାଣ ଠପ ହୋଇପଡ଼ିଛି। ଏନେଇ ଗ୍ରାମବାସୀମାନେ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ପାଇ ପାରିନାହାନ୍ତି। ପଞ୍ଚାୟତ କର୍ମକର୍ତ୍ତା ମାନେ କାହିଁକି ଜଳ ଯୋଗାଣ ଠପ ହୋଇଛି ସେନେଇ କିଛି ଜାଣିନଥିବା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ଜଳ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ଦୁର୍ଯ୍ୟୋଧନ ଖଟୁଆ ଫୋନ ନ ଉଠାଇ ପ୍ରସଙ୍ଗକୁ ଆଡେଇ ଯାଇଥିବା ବେଳେ ଅନ୍ୟ କର୍ମଚାରୀ ମାନେ କୌଣସି ଯାନ୍ତ୍ରିକ ତ୍ରୁଟି ଜଣା ପଡ଼ିନଥିବା ପ୍ରକାଶ କରିଛନ୍ତି। ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କୁ ପଚାରିବାରୁ ଶୀଘ୍ର ଜଳ ଯୋଗାଣ ବ୍ୟବସ୍ଥା କରାହେବ ବୋଲି କହିଥିଲେ।

# ରାଣୀମୁଣ୍ଡା ପଞ୍ଚାୟତରେ ମନରେଗା କାମରେ ଅନିୟମିତତା ଅଭିଯୋଗ

**ନୂଆପଡ଼ା, ୧।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ରାଣିମୁଣ୍ଡା ପଞ୍ଚାୟତ ମହେଶ୍ୱର ଗ୍ରାମରେ ହୋଇଥିବା ମନରେଗା କାମରେ ଅନିୟମିତତା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସିନାପାଲି ବ୍ଲକ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗତ ସୋମବାର ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ମହେଶ୍ୱର ଗ୍ରାମରେ ଗତ ୨୦୨୫/୨୬ ମସିହାରେ ମନରେଗା କାମରେ ମହାଦୁର୍ନିତୀ ହୋଇଥିବାବେଳେ କାମ କରିନ ଥିବା ବ୍ୟକ୍ତିଙ୍କ ନାମରେ ମିଥ୍ୟା ମାଷ୍ଟରରୋଲ ବାହାର କରି ମନରେଗା ପାଉଣା ଟଙ୍କା ଉଠାଣ କରି ଟଙ୍କା ସ୍ଥାନୀୟ ପଞ୍ଚାୟତ ପ୍ରଶାସନ ଆତ୍ମସାତ କରୁଥିବା ବେଳେ କାମ କରିଥିବା ଲୋକେ ଉଚିତ୍ ପାଉଣା ପାଇ ପାରୁ ନାହାନ୍ତି। ଏହି ମନରେଗା କାମରେ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ ମିଳିମିଶି ଦୁର୍ନିତୀ କରୁଥିବା ଜିଲ୍ଲାପାଳଙ୍କ ଠାରେ ମଦନଲାଲ ତାଣ୍ଡି ଅଭିଯୋଗ କରି ତଦନ୍ତ କରିବାକୁ ଦାବି କରିଛନ୍ତି। ପ୍ରାପ୍ତ ଖବର ଅନୁସାରେ ମହେଶ୍ୱର ଗ୍ରାମ ମହାବନ୍ଧ ଓ ଘନିବନ୍ଧ ମନରେଗା କାମରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗକାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ରାଣିମୁଣ୍ଡା ସରପଞ୍ଚଙ୍କୁ ପଚାରିବାରୁ ସେଭଳି କୌଣସି ଦୁର୍ନିତୀ ହୋଇନାହିଁ। ଯେଉଁମାନେ କାମ କରିଛନ୍ତି ତାଙ୍କ ଏକାଉଣ୍ଟ ରେ ପାଉଣା ଟଙ୍କା ପଡ଼ିଛି ବୋଲି କହିଛନ୍ତି। ଏହାର ସତ୍ୟାସତ୍ୟ କ'ଣ ସେନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସାଲିହାଗଡ଼ ସ୍ମୃତି ପୀଠରେ କ୍ରାନ୍ତି ଦିବସ

**ନୂଆପଡ଼ା, ୧।୧୦(ସମିସ):** ସାଲିହାଗଡ଼ ସହିଦ ସ୍ମୃତି ପରିଷଦ ଓ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସାଲିହାଗଡ଼ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ସଶସ୍ତ୍ର ଆଦିବାସୀ ଅଞ୍ଚଳର ଜନସାଧାରଣ, ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ ସାମିଲ ରହି ବୀର ସହିଦଙ୍କ ସ୍ମୃତିଚାରଣ କରିଥିଲେ। ନୂଆପଡ଼ା ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୬କିମି ଦୁର ସାଲିହା ପଞ୍ଚାୟତରେ ରହିଛି ସାଲିହା ସ୍ମୃତି ସ୍ତମ୍ଭ। ସୂଚନାଥାଉକି ୧୯୩୦ ମସିହା ଆଜିର ଦିନରେ ଅ ଳର ନିରିହ ଅଧିବାସି ଙ୍କ ଉପରେ ଇଂରେଜ ସରକାର ଗୁଳିଚଳାଇଥିଲେ। ଏଥିରେ କିଛି ସାଧୀନତା ସଂଗ୍ରାମୀ ସହିଦ ହୋଇଥିବାବେଳେ କିଛି ରାୟପୁର ଜେଲରେ ପ୍ରାଣତ୍ୟାଗ କରିଥିଲେ। ଏଣୁ ପ୍ରତି ବର୍ଷ ସେପ୍ଟେମ୍ବର ୩୦ ତାରିଖ ଦିନ ସାଲିହା ସ୍ମୃତି ପରିଷଦ ପକ୍ଷରୁ ସାଲିହା ଗଡରେ ସାଲିହା କ୍ରାନ୍ତିଦିବସ ପାଳନ କରାଯାଏ। ସାଲିହା ସ୍ମୃତି ପରିଷଦର ସଭାପତି ଖାମସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଧାରଣ ସଭାର ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ସତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଙ୍କ ହୋମସିଂ ମାଝୀ, ନୂଆପଡ଼ା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନୂଆପଡ଼ା ସଦର ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିରମଲକର, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଡ. ସୋନିଆ ଜୈନ, ସାଲିହା ସରପଞ୍ଚ ଶମ୍ଭୁ ପ୍ରଶାଦ ସାହୁ, ସିଆରପିଏଫ ୨୧୬ ବଟାଲିଅନ କମା। ହଂସରାଜ, ପୂର୍ବତନ ସାଂସଦ ଚୁନ୍ନିଲାଲ ସାହୁ, ସାଲିହା ସ୍ମୃତି ପରିଷଦ ଅଧ୍ୟକ୍ଷ ଖାମସିଂ ମାଝୀ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ସ୍କୁଲରେ ତାଲା

**ଧର୍ମଗଡ଼, ୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ସର୍ଗିଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଆଜି ଏକ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦୀର୍ଘଦିନର ଅନୁପସ୍ଥିତି, ସରକାରୀ ପାଣ୍ଠିର ଅପବ୍ୟବହାର ଓ ମନମୁଖୀ କାର୍ଯ୍ୟକଳାପ ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି, ଅଭିଭାବକ ଏବଂ ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଫାଟକରେ ତାଲାପକାଇ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ପ୍ରଧାନଶିକ୍ଷକ ଦୀର୍ଘମାସ ଧରି ବିଦ୍ୟାଳୟକୁ ନିୟମିତ ଆସୁନାହାନ୍ତି। ସେ କେବଳ ଉପସ୍ଥାନ ଖାତାରେ ଦସ୍ତଖତ କରି ଅଫିସ କାର୍ଯ୍ୟର ବାହାନା ଦେଖାଇ ନିଜ ମନଇଚ୍ଛା ଛୁଟି ନେଇ ଚାଲିଯାଉଛନ୍ତି। ଏହି ବିଦ୍ୟାଳୟରେ ବାଟିକାରୁ ନବମଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ମୋଟ ୧୫୧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ସମେତ ୫ ଜଣ ସହ ଶିକ୍ଷକ ଅଛନ୍ତି। ମାତ୍ର ପ୍ରଧାନଶିକ୍ଷକଙ୍କ ଏଭଳି ଦାୟିତ୍ୱହୀନତା ଯୋଗୁଁ ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ଏହା ସହିତ ସ୍କୁଲରେ ପଢୁଥିବା ଗରିବ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ପୋଷାକ ବଣ୍ଟନ ଏବଂ ମଧ୍ୟାହ୍ନଭୋଜନ ଯୋଗାଇବାରେ ମଧ୍ୟ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଜି ବାଧହୋଇ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଆନ୍ଦୋଳନର ପନ୍ଥା ଆପଣାଇଥିଲେ। ସ୍କୁଲରେ ତାଲା ବନ୍ଦ ଖବର ପାଇ ବିଇଓ ରାଜେଶ କୁମାର ନାଏକ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ବିଦ୍ୟାଳୟକୁ ଖୁବ୍ ଶୀଘ୍ର ଆଉ ଜଣେ ଦକ୍ଷ ସହ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ବିଇଓ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ବିଇଓଙ୍କ ଏହି ଆଶ୍ୱାସନା ପରେ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଦୀର୍ଘ ସମୟଧରି ଚାଲିଥିବା ନିଜର ଆନ୍ଦୋଳନକୁ ପ୍ରତ୍ୟାହୃତ କରିଥିଲେ।

# ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ ମିତ୍ର ସୁରକ୍ଷା ଶିବିର

**ନୂଆପଡ଼ା, ୧।୧୦(ସମିସ):** ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ବିଆରସି ପୁଣ୍ଡରୀକାକ୍ଷ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସିନାପାଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ପରିଡ଼ା, ଗୋଷ୍ଠୀ ଚିକିତ୍ସାଧିକାରୀ ଶ୍ରୀମାନ ସାହୁ ପ୍ରମୁଖଙ୍କ ସମେତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ସିନାପାଲି ବ୍ଲକ ଅଧୀନ ସମସ୍ତ ପରିମଳ କର୍ମୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୬୨ ଜଣ ପରିମଳ କର୍ମୀଙ୍କ ସମେତ ୨୨ଜଣ ପରିମଳ ଦୂତ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତଚାପ ଓ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା।

# ରିଜ୍ୟୁମ୍ ଓ ଇଣ୍ଟରଭ୍ୟୁ କୌଶଳ ଉପରେ କର୍ମଶାଳା

**ଖଡ଼ିଆଳ, ୧।୧୦(ସମିସ):** ସ୍ଥାନୀୟ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଶକ୍ତିଶ୍ରୀ ଏମ୍ପାୱରମେଣ୍ଟ ସେଲ୍‌ଫ ପକ୍ଷରୁ 'ରିଜ୍ୟୁମ୍ ବିଲ୍ଡିଙ୍ଗ୍ ଏବଂ ଇଣ୍ଟରଭ୍ୟୁ ସ୍କିଲ୍ସ' ଉପରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ କର୍ମଶାଳାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ଭବିଷ୍ୟତ କ୍ୟାରିୟର ପାଇଁ ପେସାଦାର ଦକ୍ଷତା, ଆତବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ସହକାରୀ ପ୍ରଫେସର ବାସନ୍ତୀ କୁଜୁର ଛାତ୍ରୀମାନଙ୍କୁ ଆତବିଶ୍ୱାସ, ଯୋଗାଯୋଗ କୌଶଳ ଓ ବ୍ୟକ୍ତିଗତ ବିକାଶ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ.ପ୍ରହ୍ଲାଦ ମାଝୀ ରିଜ୍ୟୁମ ପ୍ରସ୍ତୁତି, ଇଣ୍ଟରଭ୍ୟୁ କୌଶଳ, ଇଣ୍ଟରଭ୍ୟୁ ଶିଷ୍ଟାଚାର ଓ ପେସାଦାର ଉପସ୍ଥାପନା ସମ୍ପର୍କରେ ବ୍ୟବହାରିକ ମାର୍ଗଦର୍ଶନ ଦେଇଥିଲେ। ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ପ୍ରୀତିସ୍ୱପ୍ନା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶକ୍ତିଶ୍ରୀ ସଂଯୋଜିକା ସୁଶାନ୍ତା ସିଂହ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ମାଦଲପଖାନ ଗାଁ

# ପାନୀୟଜଳ, ରାସ୍ତା ଓ ଶିକ୍ଷା ଅପହଞ୍ଚ

**ନୂଆପଡ଼ା, ୧।୧୦(ସମିସ)**

ସରକାରୀସ୍ତରରେ ଜନସାଧାରଣଙ୍କ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଗାଁରୁ ସହର ପର୍ଯ୍ୟନ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସରକାର ଓ ପ୍ରଶାସନିକ ଅଧିକାରୀ ଦାୟିତ୍ୱ ରହିବା କଥା ହେଲେ। ଏବେ ମଧ୍ୟ ଅନେକ ଗାଁ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ଅଛନ୍ତି। ଏଭଳି ଏକ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଗାଁ ହେଉଛି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋର୍ଲା ପଞ୍ଚାୟତର ମାଦଲପଖାନ। ଆଜି ବି ମୌଳିକ ସୁବିଧାରୁ ବହୁ ଦୂରରେ ରହିଥିବାବେଳେ ପାହାଡ଼-ପର୍ବତ ଘେରା ଏହି ଦୁର୍ଗମ ଗାଁରେ ପ୍ରାୟ ୧୨ରୁ ୧୫ଟି ପରିବାର ବସବାସ କରୁଥିବା ବେଳେ ଦୈନନ୍ଦିନ ଜୀବନରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଯିବା ପାଇଁ ଏକ ସୁଗମ ସଡ଼କ ନ ଥିବାରୁ ବର୍ଷାଦିନେ ଲୋକଙ୍କ ଯାତାୟାତ ଆହୁରି ଦୁର୍ବିସହ ହୋଇପଡ଼େ। ଜରୁରୀ ସମୟରେ ରୋଗୀଙ୍କୁ ହସ୍ପିଟାଲ ନେବା ମଧ୍ୟ ଏଠାକାର ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା ବୋଲି ଅଭିଯୋଗ ହୋଇଛି। ପାଣି ପାଇଁ ବାଲିଚୁଆ ଭରସା। ଗ୍ରାମରେ ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ନ ଥିବାରୁ ଲୋକେ ବାଲିଚୁଆ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବା ବେଳେ ପିଲାଙ୍କ ପ୍ରାକ୍ ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ଶିକ୍ଷାରେ ଡୋରିବନ୍ଧା ହେଉଛି। ଶିକ୍ଷା ପାଇଁ ପିଲାମାନଙ୍କୁ ଦୂର ଅଞ୍ଚଳକୁ ଯିବାକୁ ପଡୁଛି। ଗାଁରେ ବିଜୁଳି ସୁବିଧା ମଧ୍ୟ ନ ଥିବାରୁ ଅନ୍ଧାରରେ ଜୀବନ ବିତାଉଛନ୍ତି ଗ୍ରାମବାସୀ। ଆଧୁନିକ ଯୁଗରେ ମଧ୍ୟ ଏଭଳି ମୌଳିକ ସୁବିଧାରୁ ଏକ ଗାଁ ବଞ୍ଚିତ ରହିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ରହିଥିଲେ ମଧ୍ୟ ମାଦଲପଖାନ ଗ୍ରାମବାସୀଙ୍କ ନିକଟରେ ସେସବୁ ଯୋଜନାର ସୁଫଳ ପହଞ୍ଚୁନଥିବା ଅଭିଯୋଗ ହୋଇଛି। ଗ୍ରାମକୁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ଅଙ୍ଗନବାଡ଼ି ଓ ଶିକ୍ଷା ଭଳି ମୌଳିକ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ବେଲାମାଲ ଶନିମନ୍ଦିରରୁ ଚୋରି

**କେସିଙ୍ଗା, ୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧୀନ ପାଷ୍ଟିକୁଡ଼ି ପାଖ ବେଲାମାଲ ଗ୍ରାମରେ ଥିବା ଶନିମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିରର ୫ ଟି ଘଣ୍ଟି, ଯୋଗଖୁଣ୍ଟ, ତ୍ରିଶୂଳ, କୁମ୍ଭ ଚାଉଳ, ପିତଳ ବାସନକୁସନ, ୨ ଟି ପାଣିଜାର, ଆଳତି ସମୟରେ ବ୍ୟବହୃତ ହେଉଥିବା ବାଜା, ବିଦ୍ୟୁତ୍ ତାର ଚୋରି କରିବା ସହ ମୂର୍ତ୍ତିକୁ ଭାଙ୍ଗି ଦେଇଛନ୍ତି। ଏନେଇ ଭବାନୀପାଟଣା ସଦରଥାନାରେ ଲିଖିତ ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ମନ୍ଦିରର ପୂଜକ ଲକ୍ଷ୍ମଣ ରଣା ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଆସିବା ପରେ ସମସ୍ତ କଥା ଜଣାପଡ଼ିଥିଲା। ମନ୍ଦିର ପୂଜକ ଓ ଗ୍ରାମବାସୀ ଯଥାଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ସଦର ଥାନା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ସ୍ୱଚ୍ଛତା କର୍ମୀ ଓ ଛାତ୍ରଛାତ୍ରୀଙ୍କୁ ବର୍ଜ୍ୟ ପରିଚାଳନାର ପ୍ରଶିକ୍ଷଣ




**ଖଡ଼ିଆଳ, ୧।୧୦(ସମିସ):** ଏଣେତେଣେ ଆବର୍ଜନା ଫିଙ୍ଗିବା ଦ୍ୱାରା ପରିବେଶ ପ୍ରଦୂଷଣ ସହ ବିଭିନ୍ନ ରୋଗର ଆଶଙ୍କା ରହିଥାଏ। ବିଶେଷକରି ଏକକ ବ୍ୟବହୃତ ପ୍ଲାଷ୍ଟିକ ମାଟିରେ ସହଜରେ ମିଶୁ ନ ଥିବାରୁ ପରିବେଶ ପାଇଁ ଏହା ଗୁରୁତର କ୍ଷତିକାରକ। ଏହାକୁ ଦୃଷ୍ଟିରେ ରଖି ଖଡ଼ିଆଳ ଏନ୍‌ଏସି ପକ୍ଷରୁ ମଳଉପଚାର କେନ୍ଦ୍ର ଓ କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ଆବର୍ଜନାକୁ ଏହି କେନ୍ଦ୍ରକୁ ଆଣି ପ୍ରକାର ଅନୁଯାୟୀ ପୃଥକୀକରଣ କରାଯାଉଛି। ପ୍ଲାଷ୍ଟିକ ଓ ଅନ୍ୟ ଅପଚନଶୀଳ ବର୍ଜ୍ୟକୁ ପ୍ରକ୍ରିୟାକରଣ କରି କ୍ଷୁଦ୍ର ଆକାରରେ ପରିଣତ କରାଯାଇ ପରବର୍ତ୍ତୀ ପ୍ରକ୍ରିୟା ପାଇଁ ବାହାରକୁ ପଠାଯାଉଥିବାବେଳେ ଜୈବିକ ଆବର୍ଜନାରୁ ଜୈବିକ ଖତ ପ୍ରସ୍ତୁତ କରାଯାଉଛି। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବୁଧବାର ଖଡ଼ିଆଳ ବ୍ଲକର ୨୬ଟି ପଞ୍ଚାୟତର ସ୍ୱଚ୍ଛତା କର୍ମୀ ଓ ନେହେନା ପଞ୍ଚାୟତ ହାଇସ୍କୁଲର ଛାତ୍ରଛାତ୍ରୀ ଏହି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ଦ୍ୱାରା ସ୍ୱଚ୍ଛତା କର୍ମୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଜ୍ୟ ପରିଚାଳନା ଓ ପରିବେଶ ସୁରକ୍ଷା ନେଇ ସଚେତନତା ବଢ଼ିବା ସହ ଆଗାମୀ ଦିନରେ ସ୍ୱଚ୍ଛତା ଅଭିଯାନକୁ ଅଧିକ ସୁଦୃଢ଼ କରିବାରେ ଏହା ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ବରିଷ୍ଠ ନାଗରିକମାନେ ସମାଜର ମୂଲ୍ୟବାନ ସମ୍ପତ୍ତି









**ତରଭା, ୨।୧୦(ସମିସ)**

ବରିଷ୍ଠ ନାଗରିକମାନେ ସମାଜର ମୂଲ୍ୟବାନ ସମ୍ପତ୍ତି, ମାର୍ଗଦର୍ଶକ ଏବଂ ଅଭିଜ୍ଞତାର ଭଣ୍ଡାର। ସେମାନେ ନିଜ ଜୀବନର ଦୀର୍ଘ ଅନୁଭୂତି ମାଧ୍ୟମରେ ପରିବାର ଏବଂ ସମାଜକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତରଭା ବ୍ଲକରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିଗଣ ବରିଷ୍ଠ ନାଗରିକମାନଙ୍କ ଉପରେ ଏହା କହିଛନ୍ତି। ଏହି ଅବସରରେ ସକାଳେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଅଶୋକ ସାହୁ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ମନୋଜ ପଣ୍ଡା ଓ ସୋମନାଥ ପ୍ରଧାନ ବରିଷ୍ଠ ନାଗରିକଙ୍କୁ ଯୋଗାଭ୍ୟାସ କରାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏକ୍ ପେଡ୍ ମା କେ ନାମ ପରିବେଶ ସୁରକ୍ଷା ପାଇଁ ବରିଷ୍ଠ ନାଗରିକଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଏଥିରେ ଦେବେନ୍ଦ୍ର ବିଜୟ ସାହୁ, ଅଶୋକ ସାହୁ, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ମାନସ ସାହୁ, ବିଡ଼ିଓ ଶିବାନନ୍ଦ କର୍ମୀ ଓ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଶେଷରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଦେବେନ୍ଦ୍ର ବିଜୟ ସାହୁ, ସମ୍ମାନିତ ଅତିଥି ଭାବେ ଅଶୋକ ସାହୁ ଓ ମାନସ ସାହୁ ଯୋଗ ଦେଇଥିଲେ। ତରଭା ବିଡ଼ିଓ ଶିବାନନ୍ଦ କର୍ମୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମାଙ୍ଗେଲାଲ ଅଗ୍ରୱାଲ ଓ ବରିଷ୍ଠ ସାମ୍ବାଦିକ ମନରଞ୍ଜନ ମିଶ୍ର ଅଭିଜ୍ଞତା ବାଣ୍ଟିଥିଲେ। ତରଭା ବ୍ଲକ ବିଏସଏସଓ ପ୍ରଭାସ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ, ସାଧାରଣ ଜନତା, ସିଆରପି, ଏମବିକେ ଯୋଗ ଦେଇଥିଲେ। ବିକ୍ରମ ବିଶୀ, କିଶୋର ଧରୁଆ, ଉମା ଶଙ୍କର ସାହୁ, ଶାହନୱାଜ ଖାନ୍, ହେମନ୍ତ ବେହେରା, ମନୋଜ ପାତ୍ର, ଶତ୍ରୁରାମ ବାଘ ପ୍ରମୁଖ ସହଯୋଗ କରିଥିଲେ।

ସେହିଭଳି ସ୍ଥାନୀୟ ଏନଏସି ପାଠାଗାରରେ ତରଭା ବରିଷ୍ଠ ନାଗରିକ ସଂଘ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଆୟୋଜିତ ହୋଇଯାଇଛି। ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ତରଭା ଏନଏସି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ଚରଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆରସି ଡୋଳାମଣି ନାଏକ, ଏସଆଇ ପ୍ରସନ୍ନଜିତ ବେହେରା, ବରିଷ୍ଠ ନାଗରିକ ହରିବନ୍ଧୁ ପାଣିଗ୍ରାହୀ ଓ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ବର୍ତ୍ତମାନ ପରିବାରରେ ଦେଖା ଦେଉଥିବା ବିଭ୍ରାଟ ଓ ଏଥିଯୋଗୁଁ ବରିଷ୍ଠମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ସରକାର ଅଧିକ ଆନ୍ତରିକତା ପ୍ରଦର୍ଶନ ଆବଶ୍ୟକତା ଉପରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ନାଏକ ଓ ଶ୍ରୀ ବେହେରା ସାଇବର ଠକାମିରୁ ବରିଷ୍ଠମାନେ କିଭଳି ରକ୍ଷା ପାଇବେ, ବ୍ୟାଙ୍କ, ଡିଜିଟାଲ ସମେତ ସେକୌଣସି ସରକାରୀ କାର୍ଯ୍ୟାଳୟରେ ବରିଷ୍ଠମାନଙ୍କୁ ମିଳୁଥିବା ଅଗ୍ରାଧିକାରକୁ ନେଇ ସଚେତନ କରିଥିଲେ। ମୂଳ ବିନା ଗଛ ନାହିଁ ବରିଷ୍ଠ ବିନା ସମାଜ ନାହିଁ ବୋଲି ଅତିଥିମାନେ ନିଜର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ ଉଦଘୋଷକ ସାମ୍ବାଦିକ ମାନରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁବାସରଞ୍ଜନ ସେଠୀ, ସୁରେନ୍ଦ୍ର ଜେନା, ମାଙ୍ଗେଲାଲ ଅଗ୍ରୱାଲ, ଦିଲ୍ଲୀପ ମାହାଣ, ସାମ୍ବାଦିକ କଲ୍ୟାଣ ନାଏକ, ଅନ୍ତର୍ଯାମୀ ସାହୁ, କପିଳାସ ସେଠ, ଅକ୍ଷୟ ବାଘ ପ୍ରମୁଖ ସହଯୋଗ କରିଥିଲେ।

ଅନ୍ୟପକ୍ଷେ ସୁବର୍ଣ୍ଣପୁର ଜିଲ୍ଲାର ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଟାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସଂସ୍କୃତି ଭବନର ସଭାଗୃହରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଅଧ୍ୟକ୍ଷତା





କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟା ରୂପା ରଥ, ଜିଲ୍ଲା ଆଇନସେବା ପ୍ରାଧିକରଣ ଦେବାଶିଷ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ ବରିଷ୍ଠ ନାଗରିକମାନେ କିପରି ନିଜ ସ୍ୱାସ୍ଥ୍ୟର ଯତ୍ନ ନେବେ, ଦୈନନ୍ଦିନ ଜୀବନରେ ସନ୍ତୁଳନ ବଜାୟ ରଖିବେ ଏବଂ ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ଓ ସେବା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ ଖେଳକୁଦ ଓ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ ସହିତ ଆଲୋଚନା ଓ ଭାବ ବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା। ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଉପହାର ପ୍ରଦାନ କରାଯିବା ସହ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ମାଝୀ ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ମାନ ଓ ଯତ୍ନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିଢ଼ି ମଧ୍ୟରେ ଥିବା ଦୂରତାକୁ ଦୂର କରି ବରିଷ୍ଠ ନାଗରିକମାନଙ୍କୁ ପରିବାର ଓ ସମାଜରେ ଉଚିତ ସମ୍ମାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ବୟସ କେବଳ ଏକ ସଂଖ୍ୟା ମାତ୍ର ବୋଲି ଉଲ୍ଲେଖ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଓ ସୁରକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୟସ୍କ ମାତାପିତାଙ୍କ ଯତ୍ନ ନେବାରେ ସନ୍ତାନମାନେ ଅବହେଳା କଲେ କେଉଁ ଆଇନଗତ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ମଧ୍ୟ ସଭାରେ ସଚେତନ କରାଯାଇଥିଲା।

**ଝାରସୁଗୁଡ଼ା:** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦୁଇ ଦିନ ଧରି ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ବ୍ୟାପକ ଭାବେ ପାଳିତ ହୋଇଯାଇଛି। ଆଜି ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହି ରାଲିକୁ ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ଡିଏମଏଫ୍ ଅଡିଟୋରିୟମ ହଲ୍‌ରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ସୋମେଶ ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ'ମିରର ଥିଏଟର' ଦଳ ଦ୍ୱାରା ବୟସ୍କମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଆଧାରିତ ଏକ ହୃଦୟସ୍ପର୍ଶୀ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ସମସ୍ତେ ସହଯୋଗ କରିବାକୁ ଏହି ସଭାରେ ଆହ୍ୱାନ ଦିଆଯାଇଛି। 'ଏକ୍ ମାଁ ପେଡ୍ କେ ନାମ୍' ଅଭିଯାନ ଅଧୀନରେ ବ୍ୟାପକ ଚାରାରୋପଣ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅବସରରେ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହା ସହିତ ପିଢ଼ିଗତ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଆଲୋଚନା ଓ ଭାବ ବିନିମୟ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ନେଇ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ, ଝାରସୁଗୁଡ଼ା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଆଦିତ୍ୟ ବାଦି, ଜିଲ୍ଲା ସଞ୍ଚୟ ବିଭାଗର ଜଗନ୍ନାଥ ରାଉତ ଏବଂ ଅନ୍ୟାନ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

**ବୌଦ୍ଧ:** ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଆଜି ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶିବ ପ୍ରସାଦ ମିଶ୍ର, ଉପସଭାପତି ପ୍ରଭାତ ସାହୁ, ସମ୍ପାଦକ ଅକ୍ଷୟ ମହାନ୍ତି, ସଦସ୍ୟା ସ୍ନେହଲତା ପୁରୋହିତ ଓ ଲୀଳାବତୀ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ନାୟକ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସାମାଜିକ ସୁରକ୍ଷା ଓ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଯୋଗ୍ୟ ହିତାଧିକାରୀମାନେ ସରକାରୀ ଯୋଜନାର ସୁଯୋଗ ନେବା ସହ ନିଜର ଅଧିକାର ସମ୍ପର୍କରେ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମାଜର ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବର୍ଗଙ୍କ ସମ୍ମାନ, ସୁରକ୍ଷା ଓ କଲ୍ୟାଣ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଯୋଗ ଶିବିର ମଧ୍ୟ ଆୟୋଜନ କରାଯାଇଥିଲ।

## ଅଜଣା ଗାଡ଼ି ଧକ୍କାରେ ଠିକା କର୍ମଚାରୀ ମୃତ

### କ୍ଷତିପୂରଣ ଚେକ୍ ପାଇଲା ପରେ ଉଠିଲା ଶବ

**ଇବ୍‌ଥର୍ମାଲ, ୨।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଅଧୀନ ଆଇ ଏଲ୍ ବିଏଲ କୋଇଲାଖଣି ୩ ନମ୍ବର ସାଇଡିଂ ନିକଟରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଘଟଣାଟି ଆଜି ସକାଳ ୭ଟାରୁ ୮ଟା ଭିତରେ ଘଟିଥିଲା। ମୃତକ ହେଲେ ଲଖନପୁର ବ୍ଲକ ପିପିଲିକାନି ପଞ୍ଚାୟତ ଭେଜିକୁଦ ଗ୍ରାମର ଧନପତି ଭୋଇ (୪୮)। ସେ ସବୁଦିନ ପରି କାମ କରିବାକୁ ଆଜି ଆସିଥିଲେ। ଗୋଟିଏ କଣ୍ଟାଘର ସଫା କରିବା ପରେ ସାଇକଲ ଯୋଗେ ଆଉ ଗୋଟିଏ କଣ୍ଟାଘର ସଫା କରିବାକୁ ଯିବା ସମୟରେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଏହାଫଳରେ ଧନପତି ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନହରପାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଭେଜିକୁଦ ଗ୍ରାମରୁ ଦଳପତିଙ୍କ ପରିବାର ଲୋକ ଓ ଅନ୍ୟମାନେ ପହଞ୍ଚି ଶବ ରଖି କ୍ଷତିପୂରଣ ଦାବି କରିଥିଲେ। ପରେ ଆଇ ଏଲ୍ ବି ଏଲ୍ ପ୍ରୋଜେକ୍ଟ ଅଧିକାରୀ ଏସ ରେ‡ୀଙ୍କ ସହ ଅନ୍ୟ ଅଧିକାରୀ ଗଣ, ବନହରପାଲି ଥାନା ଅଧିକାରୀ ବିନୋଦ ରାଓ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରମେଶ ଭଇଁସା ଓ ମୃତକଙ୍କ ପରିବାର ପକ୍ଷରୁ ଧନପତିଙ୍କ ସ୍ତ୍ରୀ କୁମୁଦିନୀ ଭୋଇ, ଭାଇ ଝସକେତନ ଭୋଇ, ମଳୟ ଭୋଇ, ପିପିଲିକାନି ସରପଞ୍ଚ ଶ୍ରୀକାନ୍ତ ଦେହେରିଆ, ରତ୍ନାକର ପ୍ରଧାନ, ମନୋରଞ୍ଜନ ମିଶ୍ର, ରାମଶରଣ ଭୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଘଟଣା ସ୍ଥଳରେ ମୃତକଙ୍କ ପରିବାର କ୍ଷତିପୂରଣ ରାଶି ଦାବି କରିଥିଲେ। ଏହାଫଳରେ ସକାଳୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆଲୋଚନା ଚାଲିଥିଲା। ପରେ ଲଖନପୁର କୋଇଲା କ୍ଷେତ୍ର କର୍ତ୍ତୃପକ୍ଷ ଧନପତିଙ୍କ ସ୍ତ୍ରୀ ଆକାଉଣ୍ଟ୍ ନମ୍ବରରେ ୨ଟି ଚେକ୍ ଯୋଗେ ୩୬ ଲକ୍ଷ ୫୫ ହଜାର ଟଙ୍କାର ଚେକ୍ ଦେଇଥିଲେ। ଶ୍ରାଦ୍ଧକ୍ରିୟା ସକାଶେ ୧ ଲକ୍ଷ ୫୦ ହଜାର ନଗଦ ରାଶି ପ୍ରଦାନ କରାଯାଇଥିଲା। ଏହାପରେ ଶବ ଉଠିଥିଲା। ବନହରପାଲି ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଦୁର୍ଘଟଣା ଘଟାଇ ଫେରାର ଗାଡ଼ିର ତଦନ୍ତ ଜାରି ରଖିଛି।

## ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

**ଇବଥର୍ମାଲ, ୨।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ୧୯ ଖଣ୍ଡ ମୌଜାର ମହାନଦୀ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମଗୁଡ଼ିକୁ ଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତି ପରଖିଛନ୍ତି। ଆଜି ଏହି ଗସ୍ତ ସମୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ,



ଝାରସୁଗୁଡ଼ା ଏସ୍‌ଡିସି ଅଧ୍ୟକ୍ଷ ସାମଲ ନାଏକ, ବିଜେପି ଝାରସୁଗୁଡ଼ା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜି ଭୁବନେଶ୍ୱରରୁ ମନ୍ତ୍ରୀ ଶ୍ରୀ ପୂଜାରୀ, ସାଂସଦ ଶ୍ରୀ ପୁରୋହିତ, ଝାରସୁଗୁଡ଼ା ଜିଲ୍ଲାପାଳ ହେଲିକପ୍ଟର ଯୋଗେ ଆସି ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ହେଲିପେଡଠାରେ ସକାଳ ୧୧ ଟା ୩୦ରେ ଅବତରଣ କରିଥିଲେ। ଏହାପରେ ରୋଡ୍‌ଯୋଗେ ଯାତ୍ରା କରି୧୯ ଖଣ୍ଡ ମୌଜା କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକୁ ଯାଇଥିଲେ। ମନ୍ତ୍ରୀ ଓ ସାଂସଦ ସୁଖାସୁଢା, ସେମଲିଆ, ଚିଖିଲି, ମୁହୁଦି, ରେମତା ଆଦି ଗ୍ରାମକୁ ଯାଇ ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେମାନଙ୍କ ସମସ୍ୟା ଶୁଣିବା ସହ କ୍ଷୟକ୍ଷତି ସମ୍ପର୍କରେ ଅବଗତ ହୋଇଥିଲେ। ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ଷୟକ୍ଷତି ବାବଦରେ ସ୍ପଷ୍ଟ କରି ମନ୍ତ୍ରୀ କହିଛନ୍ତି ଯେ, ଶସ୍ୟହାନି, ଆଂଶିକ ବା ସମ୍ପୂର୍ଣ୍ଣ ଘରଭଙ୍ଗା, ପନିପରିବା ଚାଷର କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଓ ବ୍ୟକ୍ତିଙ୍କୁ କ୍ଷତିପୂରଣ ମିଳିବ। ଏହାବ୍ୟତୀତ ନଦୀରେ ଡଙ୍ଗା ଓ ଜାଲ ହରାଇଥିବା ମତ୍ସ୍ୟଜୀବୀଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଯେଉଁ ଚାଷୀ ବନ୍ୟାଯୋଗୁଁ ଖରିଫ୍ ଧାନ ଚାଷ କରିପାରିବେ ନାହିଁ ସେମାନଙ୍କୁ ପନିପରିବା ଚାଷ ପାଇଁ ସିଧାସଳଖ ଆକାଉଣ୍ଟକୁ ବିହନ ଖର୍ଚ୍ଚ ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ବନ୍ୟାର ସ୍ଥାୟୀ ନିରାକରଣ ଏବଂ ପ୍ରକୋପ ହ୍ରାସ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମାଗିବା ସହ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ଆଧୁନିକ ବୈଷୟିକ କୌଶଳ ବ୍ୟବହାର ଲାଗି ଆଇଆଇଟି ବିଶେଷଜ୍ଞଙ୍କ ସହ ଆଲୋଚନା ଚାଲିଛି ବୋଲି ମନ୍ତ୍ରୀ କହିଥିଲେ। ଲୋକଙ୍କ ସୁବିଧା ସକାଶେ ପୂଜା ପୂର୍ବରୁ ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳିବା ସହ ପ୍ରାକୃତିକ ବିପର୍ଯ୍ୟୟର ଏହି କଠିନ ସମୟରେ ସରକାର ଲୋକଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛନ୍ତି ବୋଲି ମନ୍ତ୍ରୀ ଦୋହରାଇଥିଲେ। ସନ୍ଧ୍ୟାରେ ଝାରସୁଗୁଡ଼ା ସର୍କିଟ ହାଉସଠାରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ଉଚ୍ଚ ପଦାଧିକାରୀଙ୍କ ସହ ମନ୍ତ୍ରୀ ଓ ସାଂସଦ ଏକ ସମୀକ୍ଷା ବୈଠକ କରିଥିଲେ।



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ବଣିକ ସଂଘର ମାସିକ ସାଧାରଣ ସଭାରେ ଉପସ୍ଥିତ ସଦସ୍ୟ

## ଜିଲ୍ଲାସ୍ତରୀୟ ନାରୀ ଜାଗରଣ ସମ୍ମିଳନୀ

**ବୌଦ୍ଧ, ୨।୧୦ (ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତ ବାର୍ଷିକୀ ପାଳନ ଅବସରରେ ଜିଲ୍ଲାସ୍ତରୀୟ ନାରୀ ଜାଗରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିକୁଞ୍ଜ ହରିଦ୍ୱାରର ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଶାନ୍ତିକୁଞ୍ଜ ପ୍ରତିନିଧି ଉର୍ମିଳା ମିଶ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଗୀତାଞ୍ଜଳି ମିଶ୍ର, ସଖୀ କେନ୍ଦ୍ରର ମୁଖ୍ୟ ସାନୁଜ ପ୍ରଧାନ, ବାସ୍ତୁକାର ସୁମନ ଷଡଙ୍ଗୀ, ଜିଲ୍ଲା ସଂଯୋଜକ ଶୁଭେନ୍ଦ୍ର ମୋହନ ମହାକୁଳ, ବୌଦ୍ଧ ଗାୟତ୍ରୀ ଶକ୍ତି ପୀଠ ମୁଖ୍ୟ ଟ୍ରଷ୍ଟ ଡ. ପ୍ରବୀର ଦାସ ଯୋଗ ଦେଇଥିଲେ। ସରକାରଙ୍କ ତରଫରୁ ମହିଳାମାନଙ୍କୁ ଦିଆଯାଇଥିବା ବିଭିନ୍ନ ସହାୟତା ଉପରେ ସାନୁଜ ପ୍ରଧାନ ପ୍ରକାଶ କରିଥିଲେ। ରକ୍ମଣୀ ରାଜୁ ମଞ୍ଚ ପରିଚାଳନା କରିଥିବାବେଳେ ଗୀତାଞ୍ଜଳି ମେହେର ବିବରଣୀ ପାଠ କରିଥିଲେ। ଶେଷରେ ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ନାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





## ପୁରୁଣାକଟକ-ଚାରିଛକ ମଧ୍ୟରେ ନୂତନ ରେଳ ଲାଇନ୍ କାର୍ଯ୍ୟ ନିରୀକ୍ଷଣ

**ବୌଦ୍ଧ, ୨।୧୦(ସମିସ):** ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆରଏସ) ସୁମିତ ସିଂଘଲ ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ରେଳପଥ ପ୍ରକଳ୍ପ ଅଧୀନ ନବନିର୍ମିତ ପୁରୁଣାକଟକ-ଚାରିଛକ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣରେ ୧୩.୩୫ କିଲୋମିଟର ନୂତନ ରେଳପଥ ସାମିଲ ଥିଲା। ଏହି ସେକ୍ସନରେ ନିର୍ମିତ ବିଭିନ୍ନ ନିରାପତ୍ତା ବ୍ୟବସ୍ଥା ଓ ଭିତ୍ତିଭୂମି ସୁବିଧା ଗୁଡିକ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ପୁରୁଣାକଟକ-ଚାରିଛକ ସେକ୍ସନକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏହି ଯାଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ରେଳ ସଂଯୋଗ ଆହୁରି ବିସ୍ତାରିତ ହେବ। ଯାଞ୍ଚ ସମୟରେ ରେଳ ସୁରକ୍ଷା କମିଶନର, ରେଳପଥ, ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥା, ସେତୁ, ଭାୟାଡକ୍ଟ, ସୁଡ଼ଙ୍ଗ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥା ଯାଞ୍ଚ କରିଥିଲେ। ନବନିର୍ମିତ ରେଳପଥର ପ୍ରସ୍ତୁତି ଓ ନିରାପତ୍ତା ଆକଳନ ପାଇଁ ସେ ଚାରିଛକରୁ ପୁରୁଣାକଟକ ଷ୍ଟେସନ୍ ମଧ୍ୟରେ ସ୍ପିଡ୍ ଟ୍ରାଏଲ୍ ରନ୍ (ଗତି ପରୀକ୍ଷଣ) ମଧ୍ୟ କରିଥିଲେ। ଏହି ସେକ୍ସନର ଏକ ପ୍ରମୁଖ ଇଞ୍ଜିନିୟରିଂ ବୈଶିଷ୍ଟ୍ୟ ହେଉଛି ୧, ୯୭୫ ମିଟର ଲମ୍ବର ଟି-୭ ସୁଡ଼ଙ୍ଗ, ଯାହା ଦୁର୍ଗମ ଭୂଭାଗ ଦେଇ ନିର୍ମାଣ କରାଯାଇଛି। ଏହି ସେକ୍ସନରେ ପ୍ରାୟ ୧.୯ କିଲୋମିଟର ମୋଟ ଲମ୍ବର ଦୁଇଟି ପ୍ରମୁଖ ଭାୟାଡକ୍ଟ ମଧ୍ୟ ରହିଛି। ଏହା ସହ ଏହି ସେକ୍ସନରେ ଗୋଟିଏ ପ୍ରମୁଖ ସେତୁ ରହିଛି, ଯାହା ଏକ ରୋଡ୍ ଓଭର ବ୍ରିଜ୍। ନବନିର୍ମିତ ଏହି ସେକ୍ସନରେ ଆଧୁନିକ ରେଳ ଭିତ୍ତିଭୂମି ଓ ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି। ଏଥିରେ ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥା, ସୁଦୃଢ଼ ରେଳପଥ ଭିତ୍ତିଭୂମି ଏବଂ ନିରାପଦ ଓ ସୁଚାରୁ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା ସାମିଲ ରହିଛି। ନିର୍ମାଣ ସଂଗଠନର ଅଧିକାରୀଙ୍କ ସମେତ ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନେ ରେଳ ସୁରକ୍ଷା କମିଶନର ଟିମ୍‌କୁ ଯାଞ୍ଚ ସମୟରେ ସହଯୋଗ କରିଥିଲେ। ଟିମ୍ ଏହି ସେକ୍ସନର ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ଓ ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ପ୍ରାୟ ୩୦୧ କିଲୋମିଟର ଦୀର୍ଘ ଖୋର୍ଦ୍ଧା ରୋଡ୍–



ବଲାଙ୍ଗିର ରେଳପଥ ପ୍ରକଳ୍ପ ଓଡ଼ିଶାର ଆଭ୍ୟନ୍ତରୀଣ ଓ ରେଳ ସଂଯୋଗରୁ ବଞ୍ଚିତ ଅଞ୍ଚଳଗୁଡ଼ିକୁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଖୋର୍ଦ୍ଧାରୋଡ୍ ଓ ବଲାଙ୍ଗିର ଉଭୟ ପାର୍ଶ୍ୱରୁ ପର୍ଯ୍ୟାୟକ୍ରମେ ରେଳ ଭିତ୍ତିଭୂମି ନିର୍ମାଣ ଓ କମିଶନିଂ କରାଯାଉଛି। ପୁରୁଣାକଟକ–ଚାରିଛକ ସେକ୍ସନର ନିର୍ମାଣ ପ୍ରକଳ୍ପର ଅଗ୍ରଗତିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସେକ୍ସନରେ ପ୍ରାୟ ୨ କିଲୋମିଟର ଦୀର୍ଘ ସୁଡ଼ଙ୍ଗ ଓ ପ୍ରମୁଖ ଭାୟାଡକ୍ଟ ଭଳି ବଡ଼ ଇଞ୍ଜିନିୟରିଂ ଗଠନ ରହିଛି। ଏହି କାର୍ଯ୍ୟଗୁଡ଼ିକର ସମାପ୍ତି କଠିନ ଭୌଗୋଳିକ ପରିସ୍ଥିତିର ମୁକାବିଲା କରି ଅଞ୍ଚଳରେ ଆଧୁନିକ ରେଳ ଭିତ୍ତିଭୂମି ବିକଶିତ କରିବା ପାଇଁ ଭାରତୀୟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

## ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ବିରୋଧରେ କଳାକାରଙ୍କ ବିକ୍ଷୋଭ

**ବୌଦ୍ଧ, ୨।୧୦(ସମିସ)**

ଆଜି ଜିଲ୍ଲା କଳାକାର ସଂଘ ତରଫରୁ କଳାକାରମାନେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କ ମନମାନି କାର୍ଯ୍ୟକଳାପକୁ ବିରୋଧକରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ସେବା ସଂକଳ୍ପ ଅଭିଯାନ ପଥପ୍ରାନ୍ତ ନାଟକର ଆୟୋଜନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ ପରିତାପର ବିଷୟ ବୌଦ୍ଧ ଜିଲ୍ଲାରେ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀଙ୍କ ମନମାନି ଯୋଗୁଁ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ପଞ୍ଜିକୃତ ଅନୁଷ୍ଠାନ



ଗୁଡିକ ଏହି କାର୍ଯ୍ୟକ୍ରମରୁ ବାଦ୍ ପଡ଼ିଛନ୍ତି। ଗତ ସେପ୍ଟେମ୍ବର ୨୯ ତାରିଖରେ ଜିଲ୍ଲାପାଳଙ୍କୁ ଏନେଇ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଆଜି ସମସ୍ତ ବ୍ଲକର କଳାକାରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ପ୍ରଦର୍ଶନ କରିଥିଲେ। ତୁରନ୍ତ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କୁ ଅନ୍ୟତ୍ର ବଦଳି ନଚେତ ବହିଷ୍କୃତ କରିବାକୁ ସେମାନେ ଦାବିକରି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କୁ ପ୍ରଦାନ କରିଛନ୍ତି। ଏହି ବିକ୍ଷୋଭରେ କଳାକାର ସଂଘ ବୌଦ୍ଧ ବ୍ଲକ ଉପ ସଭାପତି ସ୍ୱାଧୀନ ପରିଡ଼ା, ହରଭଙ୍ଗା ବ୍ଲକ ଉପ ସଭାପତି ବୈକୁଣ୍ଠ ମହାକୁଡ, କରୁଣାକର ବର୍ଗଡ଼ି, ଭୂମିସୂତା ବେହେରା, ବ୍ରୁକଧର ବାହୁକ, ରମେଶ ନାୟକ, ଲକ୍ଷ୍ମୀ ଭୋଇ, ଗଙ୍ଗାଧର ପ୍ରଧାନଙ୍କ ସମେତ ବହୁ କଳାକାର ସାମିଲ ଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ରାଜ୍ୟପାଳ



ଭୁବନେଶ୍ୱର,୧।୧୦(ସମିସ): ଗୁରୁବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଭେଟି ରାଜ୍ୟର ବିକାଶ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟପାଳ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାସହ ଓଡ଼ିଶା ଲୋକ ଭବନକୁ ନିକଟରେ ମିଳିଥିବା 'ଆଇଜିବିସି ପ୍ଲାଟିନମ୍ ସାର୍ଟିଫିକେସନ୍' ବିଷୟରେ ମଧ୍ୟ ରାଜ୍ୟପାଳ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ଆଲୋଚନାରେ ରାଜ୍ୟର ବିକାଶ ଏବଂ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ପ୍ରସଙ୍ଗ ସ୍ଥାନ ପାଇଛି।

# ୭ ତାରିଖ ରାତିରେ ସାରା ରାଜ୍ୟରେ ଜଳିବ ମଶାଲ

■ ଆଜିଠାରୁ ସାରା ରାଜ୍ୟରେ ଗଣତନ୍ତ୍ର ବଞ୍ଚାଅ ସପ୍ତାହ
■ ରାଜବ୍ୟବାସୀଙ୍କୁ ସାମିଲ ପାଇଁ ଇଣ୍ଡିଆ ମେଣ୍ଟର ଆହ୍ୱାନ



ଭୁବନେଶ୍ୱର,୧।୧୦(ସମିସ): ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ୍‌କୁ ବିରୋଧ ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ପାଠ୍ୟପୁସ୍ତକ ବିଭ୍ରାଟ ପାଇଁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟାକ୍ଷତିଗ୍ରସ୍ତଙ୍କୁ ଯଥୋଚିତ କ୍ଷତିପୂରଣ ଆଦି ଦାବି ନେଇ ଆସନ୍ତା ୮ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରାକୁ ପ୍ରଭାବୀ କରିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ଶୁକ୍ରବାରଠାରୁ ସାରା ରାଜ୍ୟରେ ଗଣତନ୍ତ୍ର ବଞ୍ଚାଅ ସପ୍ତାହ ପାଳନ କରିବାକୁ ଇଣ୍ଡିଆ ମେଣ୍ଟ ନିଷ୍ପତ୍ତି ନେଇଛି। ୨ ତାରିଖରେ ଜିଲ୍ଲାସ୍ତରୀୟ ମିଳିତ ବୈଠକ ଓ ସାମ୍ବାଦିକ ସମ୍ମିଳନୀ, ୩ ଅକ୍ଟୋବରରେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ, ୩ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥାନୀୟ ସଭା, ପଦଯାତ୍ରା ଓ ଜନଜାଗରଣ କାର୍ଯ୍ୟକ୍ରମ କରାଯିବ। ସାର୍ବଜନୀନ କାର୍ଯ୍ୟକ୍ରମରେ ସମ୍ବିଧାନର ଧାରା ୩୨୬ ପାଠ କରାଯିବ। ୬ ଅକ୍ଟୋବରରେ ପ୍ରତ୍ୟେକ ଜିଲ୍ଲାରେ ବିଶାଳ ପଦଯାତ୍ରା ଓ ଜନସଭା, ଏବଂ ୭ ଅକ୍ଟୋବର ରାତିରେ ରାଜଧାନୀ ସମେତ ଜିଲ୍ଲା ଓ ବ୍ଲକ ମୁଖ୍ୟାଳୟରେ ମଶାଲ ଶୋଭାଯାତ୍ରା ହେବ ବୋଲି ନିଷ୍ପତ୍ତି ହୋଇଛି। ୮ ଅକ୍ଟୋବର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ "ଓଡ଼ିଶା ବନ୍ଦ' ପାଳନ କରାଯିବ। ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ସଫଳ କରିବା ପାଇଁ ଛାତ୍ର, ଯୁବ, ମହିଳା, କୃଷକ, ଶ୍ରମିକ, ବ୍ୟବସାୟୀ, ପରିବହନ ଶିଳ୍ପ, ଆଇନଜୀବୀ ବୁଦ୍ଧିଜୀବୀ ଓ ସମସ୍ତ ଗଣତନ୍ତ୍ରପ୍ରେମୀ ଜନସାଧାରଣଙ୍କୁ ଇଣ୍ଡିଆ ବ୍ଲକ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ବନ୍ଦରୁ ଅତ୍ୟାବଶ୍ୟକ ସେବା ଗୁଡିକ ବାଦ୍ ଦିଆଯିବ।

ଏହି କ୍ରମରେ ଆଜି କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଇଣ୍ଡିଆ ବ୍ଲକର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବନ୍ଦକୁ ସଫଳ କରିବାକୁ ବ୍ୟାପକ ଆଲୋଚନା ସହ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି-(ଶରଦ ପାୱାର) ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଆରଜେଡିର ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ଏବଂ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଶିବ ହାତୀ ଯାଦବଙ୍କ ସମେତ ବିଭିନ୍ନ ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଜମି ସୀମାଙ୍କନ ମାମଲାରେ ହାଇକୋର୍ଟଙ୍କ ବଡ଼ ନିର୍ଦ୍ଦେଶ

# ଆବେଦନ ପାଇଁ ୮୦୦ ଟଙ୍କା ୟୁଜର ଫି' ମାଗିବା ବେଆଇନ

କଟକ,୧।୧୦(ସମିସ): ଜମିର ସୀମା ନିର୍ଦ୍ଧାରଣ ବା ସୀମାଙ୍କନ ପାଇଁ ଅନଲାଇନ ପୋର୍ଟାଲରେ ସଂଶୋଧନ କରିବାକୁ ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ବିଶେଷକରି ଗୋଟିଏ ଖାତା ଅନ୍ତର୍ଗତ ଭିନ୍ନ ଭିନ୍ନ ପ୍ଲଟ ପାଇଁ ପୃଥକ ପୃଥକ ସୀମାଙ୍କନ ଆବେଦନ ପାଇଁ ଅନଲାଇନ ପୋର୍ଟାଲରେ ଥିବା ବ୍ୟବସ୍ଥା ଗ୍ରହଣୀୟ ନୁହେଁ। ଏଣୁ ଏହାକୁ ସଂଶୋଧନ କରିବା ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କଟକସ୍ଥିତ ଶ୍ରୀ ଗଡଗଡେଶ୍ୱର (ମୋଟ୍ ୨.୬୦ ଏକର) ଜମିର ସୀମା ନିର୍ଦ୍ଧାରଣ ପାଇଁ ଟ୍ରଷ୍ଟି ଅଫଲାଇନ ଜରିଆରେ ସଦର ତହସିଲଦାରଙ୍କୁ ଆବେଦନ କରିଥିଲେ। କିନ୍ତୁ ତହସିଲଦାର କେବଳ ଅନଲାଇନ ଆବେଦନ ଗ୍ରହଣ କରାଯିବ ବୋଲି କହି ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆବେଦନକାରୀ ଅନଲାଇନ ପୋର୍ଟାଲରେ ଚେଷ୍ଟା କରିବାରୁ ଗୋଟିଏ ଖାତାର ପ୍ରତ୍ୟେକ ପ୍ଲଟ୍ ପାଇଁ ଅଲଗା ଅଲଗା ଆବେଦନ ଏବଂ ପ୍ରତି ପ୍ଲଟ୍ ପାଇଁ ୮୦୦ ଟଙ୍କା ଲେଖାଏଁ ଫି' ମଗାଯାଇଥିଲା। ଓଏସଏସ ରୁଲ୍ସ ଅନୁଯାୟୀ ପ୍ରତି ପ୍ଲଟ୍ ପାଇଁ ମାତ୍ର ୪ ଟଙ୍କା ଫି' ନିୟମ ଥିବା ସତ୍ତ୍ୱେ

■ ଜମି ସୀମାଙ୍କନ ଆବେଦନ ପାଇଁ ପୋର୍ଟାଲରେ ସଂଶୋଧନ ପାଇଁ ନିର୍ଦ୍ଦେଶ
■ ଗୋଟିଏ ଖାତା ଅନ୍ତର୍ଗତ ଏକାଧିକ ପ୍ଲଟ ପାଇଁ ପୃଥକ ଆବେଦନ ଅନାବଶ୍ୟକ

ମହାଦେବ ବିଜେ ଦେବୋତ୍ତର ସମ୍ପତ୍ତି ଟ୍ରଷ୍ଟିଙ୍କ ପକ୍ଷରୁ ଦାୟର ଏକ ରିଟ୍ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କେବଳ ଅନଲାଇନ୍ ମାଧ୍ୟମରେ ଆବେଦନ କରିବା ଏବଂ ପ୍ଲଟ୍ ପିଛା ୮୦୦ ଟଙ୍କା ୟୁଜର୍ ଫି ଦେବା ଆଇନଗତ ଭାବେ ବାଧ୍ୟତାମୂଳକ ନୁହେଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଓଡ଼ିଶା ସର୍ଭେ ଏଣ୍ଡ ସେଟେଲମେଣ୍ଟ (ଓଏସଏସ) ରୁଲ୍ସ, ୧୯୬୨ ନିୟମ-୩୮ ଅଧୀନରେ ଅଫଲାଇନ୍ ଆବେଦନ ଗ୍ରହଣ କରିବା ସହ ୪ସପ୍ତାହ ମଧ୍ୟରେ ଜମିର ସୀମାଙ୍କନ ଶେଷ କରିବାକୁ କଟକ ସଦର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଶ୍ରୀ ଗଡଗଡେଶ୍ୱର ମହାଦେବ ବିଜେଙ୍କ କଟକ ସଦର ତହସିଲ ଅନ୍ତର୍ଗତ ଗୋଟିଏ ଖାତା ଅନ୍ତର୍ଗତ ଥିବା ୧୧ଟି ପ୍ଲଟ୍ ରାଜ୍ୟ ସରକାରଙ୍କ ୨୦୨୦ ଫେବୃଆରୀ ୧୪ ଓ ୨୦୨୫ ଅକ୍ଟୋବର୧୫ର ଏସଓପି ମାଧ୍ୟମରେ ୮୦୦ ଟଙ୍କା ଧାର୍ଯ୍ୟ କରାଯିବା ଆଇନ ବିରୋଧୀ ବୋଲି ଦର୍ଶାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସରକାରୀ ନିର୍ଦ୍ଦେଶାବଳୀ ବଳରେ ସଂଶୋଧିତ ୮୦୦ ଟଙ୍କା ଫି' କେବଳ ସେହି ନାଗରିକଙ୍କ ପାଇଁ ଲାଗୁ ହେବ, ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ଲାଇସେନ୍ସପ୍ରାପ୍ତ ଅମିନଙ୍କ ଦ୍ୱାରା ଜମି ମାପ କରିବାକୁ ଚାହିଁବେ। କିନ୍ତୁ ଜଣେ ସାଧାରଣ ନାଗରିକ ଓଏସଏସ ରୁଲ୍ସର ନିୟମ-୩୮ ଅନୁଯାୟୀ ଧାର୍ଯ୍ୟ ମୂଳ ଫି' ଦେଇ ଅଫଲାଇନ୍‌ରେ ବି ଆବେଦନ କରିପାରିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଭାସ୍କର ଚନ୍ଦ୍ର ପଣ୍ଡା ମାମଲା ପରିଚାଳନା କରୁଥିବା ବେଳେ ବରିଷ୍ଠ ଆଇନଜୀବୀ ରମାକାନ୍ତ ମହାନ୍ତି 'ଆମିକସ୍ କ୍ୟୁରି' ଥିଲେ।

# ସାମ୍ସ ପୋର୍ଟାଲକୁ ସ୍କଚ୍ ପ୍ଲାଟିନମ୍ ପୁରସ୍କାର

ଭୁବନେଶ୍ୱର, ୧।୧୦(ସମିସ): ଉଚ୍ଚଶିକ୍ଷା ବିଭାଗର ଛାତ୍ର ଏକାଡେମିକ୍ ପରିଚାଳନା ବ୍ୟବସ୍ଥା (ସାମ୍ସ) ପୋର୍ଟାଲକୁ ସମ୍ମାନଜନକ ସ୍କଚ୍ ପ୍ଲାଟିନମ୍ ପୁରସ୍କାର-୨୦୨୬ ପ୍ରଦାନ କରାଯାଇଛି। ରାଜ୍ୟରେ ପ୍ରଯୁକ୍ତିଭିତ୍ତିକ ଉଚ୍ଚଶିକ୍ଷା ପରିଚାଳନା ଓ ଡିଜିଟାଲ ସେବାକୁ ସୁଦୃଢ଼ କରିବାରେ ସାମ୍ସର ଭୂମିକାକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ମିଳିଛି। ସାମ୍ସ ହେଉଛି ଏକ ଡିଜିଟାଲ ପ୍ଲାଟଫର୍ମ। ଛାତ୍ରଛାତ୍ରୀଙ୍କ ନାମଲେଖା ସମେତ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଏହା ମାଧ୍ୟମରେ ପରିଚାଳନା କରାଯାଉଛି। ସାମ୍ସ ଟିମ୍‌କୁ ଏହି ସଫଳତା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି

## ସନ୍ତ ଗୋପାଲନ୍‌ଙ୍କ ଭିଆର୍‌ଏସ୍ ଆବେଦନ ପରେ ତେଜିଲା ବିବାଦ

# ଏସଆଇଆର ବେଳେ ଏହି ନିଷ୍ପତ୍ତି ସନ୍ଦେହ ସୃଷ୍ଟି କରିଛି: କଂଗ୍ରେସ

ଭୁବନେଶ୍ୱର,୧।୧୦(ସମିସ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଲନ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଆବେଦନ କରିବା ପରେ ରାଜ୍ୟରେ ଆରମ୍ଭ ହୋଇଛି ବିବାଦ । ଦେଶରେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଠିକ୍ ଏହି ସମୟରେ ସନ୍ତ ଗୋପାଲନଙ୍କ ଅବସର ଆବେଦନ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ଏହା କେବଳ ଏକ ସଂଯୋଗ ନା ପୂର୍ବକଳ୍ପିତ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ଏସଆଇଆର୍ ପ୍ରସଙ୍ଗରେ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ଭୂମିକା ଓ ଆଭିମୁଖ୍ୟକୁ ନେଇ କେତେକ ରାଜ୍ୟର ନିର୍ବାଚନ ମୁଖ୍ୟ ନିର୍ବାଚନ ଅଧିକାରୀ ଅସନ୍ତୋଷ ପ୍ରକଟ କରିବା ସହ ଆପତ୍ତି ଉଠାଇଥିବା ଅଭିଯୋଗ ହୋଇଛି । ସିଇସିଙ୍କ ହସ୍ତକ୍ଷେପ, ବ୍ୟବସ୍ଥାର କେନ୍ଦ୍ରୀକରଣକୁ ନେଇ ସେହି ରାଜ୍ୟର ନିର୍ବାଚନ ଅଧିକାରୀମାନେ ଅସନ୍ତୋଷ ପ୍ରକଟ କରିଛନ୍ତି । ଓଡ଼ିଶାରେ ଅନୁରୂପ ଘଟଣା ଘଟି ନାହିଁ ତ? ଭୋଟର ତାଲିକା ପ୍ରସ୍ତୁତ କ୍ଷେତ୍ରରେ ଅନିୟମିତା ହୋଇ ନାହିଁ ତ ବୋଲି ମଧ୍ୟ ପ୍ରଶ୍ନ ଉଠିଛି ।

ଗୁରୁବାର ଇଣ୍ଡିଆ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏ ପ୍ରସଙ୍ଗରେ ଦେଇଥିବା ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି। ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ହାତବାରିସୀ ସାଜି ଏସଆଇଆର ମାଧ୍ୟମରେ ଜାଲିଆତି କରି ୧୫ କୋଟି ଲୋକଙ୍କୁ ଭୋଟର ଲିଷ୍ଟରୁ ନାମ କଟାଯିବାକୁ ନେଇ ଦେଶସାରା ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଠିକ୍ ସମୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଲନ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାକୁ ଆବେଦନ କରିବା ସନ୍ଦେହ ସୃଷ୍ଟି କରିଛି। ସେ ଜଣେ ସଚ୍ଚୋଟ ଓ ଜ୍ଞାନୀ ଅଫିସର, ସିଏ ଆମ ଜିଲ୍ଲାର ଜିଲ୍ଲାପାଳ ଥିଲେ। ତାଙ୍କୁ ମୁଁ ଭଲ ଭାବେ ଜାଣିଛି। ତାଙ୍କ ଭଳି ନୈତିକତା ଓ କର୍ତ୍ତବ୍ୟପରାୟଣ ଥିବା ଅଫିସର ବିରଳ । ସମ୍ଭବତଃ ଜ୍ଞାନେଶ କୁମାର, କେନ୍ଦ୍ର ସରକାର ଅବା ରାଜ୍ୟ ସରକାର ଏସଆଇଆରକୁ ନେଇ ଅନୈତିକ ଚାପ ପ୍ରୟୋଗ କରିଥାଇପାରନ୍ତି। ଏଥିପାଇଁ ବାଧ ହୋଇ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥାଇ ପାରନ୍ତି ବୋଲି ଶ୍ରୀ ଦାସ ଆଶଙ୍କା କରିଛନ୍ତି।

ସେହିପରି ପିସିସି ଉପସଭାପତି ଡଃ ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ ସନ୍ତ ଗୋପାଲନଙ୍କ ଉପରେ ବେଆଇନ କାମ କରିବା ପାଇଁ ଚାପ ସୃଷ୍ଟି ହୋଇଛି, ଯାହା ତାଙ୍କ ନୈତିକତା ବାହାରେ। ତେଣୁ ସେ ଅବସର ନେବାପାଇଁ ବାଧ ହୋଇଛନ୍ତି। ପୂର୍ବରୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ମଧ୍ୟ ସ୍ୱେଚ୍ଛାକୃତ ଚାକିରି ତ୍ୟାଗ କରିଛନ୍ତି। ବିଜେପିର ଡବଲ ଇଞ୍ଜିନ ସରକାରର ବୋଲକରା, ଖୋସାମଦକାରୀ, ଲାଞ୍ଚୁଆ, ଦୁର୍ନୀତିଯୁକ୍ତ ଓ ବିଭିନ୍ନ କେଶରେ ଚାପିହୋଇ ରହିଥିବା ଭୟଗ୍ରସ୍ତ ଅଫିସର କେବଳ ରହିବେ। ଭବିଷ୍ୟତରେ ସଚ୍ଚୋଟ, ନିର୍ଭୀକ ଓ କର୍ତ୍ତବ୍ୟପରାୟଣ ସବୁ ଅଫିସର ଗୋଟି ଗୋଟି ହୋଇ ଚାକିରି ଛାଡ଼ିବେ। ମୁଖ୍ୟମନ୍ତ୍ରୀଙ୍କ କଥା ମନ୍ତ୍ରୀ ମାନୁ ନାହାନ୍ତି, ମନ୍ତ୍ରୀଙ୍କ କଥା ବିଧାୟକ ଶୁଣୁନାହାନ୍ତି। ଏହି ଅନୈତିକ ଶାସନରେ କୌଣସି ସଚ୍ଚୋଟ ଅଫିସର ଆଉ କାର୍ଯ୍ୟ କରିବାକୁ ମଙ୍ଗୁନାହାନ୍ତି। ସନ୍ତ ଗୋପାଲନ ଏଭଳି ଏକ ସମୟରେ କାହିଁକି ସ୍ୱେଚ୍ଛାକୃତ ଅବସର ଘୋଷଣା କରିଛନ୍ତି ତାହା ନିଶ୍ଚୟ ଏସଆଇରକୁ ନେଇ ପ୍ରବଳ ଚାପ ହୋଇଥିବ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଭୋଟର କାଟିବା, ଯୋଡ଼ିବା ଘଟଣାର ତଦନ୍ତ ହେଉ: ବିଜେଡି

ଭୁବନେଶ୍ୱର,୦୧।୧୦(ସମିସ): ରାଜ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ବିଶେଷକରି ରାଜ୍ୟରେ ସଦ୍ୟ ସମାପ୍ତ ଏସଆଇଆର ପ୍ରକ୍ରିୟାରେ ଅନେକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବେଳେ ଅନେକ ଅଯୋଗ୍ୟ ଭୋଟର ତାଲିକାରେ ଯୋଡ଼ି ହୋଇଛନ୍ତି। ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ଦଳର ସାଧାରଣ ସମ୍ପାଦକ ବିଜୟ ନାୟକ କହିଛନ୍ତି ଯେ ଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ବର୍ତ୍ତମାନ ବିବାଦ ଘେରରେ ଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱେଚ୍ଛାକୃତ ଅବସର ଘଟଣା ସନ୍ଦେହ ଘେରରେ ରହିଛି। କେନ୍ଦ୍ରାପଡ଼ା ସମେତ ଧାମନଗର ଆଦି ସ୍ଥାନରେ ଏସଆଇଆର ପ୍ରକ୍ରିୟାରେ ଅନିୟମିତତା ଥିବା ନେଇ ଅଭିଯୋଗ ପରେ ମଧ୍ୟ ପଦକ୍ଷେପ ଶୂନ। ଏସଆଇଆର ପ୍ରକିୟା ନେଇ ଦେଶର ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ ଜଣାଇବା ପରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ରାଜ୍ୟର ୨୭ ଲକ୍ଷ ୫୦ ହଜାର ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। କେତେ ଯୋଗ୍ୟ ଓ ଅଯୋଗ୍ୟ ଭୋଟର୍ ବାଦ୍ ପଡିଲେ, ସେ ନେଇ ତଥ୍ୟ ମାଗିବା ପରେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ । ବିଜେଡି ପକ୍ଷରୁ ବାରମ୍ବାର ଅଭିଯୋଗ ଓ ଦାବିପତ୍ର ପରେ ମଧ୍ୟ ପଦକ୍ଷେପ ଶୂନ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ଅନେକ ଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଗୋଟିଏ ସମୁଦାୟକୁ କାଟିବା ପାଇଁ ଧାମନଗର ଓ ଅନ୍ୟ ଜିଲ୍ଲାରେ ପ୍ରୟାସ କରାଯାଇଛି, ବିଜେପି ସରକାର ଚାପରେ ଏହା କରାଯାଇଛି । ଯାହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନ୍ୟ ବାଟ ନପାଇ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବାକୁ ବାଧ ହୋଇଛନ୍ତି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## ନନ୍ଦନକାନନରେ ବଡ଼ ଅଦଳବଦଳ

# ଜନ୍ତୁ ବିଭାଗ ଏସିଏଫ୍ କ୍ୟୁରେଟରଙ୍କ ବଦଳି

ବାରଙ୍ଗ, ୧।୧୦(ସମିସ): ରାଜ୍ୟର ଗୌରବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ-କମ୍-କ୍ୟୁରେଟରଙ୍କ ବଦଳି ହୋଇଛି। ବାରମ୍ବାର ଜନ୍ତୁ ମୃତ୍ୟୁ ଏବଂ ପରିଚାଳନାଗତ ଅବହେଳା ଅଭିଯୋଗ ପରେ ଏହି ବଦଳିକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବନ ବିଭାଗ ତରଫରୁ ମେମୋ ନମ୍ବର ୨୨୯୩୯ରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ -କମ୍-କ୍ୟୁରେଟର ରୁଦ୍ର ରଥଙ୍କୁ ନୟାଗଡ଼ ବନଖଣ୍ଡକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୟାଗଡ଼ରୁ ଏସିଏଫ ସତ୍ୟଜିତ କର ନନ୍ଦନକାନନ ଜନ୍ତୁ ବିଭାଗ କ୍ୟୁରେଟର ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ବନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ସୂଚନା ଅନୁସାରେ, ଗତ କିଛି ମାସ ମଧ୍ୟରେ ନନ୍ଦନକାନନରେ କ୍ୱାରେଣ୍ଟାଇନ୍‌ରେ ଥିବା ବିଭିନ୍ନ ପ୍ରଜାତିର ଜନ୍ତୁଙ୍କ ମୃତ୍ୟୁ ଘଟିଛି। କେତେକ ନୂଆ ଜନ୍ତୁକୁ ପର୍ଯ୍ୟଟକ ଦେଖିବା ପୂର୍ବରୁ ମୃତ୍ୟୁବରଣ କରିଛନ୍ତି। ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଅଭିଯୋଗ ହେଉଥିଲା, ଜନ୍ତୁଙ୍କ ଯତ୍ନ, ଖାଦ୍ୟ, ଚିକିତ୍ସା ଏବଂ କ୍ୱାରେଣ୍ଟାଇନ୍ ପରିଚାଳନାରେ ଗୁରୁତର ତ୍ରୁଟି ରହିଛି। ଜନ୍ତୁଙ୍କ ରୋଗ ଚିହ୍ନଟ, ଚିକିତ୍ସା, କର୍ମଚାରୀଙ୍କ ସମନ୍ୱୟ ରକ୍ଷା ଆଦି କ୍ଷେତ୍ରରେ ଅବହେଳାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା। ତେବେ, ଦାୟିତ୍ୱରେ ଥିବା କାର୍ଯ୍ୟରତ ଏସିଏଫ୍‌ଙ୍କ ବଦଳିକୁ ନେଇ ଏବେ ଏହି ଅଭିଯୋଗ ଉପରେ ଚର୍ଚ୍ଚା ଓ ସନ୍ଦେହ ଆହୁରି ତୀବ୍ର ହେବାରେ ଲାଗିଛି। କେବଳ ଅଧିକାରୀ ବଦଳିରେ ସମସ୍ୟା ସମାଧାନ ହେବ ନାହିଁ। ନନ୍ଦନକାନନର ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତା, ବୈଜ୍ଞାନିକ ଯତ୍ନ ପଦ୍ଧତି ଏବଂ ଉତ୍ତରଦାୟିତ୍ୱ ନିଶ୍ଚିତ ନହେଲେ ଆଗକୁ ଏଭଳି ଅଭିଯୋଗ ବଢ଼ିବା ଆଶଙ୍କା ରହିଛି ବୋଲି ମତ ପ୍ରକାଶ ପାଇଛି।

ବାରମ୍ବାର ଜନ୍ତୁ ମୃତ୍ୟୁ ଓ ପରିଚାଳନା ତ୍ରୁଟିକୁ ନେଇ ଉଠିଥିଲା ପ୍ରଶ୍ନ

# ଝାଡ଼ାବାନ୍ତିରେ ୨ ମୃତ, ୬ ଆକ୍ରାନ୍ତ

ସାନଖେମୁଣ୍ଡି,୧।୧୦(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତ ରେ ଝାଡ଼ାବାନ୍ତି ଆତଙ୍କ ଖେଳାଇଛି। ଏହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା କାରଣରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୬ ଜଣ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଆକ୍ରାନ୍ତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକ ଦ୍ୱୟ ହେଲେ ପୋଡ଼ାମାରି ପଞ୍ଚାୟତ ମାର୍ଥାପୁର ଗ୍ରାମର ସୁରେନ୍ଦ୍ର ମଲ୍ଲିକ ଓ ରାଜନାପଲ୍ଲୀ ଗ୍ରାମର ସମ୍ବାରୁ ମଲିକ। ଆହତମାନେ ହେଲେ ମାର୍ଥାପୁର ଗ୍ରାମର ରଘୁନାଥ ମଲ୍ଲିକ, ରୁନି ମଲ୍ଲିକ, ଜାଇଲ ମଲ୍ଲିକ, ଅନନ୍ତ ମଲ୍ଲିକ। ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଉଛି। ଏହା ସହିତ ଗାଁରୁ ପାନୀୟ ଜଳ ଏବଂ ଅନ୍ୟାନ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାଅନୁଯାୟୀ, ଆକ୍ରାନ୍ତବ୍ୟକ୍ତିମାନେ ଏକ ଭୋଜିରେ ଯୋଗ ଦେବା ପାଇଁ ପୋଡ଼ାମାରି ଯାଇଥିଲେ। ପ୍ରାୟ୧୫ ଦିନ ତଳେ ମାର୍ଥାପୁର ଗାଁର ଜଣେ ବ୍ୟକ୍ତି ଏକ ଏକାଦଶାହ ଭୋଜିରେ ଯୋଗ



ଦେବାର ଦୁଇ ଦିନ ପରେ ପ୍ରାଣ ହରାଇଥିଲେ। ତେବେ ଏହି ଅସୁସ୍ଥତା ଏବଂ ମୃତ୍ୟୁର କାରଣ ଭୋଜି ଖାଦ୍ୟ ନା ଦୂଷିତ ଜଳ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଲାବୋରେଟୋରୀ ପରୀକ୍ଷା ରିପୋର୍ଟ ଆସିବା ପରେ ହିଁ ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ବିଜେପି ସରକାରରେ ଏସସିବି ପାଲଟିଛି ନିର୍ଯାତନା ହବ୍ : ବିଜେଡି

ଭୁବନେଶ୍ୱର,୧।୧୦(ସମିସ): ଏସସିବିକୁ ବିଶ୍ୱସ୍ତରୀୟ ହସ୍ପିଟାଲ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୫ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ବିଜେପି ସରକାରଙ୍କ ଅପାରଗତା ପାଇଁ ଆଜି ଏସସିବି ସେବା ବଦଳରେ ନିର୍ଯାତନା ହବ୍ ପାଲଟିଛି ବୋଲି ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ଏସସିବିରେ ରୋଗୀଙ୍କୁ ପିଟି ପିଟି ମାରିଦେବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏସସିବି ହେଉଛି ରାଜ୍ୟର ଏକ ପ୍ରମୁଖ ଚିକିତ୍ସା ଅନୁଷ୍ଠାନ, ଯେଉଁଠି ରାଜ୍ୟ ଓ ରାଜ୍ୟ ବାହାରୁ ଲୋକେମାନେ ଚିକିତ୍ସା ପାଇଁ ଆସିଥାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ବିଶ୍ୱସ୍ତରୀୟ ଏମ୍ସ ପ୍ଲସ ହସ୍ପିଟାଲ କରିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ବିଜେପି ସରକାରଙ୍କ ଅପାରଗତା ପାଇଁ ସାରା ଦେଶରେ ଏସସିବି ନିନ୍ଦିତ ହେଉଛି। ଏସସିବିରେ ଲୋକେ ସେବା ବଦଳରେ ନିର୍ଯାତନା ପାଉଛନ୍ତି । ମାନସିକ ଚିକିତ୍ସା ପାଇଁ ଆସିଥିବା ରୋଗୀକୁ ସୁରକ୍ଷାକର୍ମୀ ମାନେ ଶୌଚାଳୟରେ ବନ୍ଦ କରି ପିଟିପିଟି ମାରିଦେଲେ; କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣା ବାବଦରେ ଜାଣିପାରିଲେ ନାହିଁ । ଗତ ମାର୍ଚ୍ଚ ମାସରେ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୧୩ଟି ଅମୂଲ୍ୟ ଜୀବନ ଚାଲିଗଲା, କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହି ଘଟଣାରେ କାହାକୁ ଉତ୍ତରଦାୟୀ କରାଗଲାନି। ହସ୍ପିଟାଲ ଅଧକ୍ଷ ଏଥିପାଇଁ ଦାୟୀ ଥିବାବେଳେ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା। ଏତେ ବଡ ଘଟଣା ଘଟିବା ପରେ ବି ରାଜ୍ୟ ସରକାର ଚୁପ ବସିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣା ବାବଦରେ ସ୍ୱାସ୍ଥ୍ୟମନ୍ତ୍ରୀ ଚୁପ୍ ନ ରହି ସ୍ପଷ୍ଟୀକରଣ ଦିଅନ୍ତୁ ଓ ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଛନ୍ତି ।



ଘଟଣାରେ ରାଜ୍ୟ ସରକାର ଚୁପ ରହିବା ଅତ୍ୟନ୍ତ ନିନ୍ଦନୀୟ

ଦଳର ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି ଯେ ଏସସିବି ହସ୍ପିଟାଲରେ ପିଟି ପିଟି ରୋଗୀକୁ ମାରିଦେବା ଘଟଣା ଓ ଏସଆଇଆର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ କାର୍ଯ୍ୟ ସନ୍ଦେହ ସୃଷ୍ଟି କରୁଛି। ସେବା ପାଇଁ ଆସିଥିବା ରୋଗୀକୁ ପିଟି ପିଟି ମାରିଦେବା ରାଜ୍ୟ ପାଇଁ ଲଜ୍ଜାଜନକ ଘଟଣା। ଏସସିବି ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ଚୂଡାନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଆସିପାରିଲା ନାହିଁ। ବିଜେଡି ଶାସନ ସମୟରେ ଯେତେବେଳେ ଏକ ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣା ଘଟିଥିଲା, ସେତେବେଳର ସ୍ୱାସ୍ଥ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। କିନ୍ତୁ ବର୍ତ୍ତମାନର ବିଜେପି ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଚୁପ୍ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସାଧାରଣ ସମ୍ପାଦକ ବିଜୟ ନାୟକ ଉପସ୍ଥିତ ଥିଲେ ।

## ହାଇକୋର୍ଟରେ ବିଚାରପତି ଅଭାବ ନେଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ

# ମାମଲା ଲଢ଼ିଲେନି ଆଇନଜୀବୀ; ଶୁଣାଣି ବନ୍ଦ

କଟକ,୧।୧୦(ସମିସ): ଓଡ଼ିଶା ହାଇକୋର୍ଟରେ ମୋଟ ୩୩ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦ ଥିବା ବେଳେ ଏବେ ୧୮ଟି ବିଚାରପତି ପଦ ଖାଲି ପଡିଛି। ସେହିଭଳି ଆସନ୍ତା ନଭେମ୍ବର ବେଳକୁ ଦୁଇ ବିଚାରପତିଙ୍କ ଅବସର ପରେ ଖାଲି ପଦ ସଂଖ୍ୟା ୨୦କୁ ବୃଦ୍ଧି ପାଇବ। ସୁପ୍ରିମକୋର୍ଟ କଲେଜିୟମ ଗତ ଅଗଷ୍ଟ ୧୮ରେ ୪ଜଣ ଆଇନଜୀବୀଙ୍କୁ ଓଡିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ କରିଥିଲେ ସୁଦ୍ଧା ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ନେଇ ଆଜି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଛି ଓଡିଶା ହାଇକୋର୍ଟ ବାର ଆସୋସିଏସନ। ବାର ଆସୋସିଏସନ ସଭାପତି ଲଲାଟେନ୍ଦୁ ସାମନ୍ତରାୟଙ୍କ ନେତୃତ୍ୱରେ ସହସ୍ରାଧିକ ଆଇନଜୀବୀ ଆଜି କାର୍ଯ୍ୟରେ ଯୋଗ ନଦେଇ ଭୁବନେଶ୍ୱର କ୍ଲବ ନିକଟରୁ ଶୋଭାଯାତ୍ରାରେ ଲୋକସେବା ଭବନ ଯାଇ ଏ ସଂକ୍ରାନ୍ତରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ନଥିବାରୁ ତାଙ୍କ ଓଏସଡିଙ୍କୁ ସ୍ମାରକପତ୍ର ହସ୍ତାନ୍ତର କରାଯାଇଥିଲା।

ଆଜି ଓକିଲମାନେ ମାମଲା ଶୁଣାଣି ବେଳେ ଅନୁପସ୍ଥିତ ରହିବାରୁ ହାଇକୋର୍ଟରେ ମାମଲା ଶୁଣାଣି ହୋଇପାରିନାହିଁ। ହାଇକୋର୍ଟ ବାରର ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଖଣ୍ଡପୀଠରେ ମାମଲା ଶୁଣାଣିକୁ ଘୁଞ୍ଚାଯାଇଥିଲା। ଅଦାଲତ ହାଇକୋର୍ଟରେ ମାମଲା ସଂଖ୍ୟା ବୃଦ୍ଧି ପାଇଚାଲିଥିବା ବେଳେ ଆଜି ସୁଦ୍ଧା ୧ ଲକ୍ଷ ୭୪ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଛି। ବିଚାରପତି ପଦ ଖାଲି ପଡିବା କାରଣରୁ ମାମଲା ଶୁଣାଣି ଗୁରୁତର ପ୍ରଭାବିତ ହୋଇଛି। ନୂତନ ଭାବେ ଦାଖଲ ହେଉଥିବା ତଥା ଜରୁରୀ ମାମଲାଗୁଡ଼ିକ ଶୁଣାଣି ପାଇଁ ତାଲିକାଭୁକ୍ତ ହେବାରେ ବିଳମ୍ବ ହେଉଛି। ଏହାଦ୍ୱାରା ଆଇନଜୀବୀ ଓ ମହକିଲମାନେ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାଇକୋର୍ଟରେ ଖାଲି ବିଚାରପତି ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ବାର ପକ୍ଷରୁ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ସଭାପତି ଶ୍ରୀ ସାମନ୍ତରାୟଙ୍କ ସମେତ ଉପସଭାପତି ପ୍ରଦୀପ ମହାପାତ୍ର, ସମ୍ପାଦକ ହୃଦାନନ୍ଦ ମହାପାତ୍ର ଓ ବହୁ ଆଇନଜୀବୀ ଯୋଗ ଦେଇଥିଲେ।




ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ସମୟ ଅତିବାହିତ ହେବ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଜାଗା ତଥା ଯାନବାହାନ କିଣିପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ। ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୯୦୬- ପ୍ରସିଦ୍ଧ ଚିତ୍ରକର ରାଜା ରବି ବର୍ମାଙ୍କ ଦେହାନ୍ତ।
- ୧୯୬୧- ବମ୍ବେରେ 'ସିଫି କର୍ପୋରେସନ୍ ଅଫ୍ ଇଣ୍ଡିଆ'ର ଗଠନ।
- ୧୯୮୨- ତେହେରାନ୍ ବୋମା ବିସ୍ଫୋରଣରେ ୬୦ ମୃତ, ୭୦୦ ଆହତ।
- ୨୦୦୭- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ଦ୍ୱିତୀୟ ଶିଖର ବୈଠକ ସଂପନ୍ନ ହେଲା।



# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଅକ୍ଟୋବର ୨, ଭାରତୀୟମାନଙ୍କ ପାଇଁ ଏକ ସ୍ମରଣୀୟ ଦିନ। ଏହି ଦିନ ଭାରତବର୍ଷରେ ଜନ୍ମଗ୍ରହଣ କରିଥିଲେ ଦୁଇଜଣ ମହାନ୍ ନେତା । ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ । ଏହି ଦୁଇ ମହାପୁରୁଷଙ୍କ ଚିନ୍ତାଧାରା ଓ ଜୀବନଶୈଳୀ ଆଜି ବି ପ୍ରତିଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ୧୮୬୯ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ । ହାତରେ ଏକ ବାଡ଼ି, ଆଖିରେ ଚଷମା ଏବଂ ଶରୀରରେ ଖଣ୍ଡିଏ ସାଧାରଣ ଖଦଡ଼ ଧୋତି-ଏତିକି ଥିଲା ସେହି ମହାମାନବଙ୍କର ସମ୍ବଳ। ହେଲେ ଏହି ଆଧାତ୍ମିକ ସରଳତା ସାମ୍ନାରେ ଦିନେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ମଥାନତ କରିବାକୁ ବାଧ ହୋଇଥିଲା। ଗାନ୍ଧୀଜୀ ବିଶ୍ୱକୁ ଦେଖାଇଥିଲେ ଯେ, ଯୁଦ୍ଧ ଜିତିବା ପାଇଁ କମାଣ କିମ୍ବା ବନ୍ଧୁକର ଆବଶ୍ୟକତା ନାହିଁ, ବରଂ ଆତ୍ମବଳ ଓ ନୈତିକ ସାହସ ହିଁ ସବୁଠାରୁ ବଡ଼ ଅସ୍ତ୍ର। ବାପୁ ଥିଲେ ଜଣେ ଯୁଗପୁରୁଷ, ଯିଏ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ବିନା କୌଣସି ଅସ୍ତ୍ରଶସ୍ତ୍ରରେ କେବଳ ନୈତିକ ବଳରେ ସଂଗ୍ରାମ କରି ଜୟଯୁକ୍ତ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମର ଶୈଳୀ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେ ହିଂସା କିମ୍ବା ରକ୍ତପାତରେ ବିଶ୍ୱାସ କରୁନଥିଲେ। ସତ୍ୟ, ଅହିଂସା ଏବଂ ସତ୍ୟାଗ୍ରହ ଥିଲା ତାଙ୍କ ଲଢ଼େଇର ମୁଖ୍ୟ ଅସ୍ତ୍ର। ତାଙ୍କର ଏହି ନିଆରା ସଂଗ୍ରାମ ପଦ୍ଧତି ପରବର୍ତ୍ତୀ ସମୟରେ ନେଲସନ ମାଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ୍‌ଙ୍କ ଭଳି ବିଶ୍ୱ ନେତାମାନଙ୍କୁ ପ୍ରେରଣା ଦେଇଥିଲା। ଗାନ୍ଧିଜୀଙ୍କ ଅହିଂସା ନୀତି ଆଗରେ ସେଦିନର ସାମ୍ରାଜ୍ୟବାଦୀ ବ୍ରିଟିଶ୍ ସେନାର ଶକ୍ତି ହାର୍ ମାନିବାକୁ ବାଧ ହୋଇଥିଲା। ସେହି ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ସବୁଆଡ଼େ ତାଙ୍କ ଜୟନ୍ତୀ ପାଳନ କରାଯାଉଛି। ଗାନ୍ଧୀଙ୍କ ଅହିଂସାର ମାର୍ଗକୁ ମନେ ପକାଇବା ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମଦିନକୁ 'ଅନ୍ତର୍ଜାତୀୟ ଅହିଂସା ଦିବସ' ଭାବେ ପାଳନ କରାଯାଉଛି । ସେହିପରି ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ୧୯୦୪ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟିବେଳୁ ସେ ବେଶ୍ ନମ୍ର, ଶାନ୍ତ ଓ ସରଳ ଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ଦେଶ ସ୍ୱାଧୀନ ହେବା ପରେ ଜବାହାରଲାଲ ନେହରୁଙ୍କ ମନ୍ତ୍ରିମଣ୍ଡଳରେ ରେଳମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ଶାସ୍ତ୍ରୀଜୀ। ପରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇଥିଲେ ସେ । ତାଙ୍କ ସ୍ଲୋଗାନ 'ଜୟ ଜବାନ ଏବଂ ଜୟ କିଶାନ' ଆଜି ଦେଶବାସୀଙ୍କ ପାଇଁ ଅମର ହୋଇ ରହିଛି। ସେ ୧୯୬୫ର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଦେଶକୁ ସମ୍ଭାଳି ଥିଲେ ଏବଂ ସେନାକୁ ସଠିକ୍ ମାର୍ଗଦର୍ଶନ ଦେଖାଇଥିଲେ । ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ସ୍ଥାନ ଦ୍ୱିତୀୟ ଥିଲେ ବି ତାଙ୍କ ଶାସନ ଅଦ୍ୱିତୀୟ ଥିଲା। ଏହି ଦୁଇ ମହାପୁରୁଷଙ୍କୁ ଜନ୍ମ ଜୟନ୍ତୀରେ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଉଛି ସାରା ଦେଶ। ଗାନ୍ଧୀ ଏବଂ ଶାସ୍ତ୍ରୀ- ଦୁହିଁଙ୍କ ମଧ୍ୟରେ ଅନେକ ଆଧାତ୍ମିକ ଓ ବିଚାରଗତ ସାମଞ୍ଜସ୍ୟ ଥିଲା। ଦୁହେଁ ଅତି ସରଳ ଜୀବନଯାପନ କରୁଥିଲେ, ଦୁହିଁଙ୍କ ଭିତରେ ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ କରିବାର ଅଦମ୍ୟ ଭାବନା ଥିଲା ଏବଂ ଦୁହେଁ ସ୍ୱଦେଶୀ ଚିନ୍ତାଧାରା ଉପରେ ବିଶ୍ୱାସ କରୁଥିଲେ।

# ୧୭ ବର୍ଷ ପରେ ବାଲ୍‌କି-ବିଦ୍ୟା ଏକାଠି



ବଲିଉଡ୍‌ର ଅନ୍ୟତମ ପ୍ରତିଭାଶାଳୀ ଅଭିନେତ୍ରୀ ବିଦ୍ୟା ବାଲାନ୍ ସବୁବେଳେ ନିଜର ନିଖୁଣ ଅଭିନୟ ପାଇଁ ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ନିକଟରେ ସେ ନିଜର ଆଗାମୀ ଚଳଚ୍ଚିତ୍ର ସମ୍ପର୍କରେ ଘୋଷଣା କରି ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ବିଦ୍ୟା ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଆର୍. ବାଲ୍‌କିଙ୍କ ଫିଲ୍ମରେ ପୁଣି ଥରେ ନଜର ଆସିବାକୁ ଯାଉଛନ୍ତି। ପ୍ରାୟ ୧୭ ବର୍ଷ ପରେ ବାଲ୍‌କିଙ୍କ ସହ ବିଦ୍ୟା କାମ କରୁଥିବାରୁ ଏନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ୨୦୦୯ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଚଳଚ୍ଚିତ୍ର 'ପା'ରେ ବିଦ୍ୟା ଏବଂ ବାଲ୍‌କି ପ୍ରଥମ ଥର ପାଇଁ ଏକାଠି କାମ କରିଥିଲେ। ଏହି ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନ ଓ ଅଭିଷେକ ବଚ୍ଚନଙ୍କ ସହ ବିଦ୍ୟାଙ୍କ ଅଭିନୟ ବେଶ୍ ପ୍ରଶଂସିତ ହୋଇଥିଲା। ଏହାପରେ ପ୍ରାୟ ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏହି ଯୋଡ଼ି ପୁଣି ଏକାଠି ହୋଇନଥିଲେ। ଏବେ ଏକ ନୂଆ ତାମିଲ ଫିଲ୍ମ ଜରିଆରେ ଉଭୟ ଏକାଠି କାମ କରିବାକୁ ଯାଉଛନ୍ତି। ବିଶେଷ କଥା ହେଉଛି, ହିନ୍ଦୀ ସିନେମାରେ ଅନେକ ହିଟ୍ ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଆର୍. ବାଲ୍‌କିଙ୍କର ଏହା ପ୍ରଥମ ତାମିଲ ଚଳଚ୍ଚିତ୍ର ହେବ। ଇନଷ୍ଟାଗ୍ରାମ୍‌ରେ ବିଦ୍ୟା ଏହି ଫିଲ୍ମର ସେଟ୍‌ରୁ ଦୁଇଟି ଫଟୋ ସେୟାର କରିଛନ୍ତି। ପ୍ରଥମ କଳା-ଧଳା ଫଟୋରେ ସେ ଏକ ସୋଫାରେ ବସିଥିବାର ଦେଖାଯାଇଛନ୍ତି, ଯେଉଁଥିରେ ସେ ଲେଖିଛନ୍ତି- "ପାଗଳାମି ଆରମ୍ଭ ହେବା ପୂର୍ବରୁ ଏକ ଶାନ୍ତ ମୂହୁର୍ତ୍ତ।" ଦ୍ୱିତୀୟ ଫଟୋରେ ସେ ହାତରେ ସ୍କ୍ରିପ୍ଟ ଧରି, ଆଖିରେ ଚଷମା ଏବଂ ଲମ୍ବା ବେଣୀ ପକାଇଥିବା ଲୁକ୍‌ରେ ନଜର ଆସିଛନ୍ତି, ଯେଉଁଥିରେ କ୍ୟାପସନ ରହିଛି- "ନୂଆ ଆରମ୍ଭ ।" ଏହି ପୋଷ୍ଟ ସାମ୍ନାକୁ ଆସିବା ପରେ ଫିଲ୍ମର କାହାଣୀ ଓ ବିଦ୍ୟାଙ୍କ ଚରିତ୍ରକୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି। କେବଳ ବାଲ୍‌କିଙ୍କ ଫିଲ୍ମ ନୁହେଁ, ବରଂ ବିଦ୍ୟାଙ୍କ ହାତରେ ଆହୁରି ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ସେ ସୁପରଷ୍ଟାର ରଜନୀକାନ୍ତଙ୍କ ବହୁପ୍ରତୀକ୍ଷିତ ଆକ୍ସନ ଥ୍ରୀଲର 'ଜେଲର ୨'ରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଏହା ସହିତ ଅକ୍ଷୟ କୁମାରଙ୍କ ସହ ନିର୍ଦ୍ଦେଶକ ଅନିସ୍ ବାଜ୍‌ମୀଙ୍କର ଏକ କମେଡି ଫିଲ୍ମରେ ମଧ୍ୟ ସେ ମୁଖ୍ୟ ଭୂମିକାରେ ଦେଖାଯିବେ।

# ଏୟାର ହୋଷ୍ଟେସ୍‌ରୁ ଟ୍ରକ୍ ଡ୍ରାଇଭର

ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାର ସରକାଘାଟ ଅନ୍ତର୍ଗତ ଖୁଦଲା ଗାଁର ୨୫ ବର୍ଷୀୟା ନେହା ଠାକୁର ଆଜି କେବଳ ନିଜ ରାଜ୍ୟ ନୁହେଁ, ବରଂ ସାରା ଦେଶ ପାଇଁ ନାରୀ ଶକ୍ତିର ଏକ ବଡ଼ ଉଦାହରଣ ସାଜିଛନ୍ତି। ସେ ଏବେ ହିମାଚଳ ପ୍ରଦେଶର ପ୍ରଥମ ମହିଳା ଟ୍ରକ୍ ଡ୍ରାଇଭର। ଗ୍ରାଜୁଏସନ ଶେଷ କରିବା ପରେ, ନେହା ନିଜର କ୍ୟାରିୟର ଗଢ଼ିବା ପାଇଁ ଚଣ୍ଡିଗଡ଼ ଯାଇଥିଲେ ଏବଂ ସେଠାରେ ଏୟାର ହୋଷ୍ଟେସ୍ ହେବା ପାଇଁ ତାଲିମ୍ ନେଉଥିଲେ। ହେଲେ କୋଭିଡ୍-୧୯ ମହାମାରୀ ତାଙ୍କ ସ୍ୱପ୍ନରେ ବାଧା ସୃଷ୍ଟି କଲା। ବିମାନ ଚଳାଚଳ କ୍ଷେତ୍ର ପ୍ରଭାବିତ ହେବାରୁ ସେ ନିଜ ଗାଁକୁ ଫେରିବାକୁ ବାଧ ହେଲେ। ହେଲେ ନେହା ହାର୍ ମାନି ନ ଥିଲେ। ପିଲାଦିନରୁ ସେ ତାଙ୍କ ପିତା ମନୋଜ ଠାକୁରଙ୍କୁ ଟ୍ରକ୍ ଚଳାଉଥିବାର ଦେଖିଥିଲେ। ବେଳେବେଳେ ସେ ଟ୍ରକ୍‌ରେ ବସି ସ୍କୁଲ ମଧ୍ୟ ଯାଉଥିଲେ। ପିତାଙ୍କ ଦୀର୍ଘ ୨୦ ବର୍ଷର ଟ୍ରକ୍ ଚାଳନାକୁ ଦେଖି ତାଙ୍କ ମନରେ ମଧ୍ୟ ଷ୍ଟିଅରିଂ ଧରିବାର ଇଚ୍ଛା ଜାଗ୍ରତ ହୋଇଥିଲା। ତେଣୁ ସେ ଷ୍ଟିଅରିଂ, ଗିୟର ଏବଂ କ୍ଲଚ୍‌ର ଆଦି ଧରିବା ଶିଖିବା ଆରମ୍ଭ କଲେ। ୨୦୨୩ ମସିହାରେ ନେହା ହେଭି ମୋଟର ଭେଇକିଲ ଲାଇସେନ୍ସ ହାସଲ କଲେ। ଯେଉଁଠି ପୁରୁଷ ଡ୍ରାଇଭରମାନେ ମଧ୍ୟ ହିମାଚଳର ବିପଜ୍ଜନକ ଓ ବଙ୍କାଟେଙ୍କା ପାହାଡ଼ିଆ ରାସ୍ତାରେ ଗାଡ଼ି ଚଲାଇବାକୁ ଭୟ କରନ୍ତି, ସେଠାରେ ନେହା ନିର୍ଭୟରେ ୧୨ ଟନ୍‌ର ଟାଟା ଟ୍ରକ୍ ଧରି ବାହାରି ପଡ଼ନ୍ତି। ଘନ କୁହୁଡ଼ି, ବର୍ଷା, ଏବଂ ବିପଜ୍ଜନକ ବାଙ୍କ ଭିତରେ ସେ ନିର୍ମାଣ ସାମଗ୍ରୀ ଏବଂ କୃଷି ଜାତ ଦ୍ରବ୍ୟ ବିଭିନ୍ନ ରାଜ୍ୟକୁ ପରିବହନ କରନ୍ତି। ନେହା କେବଳ ଟ୍ରକ୍ ଚଲାନ୍ତି ନାହିଁ, ବରଂ ଜଣେ ସଫଳ କଣ୍ଟେଣ୍ଟ କ୍ରିଏଟର ଏବଂ ଟ୍ରକ୍ ବ୍ଲଗର୍ ମଧ୍ୟ। ସେ ରାସ୍ତାର ଦୈନନ୍ଦିନ ଅନୁଭୂତି, ଲୋଡିଂ-ଅନଲୋଡିଂ ଏବଂ ପାହାଡ଼ିଆ ଯାତ୍ରାର ଭିଡିଓ କରି ସୋସିଆଲ ମିଡିଆରେ ସେୟାର କରନ୍ତି। ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମରେ ତାଙ୍କର ଲକ୍ଷ ଲକ୍ଷ ଫଲୋଅର୍ସ ଅଛନ୍ତି, ଯେଉଁମାନେ ତାଙ୍କର ଏହି ସାହସିକ ଯାତ୍ରାକୁ ବେଶ ପସନ୍ଦ କରନ୍ତି।

## ସଞ୍ଜୀବନୀ

# ଯକୃତ ପ୍ରତିରୋପଣ ଏକ ସ୍ଥାୟୀ ବିକଳ୍ପ



ଯକୃତଜନିତ ସମସ୍ୟା ଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରାୟ ଔଷଧ ସେବନ କରନ୍ତି। ବେଳେ ବେଳେ ସ୍ଥିତି ଏତେ ଜଟିଳ ହୋଇଯାଏ ଯକୃତ ପୂରା ନଷ୍ଟ (ଲିଭର ଫେଲ୍ୟୁୟର୍) ହୋଇଯାଏ। ଏପରି ସ୍ଥିତିରେ ଯକୃତ ପ୍ରତିରୋପଣ ପାଇଁ ପୂର୍ବରୁ ଯକୃତ ରୋଗର ଜଟିଳତା, ରୋଗୀ ଓ ଲିଭର ଦେଉଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା, ବ୍ଲଡଗ୍ରୁପ୍ ମିଶିବା ଇତ୍ୟାଦି ଆବଶ୍ୟକ ରହିଛି। ଅଚଳ ଯକୃତ ସ୍ଥାନରେ ଏକ ସୁସ୍ଥ ଯକୃତର ଆଂଶିକ ପ୍ରତିରୋପଣ କରାଯାଇଥାଏ। ଏହାକୁ ଯକୃତ ପ୍ରତିରୋପଣ ତଥା ହେପାଟିକ୍ ଟ୍ରାନ୍ସପ୍ଲାଣ୍ଟେସନ୍ କୁହାଯାଏ। ଯକୃତ ପ୍ରତିରୋପଣ ସଠିକ୍ ଢଙ୍ଗରେ କରାଗଲେ, ଜଣେ ସ୍ୱାଭାବିକ ଭାବେ ଜୀବନ ଜିଇଁପାରନ୍ତି।

**ଯକୃତ ପ୍ରତିରୋପଣ ପରର ସତର୍କତା:** ଯକୃତ ପ୍ରତିରୋପଣ ପରର ସମୟ ସବୁଠୁ ବଡ଼ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଦୈନିକ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପଡ଼େ। ଏହାସହ ସନ୍ତୁଳିତ ଖାଦ୍ୟ ଖାଇବା, ବିଶୁଦ୍ଧ ପାଣି ପିଇବା, କଞ୍ଚାଖାଦ୍ୟ ତଥା ସାଲାଡ ନ ଖାଇବା ଆଦିକୁ ଗୁରୁତ୍ୱ ଦିଆଯାଏ। ଏହି ସମୟରେ ଅଳ୍ପ ଅଳ୍ପ କରି ବାରମ୍ବାର ଖାଇବା ଆବଶ୍ୟକ। ଶରୀରର ଜଳୀୟଅଂଶ ସନ୍ତୁଳିତ ରଖିବାକୁ ନିର୍ଦ୍ଦିଷ୍ଟ ମାତ୍ରାର ପାଣି ପିଇବା ଆବଶ୍ୟକ। ସଂକ୍ରମଣଠାରୁ ଦୁରେଇ ରହିବା ପାଇଁ ମାସ୍କ ପିନ୍ଧିବା, ଲୋକଙ୍କ ସହ ମିଳାମିଶା କମ୍ କରିବା ଉଚିତ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରିବା ଅନୁଚିତ। ଯକୃତ ପ୍ରତିରୋପଣ ପରେ ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ହୋଇଥାଏ। ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

## 'ସକାଳ'ର ସ୍ୱାସ୍ଥ୍ୟ
# ରୁବେଲା



**ରୁବେଲା ଏକ ଭୂତାଣୁ ଜନିତ ରୋଗ। ଏହି ସଂକ୍ରମଣ ମୁଖ୍ୟତଃ ସଂକ୍ରମିତ ବ୍ୟକ୍ତିଙ୍କ କାଶ, ଛିଙ୍କ, ଲାଳ ଦ୍ୱାରା ବାୟୁ ମାଧ୍ୟମରେ ବ୍ୟାପିଥାଏ। ଛୋଟ ପିଲା ଏବଂ ବୟସ୍କଙ୍କ ତୁଳନାରେ ଗର୍ଭାବସ୍ଥା ସମୟରେ ଗର୍ଭରେ ବଢ଼ୁଥିବା ଶିଶୁ ପାଇଁ ଏହା ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ।**

ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ରୁବେଲାର ଲକ୍ଷଣ ସମାନ ଦେଖାଯାଏ ନାହିଁ। ପିଲାଙ୍କ ଶରୀରରେ ଲାଲ୍ ଲାଲ୍ ଚକଳା ଫଳି ଏହା ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିଥାଏ। ଏହି ଲାଲ୍ ଚକଳା ପାଖାପାଖି ତିନିଦିନ ରହିପାରେ। ଏହାଦ୍ୱାରା ହାଲୁକା ଜ୍ୱର, ମୁଣ୍ଡବିନ୍ଧା, ଗଳା ଦରଜ, ନାକରୁ ପାଣି ବହିବା, ଆଖି ଲାଲ୍ ପଡ଼ିବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ସନ୍ଦିଗ୍ଧ ମାମଲାରେ ଡାକ୍ତରଙ୍କ ପରାମର୍ଶରେ କିଛି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ଗର୍ଭାବସ୍ଥା ଆରମ୍ଭରୁ ଜଣେ ଗର୍ଭବତୀ ମହିଳା ରୁବେଲା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ଗର୍ଭସ୍ଥ ଶିଶୁକୁ ଏହା ବ୍ୟାପିଥାଏ। ଏହାଦ୍ୱାରା ଗର୍ଭପାତ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ରୁବେଲା ଭୂତାଣୁ ପ୍ଲାସେଣ୍ଟା ମାଧ୍ୟମରେ ଗର୍ଭସ୍ଥ ଶିଶୁ ଶରୀରକୁ ପ୍ରବେଶ କରି ଜନ୍ମଗତ ତ୍ରୁଟି ଯେପରିକି ଦୃଷ୍ଟିଶକ୍ତି, ଶୁଣିବା କ୍ଷମତା ତଥା ଅନ୍ୟ ବିକାଶ ସମ୍ବନ୍ଧୀୟ ସମସ୍ୟା ହୋଇପାରେ।

**ପ୍ରତିକାର:** ଏହାର ପ୍ରତିକାର ସ୍ୱରୂପ ହେଉଛି ଟିକାକରଣ। ସାଧାରଣଭାବେ ଏମ୍‌ଏମ୍‌ଆର (ମିଳିମିଳା, ମମ୍ପସ ଏବଂ ରୁବେଲା) ଟିକା ରୂପେ ଦିଆଯାଏ। ପିଲାଙ୍କଠାରେ ଟିକାକରଣ ନିର୍ଦ୍ଧାରିତ ସମୟରେ ପୂରା କରିବା ଜରୁରି। ବିଶେଷକରି ଗର୍ଭଧାରଣ ଯୋଜନା କରୁଥିବା ମହିଳାମାନେ ରୁବେଲା ରୋଗପ୍ରତିରୋଧକ ଶକ୍ତି ଯାଞ୍ଚ କରିବା ସହ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

# କ୍ୟାନ୍‌ସରର ହୋମିଓପାଥିକ ଚିକିତ୍ସା

**କ୍ୟାନ୍‌ସର ହେଉଛି ଏକ ଗୁରୁତର ରୋଗ, ଯେଉଁଥିରେ ଶରୀରର କିଛି କୋଷ ଅନିୟନ୍ତ୍ରିତ ଭାବରେ ବଢ଼ି ଚାଲେ ଏବଂ ନିକଟସ୍ଥ ବା ଅନ୍ୟ ଅଙ୍ଗକୁ ମଧ୍ୟ ପ୍ରସାରିତ ହୋଇପାରେ। ତେବେ ହୋମିଓପାଥିରେ ମୁଖ୍ୟତଃ "ସମାନ ଲକ୍ଷଣ ଦ୍ୱାରା ସମାନ ରୋଗର ଚିକିତ୍ସା" ନୀତିକୁ ଗୁରୁତ୍ୱ ଦିଆଯାଏ। ଔଷଧଗୁଡ଼ିକୁ ବାରମ୍ବାର ଦ୍ରବୀକରଣ ଓ ଝଟକା ଦେବା ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଏ।**



ହୋମିଓପାଥିର ସିଦ୍ଧାନ୍ତ ଅନୁସାରେ, ଜୀବନଶକ୍ତି ଶରୀରର ସ୍ୱାଭାବିକ ସନ୍ତୁଳନ ରକ୍ଷା କରିଥାଏ। ଏହି ସନ୍ତୁଳନରେ ବିଘ୍ନ ଘଟିଲେ ରୋଗର ଲକ୍ଷଣ ପ୍ରକାଶ ପାଏ। ରୋଗୀର ଶାରୀରିକ, ମାନସିକ ଓ ସାଧାରଣ ଲକ୍ଷଣ ଆଧାରରେ ଔଷଧ ଚୟନ କରାଯାଏ। ଅତ୍ୟଧିକ ଦ୍ରବୀକୃତ ଔଷଧ ଶରୀରର ସ୍ୱୟଂ-ନିୟନ୍ତ୍ରଣକୁ ଉତ୍ତେଜିତ କରେ ବୋଲି ହୋମିଓପାଥିରେ ଧାରଣା ରହିଛି। ବୈଜ୍ଞାନିକ ଦୃଷ୍ଟିକୋଣରେ, କ୍ୟାନ୍‌ସରକୁ ଚିକିତ୍ସା ଓ ନିୟନ୍ତ୍ରଣ କରିବାରେ ହୋମିଓପାଥି ଔଷଧର ପ୍ରଭାବୀ ଉପଚାର ଅଛି। ଯେମିତି ଲକ୍ଷଣ ଅନୁଯାୟୀ Hydrastis, Condurango, Carcinocin, Conium Maculatum, Argentum Naitricum ଆଦି ଅନେକ ଔଷଧ ଏବେ ସଫଳତା ପ୍ରଦାନ କରୁଛି। ଏହି ଔଷଧର ନାମ ଅନୁସାରେ ରୋଗୀ କିମ୍ବା ଆତ୍ମୀୟଙ୍କ ଦ୍ୱାରା ବ୍ୟବହାର ନ କରି ଅଭିଜ୍ଞ ହୋମିଓପ୍ୟାଥିକ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ବ୍ୟବହାର କରିବା ଉଚିତ। ଆମ ରାଜ୍ୟରେ ବିଶେଷକରି ମୁଖଗହ୍ୱର କର୍କଟ, ଜରାୟୁ ଗ୍ରୀବା କର୍କଟ, ସ୍ତନ କର୍କଟ, ଯକୃତ କର୍କଟରେ ଅଧିକ ପୀଡ଼ିତ ହେଉଛନ୍ତି। ଓଡ଼ିଶାରେ ମୁଖ୍ୟତଃ କର୍କଟ ଦ୍ୱିତୀୟ ପର୍ଯ୍ୟାୟ (ବିଳମ୍ବ) ରେ ଜଣାପଡ଼େ। ଯାହାଫଳରେ ଶୀଘ୍ର ଚିକିତ୍ସା କରାଇବାରେ ଭୁଲ କରି ବସନ୍ତି ଓ ରୋଗ ତୁରନ୍ତ ବଢ଼ିଯାଏ। ତେଣୁ ଏହି ରୋଗର ଲକ୍ଷଣ ଭିତ୍ତିକ ଚିକତ୍ସା କରାଗଲେ ରୋଗୀ ସୁସ୍ଥ ହେବାର ସମ୍ଭାବନା ଅଧିକ ଥାଏ।

- ଡା. ପ୍ରକାଶ କୁମାର ମହାପାତ୍ର
କ୍ଲିନିକ୍ ମହାବୀର ଓ ରିସର୍ଚ୍ଚ ସେଣ୍ଟର, ମିତ୍ରପୁର, ବାଲେଶ୍ୱର

## ଘର ବଇଦ
# ହାତ-ପାଦ ଜ୍ୱଳା



- ନାଗେଶ୍ୱର ଫୁଲ ଚୂର୍ଣ୍ଣ ଶତଧୌତ ଘୃତ ଅଭାବେ ପୁରୁଣା ଘିଅ ସହ ମିଶାଇ ହାତ ପାଦରେ ମାଲିସ୍ କରିବେ। ପୁରୁଣା ଘିଅ ନ ମିଳିଲେ ସଜ ଘିଅରେ କରିବେ।
- କଇଞ୍ଚିକାକୁଡ଼ି ପତ୍ର ରସ ଦୁଇ ତୋଳା, ରାଶିତେଲ ଦୁଇ ତୋଳା ଏକତ୍ର କଂସାପାତ୍ରରେ ରଖି ଖରାରେ ରଖିବେ। ହାତ ସହିବା ଭଳି ଗରମ ହେଲେ ସେଥିରୁ କିଛି ମୁଣ୍ଡରେ, କିଛି ହାତ ପାପୁଲି ଓ ପାଦରେ ମାଲିସ୍ କରିବେ।
- ବରକୋଳି ପତ୍ର ରସ ହାତ ପାଦରେ ମାଲିସ କରିବେ।
- ଅମରପୋଇ ପତ୍ର ବାଟି ଲଗାଇଲେ ହାତ-ପାଦ ଜ୍ୱଳା ଦୂର ହୁଏ।
- ଅଗସ୍ତି ଫୁଲର ରସ ହାତ ଓ ପାଦରେ ମାଲିସ୍ କରିବେ।
- ଦହିଦହିକା ଗଛର ଚେର ସୁକି ଓଜନ ସେଥିରେ ସାତଟି ଗୋଲମରିଚ ମିଶାଇ ବାଟି ଖାଇବେ, ଏହିପରି ଅନ୍ତତଃ ସାତ ଦିନ ଖାଇବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ସୁସ୍ୱାସ୍ଥ୍ୟ ପାଇଁ ସୁନୁସୁନିଆ

**ସୁନୁସୁନିଆ ଶାଗ ବେଶ୍ ସ୍ୱାଦିଷ୍ଟ। ଅଧିକ ନିଦ ହେବା ପାଇଁ ଲୋକେ ଏହି ଶାଗ ଖାଇଥାନ୍ତି। ତେବେ ନିୟମିତ ସୁନୁସୁନିଆ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର।**

- ଏହା ନିଦ୍ରା, ଶୁକ୍ରବର୍ଦ୍ଧକ, ରସାୟକ, ଜ୍ୱର ଓ କୋଷ୍ଠକାଠିନ୍ୟ ଆଦି ରୋଗପାଇଁ ବେଶ୍ ହିତକର।
- ନିଦ ହେଉନଥିବା ବ୍ୟକ୍ତି ପ୍ରତିଦିନ ସୁନୁସୁନିଆ ଶାଗ ଭାଜି ଖାଇଲେ ଭଲ ନିଦ ହୋଇଥାଏ। ଏହି ଶାଗ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହୁଏ। ସେହିପରି ପିଲାଙ୍କର ଝାଡ଼ା ହେଉଥିଲେ, ଏହି ଶାଗର ରସ ସହିତ ମରିଚଗୁଣ୍ଡ ମିଶାଇ ତିନିଥର ଖାଇବାକୁ ଦେଲେ ଉପଶମ ମିଳେ।



- ସୁନୁସୁନିଆ କ୍ୱାଥରେ ଅଦାରସ ଓ ମହୁ ମିଶାଇ ଦିନରେ ତିନିଥର ଖାଇଲେ ଜ୍ୱର କମିଥାଏ।
- ସୁନୁସୁନିଆ ପତ୍ର ରସ ସାଥିରେ ଅଦା ମହୁ ଓ ମିଶ୍ରିଗୁଣ୍ଡ ମିଶାଇ ଦିନକୁ ଦୁଇଥର ସାତଦିନ ଖାଇଲେ ଅନିଦ୍ରା ସମସ୍ୟା ଓ ଝାଡ଼ା ଦୂର ହୁଏ। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଏହି ଶାଗ ଲାଭପ୍ରଦ।

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଭାରତୀୟ ପୁରୁଷ ହକି ଓ କ୍ରିକେଟ ଟିମ୍ ଫାଇନାଲରେ

ଟୋକିଓ,୧।୧୦(ଏଜେନ୍ସି)

ଭାରତର ପୁରୁଷ ଓ କ୍ରିକେଟ ଟିମ୍ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସର ସ୍ୱର୍ଣ୍ଣପଦକ ମୁକାବିଲା ବା ସ୍ୱର୍ଣ୍ଣପଦକ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ୱର୍ଣ୍ଣ ପଦକ ମୁକାବିଲା ଲାଗି ହକି ଟିମ୍ ମାଲେସିଆ ସହ ଓ କ୍ରିକେଟ ଟିମ୍ ପାକିସ୍ତାନ ସହ ଅକ୍ଟୋବର ୩ ବା ଶନିବାର ମୁକାବିଲା କରିବ। ଆସନ୍ତାକାଲି ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ମୁକାବିଲା ବା ଲସ୍ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ ସକାଶେ ଚୀନ୍ ସହ ଲଢ଼େଇ କରିବ। ପୁରୁଷ ଭଲିବଲରେ ପାକିସ୍ତାନ ନିକଟରୁ ଭାରତ ପରାଜିତ ହୋଇଛି। ଆଜି ବା ଗୁରୁବାର ଅନୁଷ୍ଠିତ ଖେଳରେ ଭାରତକୁ ୨ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ବିଜୟୀ ହୋଇଛି। ଆଜି ସୁଦ୍ଧା ଭାରତ ୧୦ଟି ସ୍ୱର୍ଣ୍ଣ, ୨୩ଟି ରୌପ୍ୟ ଓ ୩୪ଟି କାଂସ୍ୟ ସହ ମୋଟି ୬୬ଟି ପଦକ ଜିତିବାରେ ସଫଳ ହୋଇଛି। ଭାରତ ଏବେ ପଦକ ତାଲିକାର ୮ମ ସ୍ଥାନରେ ରହିଛି।

ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ପୁରୁଷ ରେସ୍‌ଲିଂ ବା କୁସ୍ତିରେ ନିତେଶ, ସେଲିଂରେ ମନୁ ଫ୍ରାନ୍ସିସ୍ ଓ ପ୍ରିନ୍ସ ନୋବଲ ରୌପ୍ୟ ପଦକ ହାସଲ କରିଛନ୍ତି। ଭାରତୀୟ ଦଳକୁ ଆଜି ୪ଟି କାଂସ୍ୟ ପଦକ ମିଳିଛି। ସ୍କ୍ୱାଶର ପୁରୁଷ ଓ ମହିଳା ଟିମ୍ ସେମିଫାଇନାଲରେ ପରାଜିତ ହେବା ଫଳରେ ଭାରତକୁ ୨ଟି କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତୀରନ୍ଦାଜୀରେ ଗଣେଶରାମ ମଣି ରତ୍ନମ, ମହିଳା ସ୍କିଫ୍ ସେଲିଂରେ ହର୍ଷିତା ତୋମାର-ଶିତଳ ବର୍ମାଙ୍କ ଯୋଡି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ହକି ଟିମ୍‌ର ନାଟକୀୟ ବିଜୟ



ପୁରୁଷ ହକିରେ ଆଜି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଗତଥରର ସ୍ୱର୍ଣ୍ଣପଦକ ବିଜେତା ଭାରତ ନାଟକୀୟ ପରିସ୍ଥିତିରେ ପାକିସ୍ତାନ ୪-୩ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଏହି ମୁକାବିଲାଟିର ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୩-୦ରେ ଆଗୁଆ ଥିଲା। ଏହା ପରେ କିନ୍ତୁ ଖେଳ ପାକିସ୍ତାନ ନିୟନ୍ତ୍ରଣରେ ରହିଥିଲା। ଯାହା ଫଳରେ ଭାରତ ଆଦୌ ଗୋଲ ସ୍କୋର କରି ପାରି ନ ଥିଲାବେଳେ ପାକିସ୍ତାନ ୩ଟି ଯାକ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲା। ଖେଳ ଆଉ ଗୋଟିଏ ମିନିଟ ବାକିଥିଲାବେଳେ ଭାରତୀୟ ଖେଳାଳିମାନେ ଗୋଲ ଦେବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ। ଖେଳ ଶେଷ ହେବାକୁ ଆଉ ୪୫ ସେକେଣ୍ଡ ବାକିଥିଲାବେଳେ ମହମ୍ମଦ୍ ରାଜାଙ୍କଠାରୁ ବଲ ଚୋରାଇନେଇ ଅଭିଷେକ ଦଳ ଲାଗି ଚତୁର୍ଥ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଫଳରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ କ୍ରମାଗତ ୨୧ଟି ମୁକାବିଲାରେ ଅପରାଜେୟ ରହିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ୨ଟି ଓ ସୁଖଜିତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପାକିସ୍ତାନର ମାମୁଦ, ସାହିଦ୍ ଓ ରାଣା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଅକ୍ଟୋବର ୩ ତାରିଖ ଦିନ ସ୍ୱର୍ଣ୍ଣପଦକ ଲାଗି ଭାରତ ସହ ମାଲେସିଆର ମୁକାବିଲା ହେବ। ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ୨-୧ ଗୋଲରେ ପରାସ୍ତ କରି ମାଲେସିଆ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇ ମାଲେସିଆ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିଥିଲା। ଆସନ୍ତାକାଲି ମହିଳା ହକିରେ ସ୍ୱର୍ଣ୍ଣପଦକ ଲାଗି ଭାରତ ଓ ଚୀନ୍ ମଧ୍ୟରେ ମୁକାବିଲା ହେବ। ୧୯୯୮ ପରେ ପ୍ରଥମଥର ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣପଦକ ଲାଗି ମୁକାବିଲା କରିବେ।

## କ୍ରିକେଟରେ ପାକିସ୍ତାନ ସହ ମୁକାବିଲା

ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ପୁରୁଷ କ୍ରିକେଟରେ କ୍ରମାଗତ ୬ଟି ମ୍ୟାଚ୍ ବାତିଲ ହେବା ପରେ ଆଜି ସେମିଫାଇନାଲ ମୁକାବିଲା ଆୟୋଜିତ ହୋଇଛି। ଆଜି ସେମିଫାଇନାଲରେ ଭାରତ ୧୨୪ ରନ୍‌ରେ ଶ୍ରୀଲଙ୍କାକୁ ଓ ୧୩ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ୬ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଅକ୍ଟୋବର ୩ ତାରିଖରେ ସ୍ୱର୍ଣ୍ଣପଦକ ଲାଗି ଭାରତ ଓ ପାକିସ୍ତାନ ମଧ୍ୟରେ, କାଂସ୍ୟ ପଦକ ଲାଗି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ପୂର୍ବରୁ ମହିଳା କ୍ରିକେଟରେ ଶ୍ରୀଲଙ୍କାକୁ ହରାଇ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇସାରିଛି।

ଆଜିର ସେମିଫାଇନାଲରେ ଝାଡଖଣ୍ଡର ଦୁଇ ଖେଳାଳି ଯଥା ଇଶାନ କିଶାନ ୪୮ ବଲ୍‌ରେ ୮୦ରନ୍ ଓ ବୈଭବ ସୂର୍ଯ୍ୟବଂଶୀ ୨୧ବଲ୍‌ରେ ୬ଚୌକା ଓ ୨ଛକା ସହ ୩୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ଭାରତର ବୋଲିଂର ଉଚିତ ମୁକାବିଲା କରି ନ ପାରି ଶ୍ରୀଲଙ୍କା ଟି-୨୦ରେ ସର୍ବନିମ୍ନ ସ୍କୋର ସହ ୯.୫ ଓଭର ଖେଳି ମାତ୍ର ୪୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ ଓ ଅଭିଷେକ ଶର୍ମା ୨ଜଣ ଲେଖାଏଁ, ୱାଶିଂଟନ ସୁନ୍ଦର ଜଣେ ଖେଳାଳିଙ୍କୁ ଆଉଟ କରିଥିଲେ। ଶ୍ରୀଲଙ୍କା ୩ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ୧୩ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୭ ୱିକେଟରେ ୧୧୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୧.୩ ଓଭରରେ ୪ ୱିକେଟ ହରାଇ ବିଜୟଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। କାଂସ୍ୟ ପଦକ ଲାଗି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ।



## ରୌପ୍ୟରେ ସନ୍ତୁଷ୍ଟ ହେଲେ ନିତେଶ



ଏସିଆନ ଗେମ୍ସ କୁସ୍ତିର ଗ୍ରୀକୋ ରୋମାନ ଶୈଳୀରେ ଆଜି ଅନୁଷ୍ଠିତ ୯୭ କିଲୋଗ୍ରାମ୍ କାଟାଗୋରୀର ଫାଇନାଲରେ ଭାରତର ନିତେଶ କୁମାର ସିୱାଚ୍ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଜାପାନର ୟୁରି ନାକାଜାଟୋ ୪-୦ରେ ଏହି ମୁକାବିଲାକୁ ଜିତିନେଇଥିଲେ। ଏହା ଫଳରେ ଭାରତର ପ୍ରଥମ ରେସଲର ଭାବେ ସ୍ୱର୍ଣ୍ଣପଦକ ଜିତିବା ସମ୍ଭବ ହୋଇପାରି ନ ଥିଲା। ଲହି ରେସଲିଂରେ ସେ ମାତ୍ର ଦ୍ୱିତୀୟ ଯୋଦ୍ଧା ଭାବେ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ପୂର୍ବରୁ ମାରୁତି ମାନେ ୬୪ ବର୍ଷ ପୂର୍ବେ ୧୯୬୨ ଜାକର୍ତ୍ତା ଏସିଆନ ଗେମ୍ସରେ ପ୍ରଥମ ତଥା ରୌପ୍ୟ ପଦକ ଜିତିଥିଲେ।

## କାଂସ୍ୟ ଜିତିଲେ ଗଣେଶ ମଣିରତ୍ନମ



ପୁରୁଷ ଇଣ୍ଡିଭିଜୁଆଲ କମ୍ପାଉଣ୍ଡ ଇଭେଣ୍ଟରେ ଭାରତର ଗଣେଶ ମଣିରତ୍ନମ ତିରମ୍ମୁର କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କାଂସ୍ୟ ପଦକ ମୁକାବିଲାରେ ଗଣେଶ ୧୧୯-୧୧୬ ପଏଣ୍ଟରେ ଭିଏତନାମର କଙ୍ଗ ଡକ୍ ନାଙ୍ଗଙ୍କୁ ପରାସ୍ତ କରିଥିଲେ। ୪ ରାଉଣ୍ଡ ମଧ୍ୟରୁ ୩ଟିରେ ୧୦ ଓ ଗୋଟିକରେ ୯ ପଏଣ୍ଟ ସ୍କୋର କରିଥିଲେ ଗଣେଶ। ଫଳରେ ଏହି ବିଭାଗରେ ପୂର୍ବରୁ ଭାରତ ୩ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏଣୁ ତୀରନ୍ଦାଜୀରେ ଭାରତ ୩ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

## ସ୍କ୍ୱାଶ୍ ଟିମ୍‌କୁ ଡବଲ କାଂସ୍ୟ





ଭାରତୀୟ ସ୍କ୍ୱାଶ ଟିମ୍‌କୁ ଡବଲ ସଫଳତା ମିଳିଛି। ଆଜି ଉଭୟ ପୁରୁଷ ଓ ମହିଳା ଟିମ୍ ସେମିଫାଇନାଲରେ ପରାଜିତ ହେବାରୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରଥମେ ମହିଳା ଦଳ ୨-୧ରେ ହଂକଂଠାରୁ ପରାଜିତ ହୋଇ କ୍ରମାଗତ ଦ୍ୱିତୀୟ ଥର ଲାଗି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଦଳରେ ଅନାହତ ସିଂ, ତନ୍‌ଭୀ ଖାନ୍ନା ଓ ଜୋସ୍ନା ଚିନ୍ନାପ୍ପା ସାମିଲ ଥିଲେ। ପୁରୁଷ ବିଭାଗରେ ଅଭୟ ସିଂ, ଭେଲାଭାନ ସେନ୍ଥିଲକୁମାର ଓ ବୀର ଛୋଟରାନୀଙ୍କୁ ନେଇ ଗଠିତ ଭାରତୟ ଟିମ୍ ସେମିଫାଇନାଲରେ ମାଲେସିଆ ନିକଟରୁ ୨-୧ରେ ହାରିଯାଇଥିଲେ। ଫଳରେ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ଇଭେଣ୍ଟରୁ ଭାରତକୁ ୫ମ ପଦକ ମିଳିଥିଲା।

## ସେଲିଂରୁ ପ୍ରିନ୍ସ-ଫ୍ରାନ୍ସିସଙ୍କ ରୌପ୍ୟ ପଦକ





ଏସିଆନ ଗେମ୍ସ ସେଲିଂରେ ଆଜି ଭାରତ ପ୍ରଥମ ପଦକ ବିଜୟୀ ହୋଇଛି। ପୁରୁଷ ସ୍କିଫ୍ ଇଭେଣ୍ଟରେ ପ୍ରିନ୍ସ ନୋବଲ ଓ ମନୁ ଫ୍ରାନ୍ସିସ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଚୀନ୍‌ର ୱେନ୍ ଜାଇଡିଙ୍ଗ ଓ ଲିଉ ଡିଆନ ପ୍ରଥମସ୍ଥାନରେ ରହି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କେରଳର ଏହି ଦୁଇ ବନ୍ଧୁ ଏକାସଙ୍ଗେ ସେନାରେ ଭର୍ତ୍ତି ହୋଇଥିଲେ। ଉଭୟ ମଧ ମଧ୍ୟପ୍ରଦେଶରେ ସେଲିଂ ଟ୍ରେନିଂ ସ୍କୁଲ୍‌ରେ ପ୍ରଶିକ୍ଷଣ ନେଇଥିଲେ। ଗତବର୍ଷ ଆବୁଧାବିରେ ଅନୁଷ୍ଠିତ ଏସିଆନ ଚାମ୍ପିଅନସିପ୍‌ରେ ଏମାନଙ୍କୁ କାଂସ୍ୟ ପଦକ ମିଳିଥିଲା।

ମହିଳା ବିଭାଗରେ ହର୍ଷିତା ତୋମାର ଓ ଶିତଳ ବର୍ମାଙ୍କୁ କାଂସ୍ୟ ପଦକ ମିଳିଛି। ଉଭୟ ପଦକ ବିଜୋ ୪୯ କାଟାଗୋରୀରେ ଏହି ପଦକ ବିଜୟୀ ହୋଇଛନ୍ତି।

## ୪୦ ବର୍ଷ ପରେ ଟେନିସରେ ପଦକ ଶୂନ

ଲନ୍ ଟେନିସର ଶେଷ ଆଶା ସୁମିତ ନାଗଲ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ପରାଜିତ ହେବା ଫଳରେ ଭାରତର ପଦକ ଆଶା ଶେଷ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ଭାରି ଟେନିସରୁ କୌଣସି ପଦକ ଜିତିବାରେ ବିଫଳ ହୋଇଛି। ଆଜି ଖେଳାଯାଇଥିବା ପୁରୁଷ ଭଲିବଲରେ ପାକିସ୍ତାନ ନିକଟରୁ ଭାରତ ପରାଜିତ ହୋଇଯାଇଛି। ଏହା ବ୍ୟତୀତ ୨୫ ମିଟର ଏୟାର ପିସ୍ତଲ, ଜୁଡୋ, ସିପକଟାକ୍ର, ତାଏକ୍ୱୋଣ୍ଡୋରେ ଭାରତକୁ ପରାଜିତ ହେବାକୁ ପଡ଼ିଛି।

**ଇରାନୀ କପ୍**

## ଅବଶିଷ୍ଟ ଭାରତକୁ ୨୩୭ ରନରେ ଅଟକାଇଲା ଜମ୍ମୁ

ଶ୍ରୀନଗର, ୧।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଇରାନୀ କପ୍‌ର ୬୩ତମ ସଂସ୍କରଣ ଗୁରୁବାରଠାରୁ ଶ୍ରୀନଗରରେ ଆରମ୍ଭ ହୋଇଛି। ରଣଜୀ ଚାମ୍ପିଅନ ଜମ୍ମୁ-କାଶ୍ମୀର ବିପକ୍ଷରେ ଅବଶିଷ୍ଟ ଭାରତୀୟ ଦଳ ଦୟନୀୟ ପ୍ରଦର୍ଶନ କରିଛି। ଏହି ପାଞ୍ଚଦିବସୀୟ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅବଶିଷ୍ଟ ଭାରତୀୟ ଦଳ ପ୍ରଥମ ପାଳିରେ ୬୮.୧ ଓଭରରେ ୨୩୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ମରଣ ରବିଚନ୍ଦ୍ରନ (୬୮ ରନ) ଓ ଓପନର୍ ଶିଖର ମୋହନ (୬୦) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୪୫, ଅଧିନାୟକ ଋଷଭ ପନ୍ତ ୧୦, ଆକାଶଦୀପ୍ ୨୨, ସାରାଂଶ ଜୈନ ୫, ମାନବ ସୁତାର ୨, ସୁଦୀପ୍ ଘରାମୀ ୮, ମୁକେଶ କୁମାର କୌଣସି ରନ ନ କରି ଅପରାଜିତ ରହିଥିଲେ। ଘରୋଇ ଦଳ ପକ୍ଷରୁ ନାସିର ମୁଜାଫର ଓ ସୁନିଲ କୁମାର ୩ଟି ଲେଖାଏ ଏବଂ ଉମର ନାଜିର ମିରଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ପାରସ ଡୋଗ୍ରାଙ୍କ ଜମ୍ମୁ-କାଶ୍ମୀର ଦଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୭ ଓଭରରେ ୨ ୱିକେଟ ହରାଇ ୨୧ ରନ କରି ସଙ୍କଟରେ ପଡ଼ିଛି। ଓପନର୍ କ୍ୱାରମ ଇକବାଲ ୧୨ ଓ ଶୁଭମ ଖଜୁରିଆ କୌଣସି ରନ ନ କରି ଖେଳୁଛନ୍ତି। ଉମର ନାଜିର ମିର ୪ ଓ ଶୁଭମ ପୁନ୍ଦିର ୧ ରନ କରି ଆଉଟ୍ ହୋଇଛନ୍ତି। ଆକାଶଦୀପ୍ ଓ ମୁକେଶ ଚୌଧୁରୀଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

■ ନିକ୍କିଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

## ଭାରତ-ଏ'ର ବୃହତ୍ ବିଜୟ

ମୋହାଲି,୧।୧୦(ଏଜେନ୍ସି): ବୈଷ୍ଣବୀ ଶର୍ମାଙ୍କ ଚତୁର ବୋଲିଂ ଓ ନିକ୍କି ପ୍ରସାଦଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଚାଲିଥିବା ଏକମାତ୍ର ମହିଳା 'ଏ' ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ୨୮୧ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବୈଷ୍ଣବୀ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ସହ ମୋଟ ୯ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। କିନ୍ତୁ ୪୪୬ ରନ୍‌ର ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୬୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ଇନିଂସରେ ନିକ୍କି ୫ ୱିକେଟ ଅକ୍ତିଆର କରି ଦଳକୁ ଜିତାଇଥିଲେ। ଏହା ପୂର୍ବରୁ ପ୍ରଥମ ଇନିଂସରେ ୯୧ ରନ୍ କରିବା ସାଙ୍ଗକୁ ୨ ୱିକେଟ ନେଇଥିବା ନିକ୍କି ପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପ୍ରିୟା ପୁନିଆ ୧୦୫ ରନ୍‌ର ଶତକୀୟ ଇନିଂସ ଖେଳିଥିଲେ। ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ୩୬୪ ଓ ୨୫୭ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ' ୧୭୬ ଓ ୧୬୪ରେ ସୀମିତ ରହିଥିଲା। ଏହା ପୂର୍ବରୁ ଖେଳାଯାଇଥିବା ଟି-୨୦ରେ ଅଷ୍ଟ୍ରେଲିଆ-ଏ' ଓ ଦିନିକିଆରେ ଭାରତ-ଏ' ସିରିଜ୍ ବିଜୟୀ ହୋଇଥିଲା।

**ଆଇସିସି ଦିନିକିଆ ବିଶ୍ୱକପ୍-୨୦୨୭**

## ଭାରତ-ପାକିସ୍ତାନ ଲଢ଼େଇ ଅକ୍ଟୋବର ୧୦ରେ

ଜୋହାନ୍ସବର୍ଗ, ୧।୧୦ (ଏଜେନ୍ସି): ଆଇସିସି ଦିନିକିଆ ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆସନ୍ତାବର୍ଷ ଅକ୍ଟୋବର ୨ ତାରିଖରୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି। ଏହାର ଠିକ୍ ବର୍ଷକ ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ରନର୍ସଅପ୍ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେହିଭଳି ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟ ଭାରତ ସହ ଏହି ଗ୍ରୁପ୍‌ରେ ରହିଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲା ଆଫଗାନିସ୍ତାନ, ସହ-ଆୟୋଜକ ଜିମ୍ବାୱେ ଓ ଏକ କ୍ୱାଲିଫାୟର ଦଳ। ସେହିଭଳି ଆୟୋଜକ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ଅନ୍ୟ ଏକ ଯୋଗ୍ୟତା ଅର୍ଜନକାରୀ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଦୁଇ ଯୋଗ୍ୟତା ଅର୍ଜନକାରୀ ଦଳ ମଧ୍ୟରେ ଅକ୍ଟୋବର ୨ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଭାରତ ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରେଲିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ବିଶ୍ୱକପର ସବୁଠୁ ହାଇଭୋଲଟେଜ୍ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୧୦ ତାରିଖରେ ଖେଳାଯିବ। ବିଶ୍ୱକପ୍‌ର ଏହି ୧୪ତମ ସଂସ୍କରଣରେ ମୋଟ୍ ୧୪ଟି ଦଳ ଭାଗନେବେ। ୧୨ଟି ଭେନ୍ୟୁରେ ମୋଟ୍ ୫୭ଟି ମ୍ୟାଚ୍ ଖେଳାଯିବ। ୨୦୨୭ ନଭେମ୍ବର ୨୧ ତାରିଖରେ ବିଶ୍ୱକପର ଫାଇନାଲ ଖେଳାଯିବ। ଭାରତର ରୋହିତ୍ ଶର୍ମା ଓ ବିରାଟ କୋହଲିଙ୍କ ଲାଗି ଏହା ଶେଷ ବିଶ୍ୱକପ୍ ହେବ ବୋଲି କୁହାଯାଉଛି।

**ଭାରତର ଖେଳସୂଚୀ-୨୦୨୭**

| | | |
|---|---|---|
| ୭।୧୦ | ବନାମ | ଅଷ୍ଟ୍ରେଲିଆ |
| ୧୦।୧୦ | ବନାମ | ପାକିସ୍ତାନ |
| ୧୪।୧୦ | ବନାମ | ଆଫଗାନିସ୍ତାନ |
| ୧୭।୧୦ | ବନାମ | କ୍ୱାଲିଫାୟର-ଏ |
| ୨୪।୧୦ | ବନାମ | ଜିମ୍ବାୱେ |
| ୧୭।୧୧ | ସେମିଫାଇନାଲ-୧ | |
| ୧୮।୧୧ | ସେମିଫାଇନାଲ-୨ | |
| ୨୧।୧୧ | ଫାଇନାଲ | |

**ଗ୍ରୁପ୍-ଏ**: ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଜିମ୍ବାୱେ, କ୍ୱାଲିଫାୟର-ଏ।
**ଗ୍ରୁପ୍-ବି**: ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, କ୍ୱାଲିଫାୟର-ବି।

# କ୍ରିକେଟ୍‌ରେ ୭ ନିୟମରେ ପରିବର୍ତ୍ତନ କଲା ଆଇସିସି

ଦୁବାଇ, ୧।୧୦ (ଏଜେନ୍ସି)

**ଏଣିକି ଦିବାଟେଷ୍ଟରେ ଖେଳାଯିବ ପିଙ୍କ୍ ବଲ୍**

ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଅନେକ ନୂତନ ନିୟମ ଜାରି କରିଛି। ଯାହା ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ନୂତନ ନିୟମ ଅକ୍ଟୋବର ୧ ପରେ ଆରମ୍ଭ ହେବାକୁଥିବା ସିରିଜ୍ ପାଇଁ ପ୍ରଯୁଜ୍ୟ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବ୍ୟାଟିଂ ସମୟରେ ସମୟ ନଷ୍ଟ କରିବା ପାଇଁ କ୍ଷେତ୍ରରକ୍ଷକ ଦଳକୁ ଏବେ ୫ ରନ୍ ବୋନସ୍ ଦିଆଯିବ। କାର୍ଯ୍ୟକାରୀ ହୋଇଥିବା ୭ଟି ପ୍ରମୁଖ ନୂତନ ନିୟମ ଉପରେ ସଂକ୍ଷେପରେ ନଜର ପକାଇବା।

୧- **ସମୟ ନଷ୍ଟ ପାଇଁ ଦଣ୍ଡ**: ଏବେ ବ୍ୟାଟିଂ ସମୟରେ ଜାଣିଶୁଣି ସମୟ ନଷ୍ଟ କରୁଥିବା ବ୍ୟାଟରଙ୍କୁ ଅମ୍ପାୟର ପ୍ରଥମେ ଚେତାବନୀ ଦେବେ। ଦ୍ୱିତୀୟଥର ଏଭଳି କଲେ ଅନ୍ତିମ ଚେତାବନୀ ଦିଆଯିବ। ତୃତୀୟ କିମ୍ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୫ ରନ୍ ବୋନସ ଆକାରରେ ଫିଲ୍ଡିଂ କରୁଥିବା ଦଳକୁ ମିଳିବ।

୨- **ଦିବା ଟେଷ୍ଟ ମ୍ୟାଚ୍‌ରେ ଗୋଲାପୀ ବଲ୍**: ଟେଷ୍ଟ କ୍ରିକେଟ୍‌ରେ ଦୁର୍ବଳ ଆଲୋକ ଯୋଗୁଁ ସୃଷ୍ଟି ହେଉଥିବା ବାଧାକୁ ଏଡାଇବା ପାଇଁ, ଦଳଗୁଡ଼ିକ ପାରସ୍ପରିକ ସହମତିରେ ଗୋଲାପୀ ବଲ୍ ବ୍ୟବହାର କରିପାରିବେ। ଏହାର ଅର୍ଥ ହେଉଛି କମ୍ କିମ୍ବା ଦୁର୍ବଳ ଆଲୋକ ଯୋଗୁଁ ମ୍ୟାଚ୍‌ଗୁଡ଼ିକ ଆଉ ବନ୍ଦ ହେବ ନାହିଁ। ପୂର୍ବରୁ କେବଳ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌ରେ ଗୋଲାପୀ ବଲ୍ ବ୍ୟବହାର କରାଯାଉଥିଲା।

୩- **ଦିବସର ଶେଷ ଓଭର**: ବର୍ତ୍ତମାନ ଟେଷ୍ଟ ମ୍ୟାଚ୍‌ରେ, ଶେଷ ଓଭରରେ ୱିକେଟ୍‌ର ପତନ ପରେ ସ୍ୱଚାଳିତ ଭାବରେ ଦିନର ଖେଳ ସମାପ୍ତ ହେବ ନାହିଁ। ଯଦି ଓଭରରେ ବଲ୍ ବାକି ଥାଏ ଏବଂ ଖେଳ ପରିସ୍ଥିତି ଉପଯୁକ୍ତ ଥାଏ, ତେବେ ଓଭର୍ ସମାପ୍ତ ହେବାଯାଏ ଖେଳ ହେବ। ପୂର୍ବରୁ ଶେଷ ଓଭରର ଯେକୌଣସି ବଲରେ ୱିକେଟ ପଡ଼ିଲେ ସେଠାରୁ ଖେଳ ବନ୍ଦ କରିଦିଆଯାଉଥିଲା।

୪- **ଓଭରଥ୍ରୋ'ର ପରିଭାଷା**: ଏବେ ଓଭରଥ୍ରୋ' ନିୟମକୁ କଡ଼ାକଡ଼ି କରାଯାଇଛି। କେବଳ ରନ ଆଉଟ୍ ଓ ରନ ଅଟକାଇବା ଉଦ୍ଦେଶ୍ୟରେ ଷ୍ଟମ୍ପ ଆଡ଼କୁ ହେଉଥିବା ଥ୍ରୋ' ମିସ୍‌ଫିଲ୍ଡ ହେଲେ ଏହାକୁ ଓଭର ଥ୍ରୋ' ଭାବେ ବିବେଚନା କରାଯିବ। ସାଧାରଣ ମିସ୍‌ଫିଲ୍ଡ କିମ୍ବା ଫିଲ୍ଡର-ଫିଲ୍ଡର ମଧ୍ୟରେ ଥ୍ରୋ'କୁ ମିସ୍ ଫିଲ୍ଡ ଭାବରେ ବିବେଚନା କରାଯିବନି।

୫- **ସମ୍ପୂର୍ଣ୍ଣ ନିୟନ୍ତ୍ରଣ**: ରନ୍‌ଆଉଟ୍ କିମ୍ବା ଷ୍ଟମ୍ପିଂ ପାଇଁ ୱିକେଟ୍‌କୁ ଭାଙ୍ଗିବା ସମୟରେ ଫିଲ୍ଡରଙ୍କୁ ବଲ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବାକୁ ପଡିବ। କେବଳ ହାତ ଟଚ୍ କରିବାକୁ ବୈଧ ବିବେଚନା କରାଯିବ ନାହିଁ।

୬- **ମହିଳା କ୍ରିକେଟ୍ ବଲ୍ ପାଇଁ ମାନଦଣ୍ଡ**: ପୁରୁଷ, ମହିଳା ଏବଂ ଜୁନିଅର କ୍ରିକେଟ୍ ପାଇଁ ବଲ୍‌ର ଆକାର ଏବଂ ଓଜନ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ ତିନୋଟି ଭିନ୍ନ ବର୍ଗ ସ୍ଥାପନ କରାଯାଇଛି।

୭- **ଟି-୨୦ରେ ଇନିଂସ ବିରତି**: ଏକ ଟି-୨୦ ମ୍ୟାଚ୍‌ରେ ଦୁଇଟି ଇନିଂସ ମଧ୍ୟରେ ୧୫ ମିନିଟ୍‌ର ବିରତି ରହିଛି। କିନ୍ତୁ ଯଦି ସମୟ କୌଣସି କାରଣ ଲାଗି ସମୟ ନଷ୍ଟ ହୋଇଥିଲେ ଏହାକୁ ୧୦ ମିନିଟ୍ ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY